

ଜଗତସିଂହପୁର ଜିଲ୍ଲାର ଗର୍ବ ଓ ଗୌରବ
ଜଳ ସଂପଦ, ସୂଚନା ଓ ଲୋକସଂପର୍କ ବିଭାଗ ମନ୍ତ୍ରୀ
ରଘୁନନ୍ଦନ ଦାସ

ସତ୍ୟ ଓ ତଥ୍ୟ ଭିତ୍ତିକ ସମ୍ବାଦ

RNI Regd No : ODIODI/2016/74122

# ସଂପର୍କବାର୍ତ୍ତା

SAMPARK BARTA — ODIA WEEKLY

www.samparkabarta.in

ଜଗତସିଂହପୁର ଜିଲ୍ଲାର ସମ୍ମାନ, ଗର୍ବ ଓ ଗୌରବ



IAS COLLECTOR
PARUL PATAWARI

| Vol.5 | Issue- 32 | January 17 to 23, 2022, | Jagatsinghpur | Page-8 | Rs. 5/- |
|---|---|---|---|---|---|
| ବର୍ଷ-୫ | ସଂଖ୍ୟା- ୩୨ | ଜାନୁଆରୀ ୧୭ ରୁ ୨୩, ୨୦୨୨, | ଜଗତସିଂହପୁର, | ପୃଷ୍ଠା-୮ | ମୂଲ୍ୟ-୫ଟଙ୍କା |


# ଖୋର୍ଦ୍ଧାରେ ଖଣିଚୋର ସାବାଡ଼୍

## ଡେୟାରିଂ ଜିଲ୍ଲାପାଳ ସଂଗ୍ରାମ ମହାପାତ୍ରଙ୍କୁ ବିଭିନ୍ନ ମହଲରେ ପ୍ରଶଂସା

**ରାମଚନ୍ଦ୍ର ମହାନ୍ତି, ରାଜ୍ୟ ପ୍ରତିନିଧି**

ଖୋର୍ଦ୍ଧା ଜିଲ୍ଲା ଏହାର ଭୌଗଳିକ ସ୍ଥିତିକୁ ନେଇ ଲଘୁ ଖଣିଜ ସମ୍ପଦରେ ଭରପୁର ଅଟେ। ଏହି ଜିଲ୍ଲାର ଖୋର୍ଦ୍ଧା, ବେଗୁନିଆ, ଟାଙ୍ଗୀ, ନିକଟବର୍ତ୍ତୀ ଅଞ୍ଚଳ ମରୋମ, ମାଙ୍କଡା ପଥର ଏବଂ ବ୍ଲାକ୍ ମେଷ୍ଟାଲ ଷ୍ଟୋନ୍‌ରେ ସମୃଦ୍ଧ ଥିବା ବେଳେ ଭୁବନେଶ୍ୱର ଏବଂ ଏହାର ନିକଟବର୍ତ୍ତୀ ବାଲିପାଟଣା ଏବଂ ବାଲିଅନ୍ତା ଭଳି ଏକ ଲଘୁ ଖଣିଜ ସମ୍ପଦରେ ଭରପୁର ଅଟେ। କିନ୍ତୁ ଅନ୍ୟ ଜିଲ୍ଲା ଭଳି ଏହି ଜିଲ୍ଲାରେ ମଧ୍ୟ ଏହି ସବୁ ଖଣିଜ ସଂପଦର ଚୋରା ଚାଲାଣକୁ ଜିଲ୍ଲା ପ୍ରଶାସନ ସମ୍ମୁଖୀନ ହୋଇଥାଏ ଏବଂ ଏହା ଜିଲ୍ଲା ପ୍ରଶାସନ ପାଇଁ ଏକ ଆହ୍ୱାନ ମଧ୍ୟ ଅଟେ। ଗତ ଡିସେମ୍ବର ୨୩ ତାରିଖରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ଜିଲ୍ଲାପାଳଙ୍କ ଅଧ୍ୟକ୍ଷତାରେ ସମସ୍ତ ରାଜସ୍ୱ ଅଧିକାରୀ ଓ ପୋଲିସ ଅଧିକାରୀଙ୍କୁ ନେଇ ଏକ ସଭା ଅନୁଷ୍ଠିତ ହୋଇଥିଲା ଯେଉଁ ସଭାରେ କି ଖୋର୍ଦ୍ଧା ଜିଲ୍ଲାର ଲଘୁ ଖଣିଜର ସୁରକ୍ଷା ଉପରେ ବିଶଦ ଆଲୋଚନା କରାଯାଇ ଲଘୁ ଖଣିଜର ସୁରକ୍ଷା ଦିଗରେ ନିରାକରଣ ସ୍ୱରୂପ ନିମ୍ନ ଲିଖିତ ପ୍ରସ୍ତାବମାନ ଗୃହୀତ ହୋଇଥିଲା। ଖୋର୍ଦ୍ଧା ଜିଲ୍ଲାର କୌଣସି ସ୍ଥାନରେ ଲଘୁ ଖଣିଜ ସମ୍ପଦର ଚୋରା ଚାଲାଣ ପ୍ରଶାସନର ଦୃଷ୍ଟିକୁ ଆସିଲେ ସରକାରଙ୍କ ଦ୍ୱାରା ପ୍ରଣିତ ଆଇନ ଅନୁସାରେ ଚୋରା ଚାଲାଣରେ ଜଡିତ ଥିବା ଯାନବାହାନ ଉପରେ ତହସିଲଦାର ଟାଙ୍ଗୀ ଓ ତହସିଲ୍‌ଦାର ଖୋର୍ଦ୍ଧାଙ୍କ ନେତୃତ୍ୱରେ ଗଠିତ ହୋଇଥିବା ସ୍ୱତନ୍ତ୍ର ଦୁଇଗୋଟି ଟିମ୍ ଦ୍ୱାରା ଚଢାଉ କରାଯାଇ ଉକ୍ତ ଯାନ, ବାହନ ଜବତ କରାଯିବା ସଙ୍ଗେ ସଙ୍ଗେ ଜବତ ହୋଇଥିବା ଯାନବାହାନର ମାଲିକଙ୍କ ଉପରେ ପ୍ରମୁଖ ଦଣ୍ଡବିଧାନ ସ୍ୱରୂପ ଉକ୍ତ ଯାନବାହାନର ମାଲିକଙ୍କ ନାମରେ ଏଫଆୟାର ଦରଜ କରାଯିବା ସଙ୍ଗେ ସଙ୍ଗେ ଛୋଟ ଯାନ କ୍ଷେତ୍ରରେ ଅତି କମ୍‌ରେ ୫୦ ହଜାର ଟଙ୍କା ଜୋରିମାନା ଧାର୍ଯ୍ୟ କରାଯାଇ ଜୋରିମାନା ଅର୍ଥ ଆଦାୟ କରାଯିବ। ନିଷ୍ପତ୍ତି ଅନୁଯାୟୀ ଜବତ ଗାଡିଗୁଡିକର ମାଲିକ ମାନଙ୍କର ସବିଶେଷ ତଥ୍ୟ ହାସଲ କରି ସେମାନଙ୍କ ବିରୁଦ୍ଧରେ ସରକାରୀ ସମ୍ପତ୍ତି ଚୋରି ଏବଂ ଲୁଟ କରିଥିବାରୁ ଆଇନ ଅନୁଯାୟୀ ଦଣ୍ଡବିଧାନ ତଥା ଗାଡି ଗୁଡିକର ରେଜିଷ୍ଟ୍ରେସନ୍ ବାତିଲ ଓ ବାଜ୍ୟାପ୍ତି ନିମନ୍ତେ ଆବଶ୍ୟକୀୟ ପଦକ୍ଷେପ ଗ୍ରହଣ କରାଯିବ।

ଓଏମ୍‌ଏସ୍‌ସି ନିୟମ-୫୧ ଅନୁସାରେ ବେନିୟମ ଭାବେ ସରକାରୀ ଜମିରୁ ଉତ୍ତୋଳିତ ଲଘୁ ଖଣିଜର ପରିମାଣକୁ ମାପି ଉକ୍ତ ଖଣିଜ ସମ୍ପତ୍ତିର ଚୋରି ମୂଲ୍ୟ ବାବଦରେ ବେଆଇନ୍ ଉତ୍ତୋଳନକାରୀଙ୍କ ଠାରୁ ଧାର୍ଯ୍ୟ ମୂଲ୍ୟ ଆଦାୟ କରାଯିବା ସହିତ ସେମାନଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ସ୍ୱରୂପ ଦୁଇ ବର୍ଷ ଜେଲ୍ ଦଣ୍ଡ ଓ ୫ ହଜାର ଟଙ୍କା ଜୋରିମାନା ଆଦାୟ କରାଯିବ। ଅଧିକନ୍ତୁ ଜିଲ୍ଲା କୃଷି ଅଧିକାରୀ ଜିଲ୍ଲାର ସମସ୍ତ କୃଷିଜୀବୀଙ୍କ କୃଷି କ୍ଷେତ୍ରର ଗସ୍ତ କରି ସେମାନେ ବ୍ୟବହାର କରୁଥିବା ପାୱାରଟିଲର ମେସିନ୍‌ଗୁଡିକୁ ପ୍ରତ୍ୟେକ୍ଷ ଯାଞ୍ଚ କରି ଏହା ଲଘୁ ଖଣିଜ ସମ୍ପତ୍ତି ଉତ୍ତୋଳନ ପାଇଁ ବ୍ୟବହାର କରାଯାଉଛି କି ନାହିଁ ମତାମତ ପ୍ରଦାନ କରିବେ ଯାହା ଅନୁସାରେ କି ଆବଶ୍ୟକୀୟ କାର୍ଯ୍ୟାନୁଷ୍ଠାନ ନିଆଯିବ। ଜିଲ୍ଲାପାଳଙ୍କ ନିର୍ଦ୍ଦେଶ ଅନୁସାରେ ଆବଶ୍ୟକୀୟ ପଦକ୍ଷେପ ନେଇ ଜିଲ୍ଲା କୃଷି ଅଧିକାରୀ ନିଜର ରିପୋର୍ଟରେ ଦର୍ଶାଇଛନ୍ତି ଯେ, (ପୃଷ୍ଠା-୨)



ଜିଲ୍ଲାପାଳ



### ପ୍ରାୟ ୩ ସପ୍ତାହରେ ୭୩୭ ଥର ଚଢାଉ, ୪୫୫ ଯାନ ଜବତ, ୧ କୋଟି ୭୧ ଲକ୍ଷ ଜୋରିମାନା ଆଦାୟ

## କରୋନାକୁ ଗଞ୍ଜେଇ



ଭୁବନେଶ୍ୱର(ସଂପର୍କବାର୍ତ୍ତା):- କରୋନାକୁ ରୋକିବାରେ ବା ଜବତ କରିବାରେ ସକ୍ଷମ ହେବ ଗଞ୍ଜେଇ। କରୋନା ଭୂତାଣୁକୁ ମାରିବାରେ କ୍ଷମତା ରଖୁଛି ଗଞ୍ଜେଇ। ଏହା ଜାଣିବା ପରେ ଆପଣଙ୍କୁ ଆଶ୍ଚର୍ଯ୍ୟ ଲାଗୁଥାଇ ପାରେ। ହେଲେ ଏହା ସତ। ଆମେରିକାର କିଛି ବିଶେଷଜ୍ଞ ଏହା ଗବେଷଣା କରି ଜାଣିବାକୁ ପାଇଛନ୍ତି। ସେ କହିଛନ୍ତି ଗଞ୍ଜେଇରେ କାନାବିନ୍‌ଏଡ୍ ଏସିଡ୍ ରହିଛି, ଯାହାକି କୋଭିଡ୍-୧୯ ସୃଷ୍ଟି କରୁଥିବା (ପୃଷ୍ଠା-୨)

## ପିଅନ୍ତୁ କାଢା ଚା':ମୋଦି





ନୂଆଦିଲ୍ଲୀ(ସଂପର୍କବାର୍ତ୍ତା):- ଦେଶରେ ମହାମାରୀ କରୋନାର ୩ୟ ଲହର ସାଂଘାତିକ ସ୍ଥିତି ସୃଷ୍ଟି କରିଛି। ଦୈନିକ ସଂକ୍ରମଣ ଅଢେଇ ଲକ୍ଷ ପାର ହେଉଥିବା ବେଳେ ଦେଶର ସବୁ ମୁଖ୍ୟମନ୍ତ୍ରୀଙ୍କ ସହ ସମୀକ୍ଷା ବୈଠକ କରିଛନ୍ତି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି। ଏହି ବୈଠକରେ ମୋଦି ପ୍ରଥମେ ରାଜ୍ୟଗୁଡିକର କରୋନା ସ୍ଥିତି ସଂପର୍କରେ ତଥ୍ୟ ସଂଗ୍ରହ କରିଥିଲେ। ଏହାପରେ ସଂକ୍ରମଣକୁ ରୋକିବା ପାଇଁ ମୁଖ୍ୟମନ୍ତ୍ରୀମାନଙ୍କୁ (ପୃଷ୍ଠା-୨)


## ଜଗତସିଂହପୁର ଜିଲ୍ଲାର ସମସ୍ତ ଧାନ ଚାଷୀମାନଙ୍କ ନିମନ୍ତେ ସୂଚନା

ସେବା ସମବାୟ ସମିତି ମଣ୍ଡିରେ କ୍ରୟ କରାଯିବାକୁ ଥିବା ଧାନ ବ୍ୟାବସାୟ ଉପଯୋଗୀ, ଖାଦ୍ୟ ଉପଯୋଗୀ, ଶୃଙ୍ଖଳା, ପରିଷ୍କାର, ସମରଙ୍ଗ, ସମକିସମ ଏବଂ ସମ ଆକାରର ହୋଇଥିବା ଆବଶ୍ୟକ। ଏହା ପୋକରା, ଦୁର୍ଗନ୍ଧ ଓ ବିଶାକ୍ତ ପଦାର୍ଥ ମୁକ୍ତ ହୋଇଥିବା ଆବଶ୍ୟକ। ସାଧାରଣ ମାନର ଧାନ ନିମିତ୍ତ ନିମ୍ନଲିଖିତ ପରିସୀମା ମଧ୍ୟରେ ବାହ୍ୟ ପଦାର୍ଥ ମୁକ୍ତ ହୋଉଥିବା ଆବଶ୍ୟକ। ସାଧାରଣ ମାନର ଧାନ ନିମିତ୍ତ ନିମ୍ନଲିଖିତ ପରିସୀମା ମଧ୍ୟରେ ବାହ୍ୟ ପଦାର୍ଥ ତଥା ଆର୍ଦ୍ରତା ଥିଲେ ତାହା ଗ୍ରହଣରେଯୋଗ୍ୟ ହେବ। FAQ ମାନର ଧାନ ବିକ୍ରୟ କରି ଉପଯୁକ୍ତ ମୂଲ୍ୟ ପାଇବାର ସୁଯୋଗ ନିଅନ୍ତୁ। ଧାନ ବିକ୍ରୟ ନିମନ୍ତେ ପଞ୍ଜିକୃତ ଚାଷୀଙ୍କ ମୋବାଇଲ ମାଧ୍ୟମରେ ୧୫ ଦିନ ପୂର୍ବରୁ ଆଗୁଆ ଟୋକେନ୍ ପ୍ରଦାନର ତଥ୍ୟ SMS ଜରିଆରେ ନିଶ୍ଚିତ ପ୍ରେରଣ କରାଯିବ। ଏଥି ସହିତ ସେବା ସମବାୟ ସମିତିରେ ଟୋକନ୍ ସମ୍ବନ୍ଧୀୟ ତଥ୍ୟ ଉପଲବ୍ଧ ହେବ।

**ଏଫ୍.ଏ.କ୍ୟୁ(F.A.Q.)ଧାନର ମାନ**

| କ୍ର.ନଂ | ଧାନରେ ମିଶ୍ରିତ ବାହ୍ୟ ପଦାର୍ଥ | ସର୍ବୋଚ୍ଚ ସୀମା(ଶତକଡାରେ) |
|---|---|---|
| ୧ (କ) | ବାଲି, ମାଟି ଗୋଡି, ପଥର ଧୂଳି ଆଦି ଅଜୈବିକ ପଦାର୍ଥ ଇତ୍ୟାଦି | ୧ % |
| (ଖ) | କାଠି,କୁଟା,ଧୂଷ, ଅଗାଡି,ପୋଲା ଆଦି ଜୈବିକ ପଦାର୍ଥ ଇତ୍ୟାଦି | ୧ % |
| ୨. | ଖରାପ, ବେରଙ୍ଗି, ପାଣିଫୁଲା ବା ପୋକା ( *ଖରାପ, ପାଣିଫୁଲା ଏବଂ ପୋକା ୪ % ରୁ ଉର୍ଦ୍ଧ୍ୱ ହେବ ନାହିଁ ) * | ୫ % |
| ୩ | ଅପରିପକ୍ୱ, କଞ୍ଚା ବା ସବୁଜ, ବଙ୍କା ବା ସଙ୍କୁଚିତ ଧାନ | ୩ % |
| ୪. | ଗ୍ରେଡ -ଏ ସରୁ ଧାନରେ ମିଶ୍ରିତ ମୋଟା ଧାନର ପରିମାଣ | ୬ % |
| ୫. | ଆର୍ଦ୍ରତା ବା ଜଳୀୟ ଅଂଶ | ୧୭ % |

ଧାନର ସର୍ବନିମ୍ନ ସହାୟକ ମୂଲ୍ୟ (ଏଫ. ଏ. କ୍ୟୁ) - ସରକାରଙ୍କ ଦ୍ୱାରା ଚଳିତ ୨୦୨୧-୨୨ ଖରିଫ ବିପଣନ ବର୍ଷ ପାଇଁ ଧାନର ନିର୍ଦ୍ଧାରିତ ସର୍ବନିମ୍ନ ସହାୟକ ମୂଲ୍ୟ ନିମ୍ନରେ ପ୍ରଦତ୍ତ କରାଗଲା।

ଧାନ କ୍ରୟ ବିକ୍ରୟ ବାବଦରେ କୌଣସି ଅଭିଯୋଗ କରିବାକୁ ଚାହିଁଲେ ରାଜ୍ୟ ସ୍ତରୀୟ ଟୋଲ ଫ୍ରି ନଂ- ୧୯୬୭ ରେ ଯୋଗାଯୋଗ କରନ୍ତୁ

**ଧାନର ସର୍ବନିମ୍ନ ସହାୟକ ମୂଲ୍ୟ ( M.S.P)**

| ଧାନର କିସମ | କ୍ୱିଣ୍ଟାଲ ପ୍ରତି ମୂଲ୍ୟ |
|---|---|
| ସାଧାରଣ | ଟ. ୧୯୪୦.୦୦ଙ୍କା |
| ଗ୍ରେଡ୍- ଏ | ଟ. ୧୯୬୦.୦୦ଙ୍କା |

ଜିଲ୍ଲା ପ୍ରଶାସନ, ଜଗତସିଂହପୁର
ନିୟନ୍ତ୍ରିତ ବଜାର କମିଟି, ଜଗତସିଂହପୁର


## ଜଗତସିଂହପୁର ପୁସ୍ତକ ମେଳା




ଜଗତସିଂହପୁର(ରାମଚନ୍ଦ୍ର ମହାନ୍ତି, ରାଜ୍ୟ ପ୍ରତିନିଧି):- ଶନିବାର ପୂର୍ବାହ୍ନରେ ଜଗତସିଂହପୁର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟର ସଦ୍‌ଭାବନା ସଭାଗୃହରେ ଜଗତସିଂହପୁର ୨୩ ତମ ପୁସ୍ତକ ମେଳା-୨୦୨୨ର ସାରସ୍ୱତ ସମାରୋହ ଆଭାସୀ ମାଧ୍ୟମରେ ଅନୁଷ୍ଠିତ ହୋଇଯାଇଅଛି। ଏହି ଉତ୍ସବରେ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଜଗତସିଂହପୁର ସାଂସ୍କୃତିକ ପରିଷଦର ଅଧ୍ୟକ୍ଷ୍ୟା ତଥା ଜିଲ୍ଲାପାଳ (ପୃଷ୍ଠା-୨)

## ଜିଲ୍ଲାରେ ନୋଡାଲ୍ ଅଫିସର-ଡିଜିପି

ଭୁବନେଶ୍ୱର(ପରମେଶ୍ୱର ଦାଶ):- ରାଜ୍ୟରେ ହେବାକୁଥିବା ପଞ୍ଚାୟତ ନିର୍ବାଚନ ନେଇ ଡିଜିପିଙ୍କ ସହ ନିର୍ବାଚନ କମିଶନଙ୍କ ବୈଠକ ଶେଷ ହୋଇଛି। ବୈଠକ ପରେ କରିବା ପାଇଁ ନୋଡାଲ୍ ଅଫିସର୍ ନିଯୁକ୍ତ ହେବେ। ପ୍ରତି ଜିଲ୍ଲାରେ ଜଣେ ଲେଖାଏଁ ନୋଡାଲ୍ ଅଫିସରଙ୍କୁ ନିଯୁକ୍ତି କରାଯିବା। ପଞ୍ଚାୟତ ନିର୍ବାଚନ ସହିତ ଅନ୍ୟ ୫ ରାଜ୍ୟର

### କୋଭିଡ୍ ନିୟମ ପାଳନ ତଦାରଖ

ପୋଲିସ୍ ଡିଜି ସୁନିଲ୍ ବଂଶଲ କହିଛନ୍ତି ଯେ, ଆଇନ୍ ଶୃଙ୍ଖଳା ସହିତ କୋଭିଡ୍ ପ୍ରୋଟକଲ୍ ଅନୁପାଳନ ନେଇ ବିସ୍ତୃତ ଆଲୋଚନା ହୋଇଛି। ଏହି ନିର୍ବାଚନ ଆମ ପାଇଁ ଏକ ଆହ୍ୱାନ। କୋଭିଡ୍ ନିୟମ ସଠିକ୍ ଭାବେ ଅନୁପାଳନ ହେଉଛି କି ତା'ର ତଦାରଖ ନିର୍ବାଚନ ପାଇଁ ଓଡ଼ିଶା ପୋଲିସ୍‌ର ଯୋଗଦାନ ରହିଛି। ସ୍ଥିତିକୁ ଦେଖି ଏହି ପଞ୍ଚାୟତ ନିର୍ବାଚନରେ କେତେ ସଂଖ୍ୟକ ପୋଲିସ୍ ଫୋର୍ସ ନିୟୋଜିତ ହେବେ ପରବର୍ତ୍ତୀ ସମୟରେ ନିଷ୍ପତ୍ତି ନିଆଯିବ ବୋଲି ଡିଜିପି କହିଛନ୍ତି।



# ଭୁବନେଶ୍ୱର ମେୟର, ୩ ମହିଳା ଚର୍ଚ୍ଚାରେ

**ଭୁବନେଶ୍ୱର(ରାମଚନ୍ଦ୍ର ମହାନ୍ତି, ରାଜ୍ୟ ପ୍ରତିନିଧି)**

ରାଜଧାନୀରେ ପ୍ରଥମ ଥର ପାଇଁ ମହିଳା ମେୟର ହେବା ଖବର ପ୍ରସାରିତ ହେବା ପରେ ସମଗ୍ର ରାଜଧାନୀରେ ଖୁସିର ଲହରୀ ଖେଳାଇ ଦେଇଛି। ବିଶେଷ କରି ମହିଳାମାନଙ୍କ ମଧ୍ୟରେ ଖୁସିର ଲହରୀ ଖେଳାଇଦେଇଥିବା ଲକ୍ଷ୍ୟ କରାଯାଉଛି। ଏହା ଅନେକ ଦିନରୁ ଲାଗି ରହିଥିବା ଦ୍ୱନ୍ଦ୍ୱରୁ ପରଦା ହଟାଇଛି। ଭୁବନେଶ୍ୱର ମେୟର ପଦବୀ ମହିଳାଙ୍କ ପାଇଁ ସଂରକ୍ଷିତ ରହିବା ନେଇ ଚାଲିଥିବା ଜୋର୍‌ଦାର ଚର୍ଚ୍ଚାର ଅନ୍ତ ଘଟିଛି। ଚଳିତ ଥର ରାଜଧାନୀ ଭୁବନେଶ୍ୱରରେ ମହିଳା ମେୟର ହେବା ନେଇ ନଗର ଉନ୍ନୟନ ବିଭାଗ ପକ୍ଷରୁ ବିଜ୍ଞପ୍ତୀ ପ୍ରକାଶ କରାଯାଇଛି। ଏହି ଖବର ପ୍ରଚାର ହେବା ମାତ୍ରେ, ୩ ଜଣ ମହିଳାଙ୍କ ନାଁ ଚର୍ଚ୍ଚାକୁ ଆସିଛି ଏବଂ ରାଜନୈତିକ ମହଲରେ ମଧ୍ୟ ଚର୍ଚ୍ଚା ଆରମ୍ଭ ହୋଇଛି। ସେମାନେ ହେଲେ ଇତିରାଣୀ ସାମନ୍ତ, ଶ୍ରୀମୟୀ ମିଶ୍ର ଏବଂ ସୁସ୍ମିତା ବାଗ୍‌ଚୀ।

୧୯୭୦ କଟକରେ ଜନ୍ମିତ, ମାସିକ ପ୍ରକାଶିତ ପାରିବାରିକ ପତ୍ରିକା "କାଦମ୍ବିନୀ"ର ସଂପାଦିକା ତଥା କନ୍ଧମାଳ ସାଂସଦ ଅଚ୍ୟୁତ ସାମନ୍ତଙ୍କ ଭଉଣୀ ଇତିରାଣୀ ସାମନ୍ତଙ୍କୁ କୌଣସି ପରିଚୟ ଆବଶ୍ୟକ ନାହିଁ। ତାଙ୍କ ପତ୍ରିକା "କାଦମ୍ବିନୀ" ଓ କଥାଚିତ୍ର ଓଡ଼ିଶାରେ ଘରେ ଘରେ ପରିଚିତ। ସେ ଜଣେ ସୁଲେଖିକା, ସାମ୍ବାଦିକା ଏବଂ ସିନେମା ପ୍ରଯୋଜକ। ସେ ୨୦୧୪ ମସିହାରେ ଭଲ ଗଳ୍ପ ଲେଖିକା ଭାବେ ଓଡ଼ିଶା ଫିଲ୍ମ ଫେୟାର ପୁରସ୍କାରରେ ପୁରସ୍କୃତ ହୋଇଥିଲେ। ସେହିପରି ସିନେମା "କଥାନ୍ତର" ପାଇଁ ଭଲ ପ୍ରଯୋଜକ ଭାବେ ଇତିରାଣି ପୂର୍ବତନ ରାଷ୍ଟ୍ରପତି ପ୍ରତିଭା ପାଟିଲ୍‌ଙ୍କ ଠାରୁ ରାଷ୍ଟ୍ରୀୟ ପୁରସ୍କାର ଗ୍ରହଣ କରିଛନ୍ତି। ବିଗତ କିଛିଦିନ ହେବ ଇତି ସୋସିଆଲ୍ ମିଡିଆରେ ଖୁବ୍ ସକ୍ରିୟ ଅଛନ୍ତି। ସେ ବିଭିନ୍ନ ସାମାଜିକ କାର୍ଯ୍ୟକ୍ରମରେ ମଧ୍ୟ (ପୃଷ୍ଠା-୨)



ଇତିରାଣୀ ସାମନ୍ତ



ସୁସ୍ମିତା ବାଗ୍‌ଚୀ



ଶ୍ରୀମୟୀ ମିଶ୍ର

## ଦୁଇ ବିଧାୟକଙ୍କ ଝଗଡାରେ ମହିଳାଙ୍କ ପଡିଲା ପାଲି

ସୂଚନା ଥାଉକି ବିଗତ ଦିନରେ ବିଜେଡି ଦଳର ଦୁଇ ମେୟର ଆଶାୟୀ ପ୍ରାର୍ଥୀଙ୍କ ମଧ୍ୟରେ ଚାଲିଥିବା ଜୋର୍‌ଦାର ଲଢେଇ। ସେମାନେ ହେଲେ ଭୁବନେଶ୍ୱର ପରିଚିତ ପୂର୍ବତନ କର୍ପୋରେଟର ଅମରେଶ ଜେନା(ବାଇଁଆ) ଓ ବିରଞ୍ଚି ନାରାୟଣ ମହାସୁପକାର(ଲିଟୁ)। ବିଜେଡି ଦଳର ଲଗାମ ଧରିଥିବା ଓ ସବୁକିଛି ବୁଝୁଥିବା ଜଣେ ଯୁବ ବିଧାୟକ ଅମରେଶ ଜେନା(ବାଇଁଆ)ଙ୍କୁ ପ୍ରତିଶ୍ରୁତି ଦେଇ ମେୟର ହେବାର ଗୋଲି ଦେଇଥିଲେ। ସେହିପରି ପୂର୍ବତନ ମେୟର ତଥା ମଧ୍ୟ ବିଧାୟକ ଅନନ୍ତ ନାରାୟଣ ଜେନା ବିରଞ୍ଚି ନାରାୟଣ ମହାସୁପକାର(ଲିଟୁ)ଙ୍କୁ ମେୟର ହେବାର ଗୋଲି ଦେଇଥିଲେ। ଏହି ଦୁଇଜଣ ମେୟର ହେବାର ଗୋଲି ପାଇବା ପରେ ଦୁଇଜଣ ଆରମ୍ଭ କରିଦେଇଥିଲେ ନିଜ ନିଜର ଷ୍ଟ୍ରାଟେଜି।

କିନ୍ତୁ ଦଳ ମେୟର ପ୍ରାର୍ଥୀ ଚୟନ ପାଇଁ ଭୁବନେଶ୍ୱର ୩ ଜଣ ବିଧାୟକଙ୍କ ମତ ଲୋଡିଥିଲା। ସେଥିରେ ଅମରେଶ ଜେନା(ବାଇଁଆ)ଙ୍କୁ ବିଧାୟକ ଅନନ୍ତ ନାରାୟଣ ଜେନା ବିରୋଧ କରିଥିଲେ। ସେହିପରି (ପୃଷ୍ଠା-୨)

# ଗାନ୍ଧୀଙ୍କ ବିରୋଧରେ ବିବାଦୀୟ ବୟାନରେ କାଳୀଚରଣ ଗିରଫ



**ନୂଆଦିଲ୍ଲୀ(ସଂପର୍କବାର୍ତ୍ତା):-** ମହାତ୍ମା ଗାନ୍ଧୀଙ୍କ ବିରୋଧରେ ବିବାଦୀୟ ବୟାନ ଦେବା ଅଭିଯୋଗରେ କାଳୀଚରଣ ମହାରାଜଙ୍କୁ ପୁଣିଥରେ ଗିରଫ କରାଯାଇଛି । ବୁଧବାର ତାଙ୍କ ବିରୋଧରେ ରୁଜୁ ହୋଇଥିବା ଏକ ମାମଲାରେ ଗିରଫ କରିଛି ୱାର୍ଦ୍ଧା ପୁଲିସ । ପୁଲିସ କହିଛି ଯେ କାଳୀଚରଣ ସମାନ ଅଭିଯୋଗରେ ଆଉ ଏକ ମାମଲାରେ ତାଙ୍କ ରାୟପୁର ଜେଲରେ ରଖାଯାଇଥିଲା କାଳୀଚରଣ ମହାରାଜଙ୍କୁ ୱାର୍ଦ୍ଧା ସ୍ଥିତ ସ୍ଥାନୀୟ ମାଜିଷ୍ଟ୍ରେଟ କୋର୍ଟରେ ହାଜର କରାଯାଇଥିଲା ସେହିଠାରୁ ତାଙ୍କୁ ନ୍ୟାୟିକ ହେପାଜତକୁ ୱାର୍ଦ୍ଧା ସହର ଥାନାରେ ୨୯ ଡିସେମ୍ବର, ୨୦୨୧ରେ ଏକ ମାମଲା ରୁଜୁ କରାଯାଇଥିଲା ଏହା ପୂର୍ବରୁ କାଳୀଚରଣ ମହାରାଜଙ୍କୁ ରାୟପୁର ପୁଲିସ ଗତ ବର୍ଷ ଡିସେମ୍ବର ୨୬ରେ ସେଠାରେ ଏକ ସମାରୋହରେ ମହାତ୍ମା ଗାନ୍ଧୀଙ୍କୁ ନେଇ ବିବାଦୟ ବୟାନ ଦେବା ପରେ ଗିରଫ କରିଥିଲା ମହାରାଷ୍ଟ୍ରର ମଧ ଅକୋଲା ପୁଲିସ ତାଙ୍କ ବିରୋଧରେ ଏକ ମାମଲା ରୁଜୁ କରିଥିଲେ । ଅନ୍ୟ ପଟେ ୧୯ଡିସେମ୍ବର ୨୦୨୧ରେ ପ୍ରଣେରେ ଆୟୋଜିତ ହୋଇଥିବା ଶିବ ପ୍ରତାପ ଦିନେ ଉତ୍ତେଜନାମୂଳକ ଭାଷଣ ଦେବା ଅଭିଯୋଗରେ ଜଣେ ପୁଲିସ ଗତ ସପ୍ତାହରେ କାଳୀଚରଣ ମହାରାଜଙ୍କୁ ଗିରଫ କରିଥିଲେ । ୧୬୫୯ ମସିହାରେ ଛତ୍ରପତି ଶିବାଜୀ ମହାରାଜଙ୍କ ଦ୍ୱାରା ଆଫଜାଲ ଖାନଙ୍କ ହତ୍ୟାକୁ ସ୍ମରଣ କରିବା ପାଇଁ ଏହି କାର୍ଯ୍ୟକ୍ରମ କରାଯାଇଥିଲା ତେବେ ପୁଣେ କୋର୍ଟ ଶୁକ୍ରବାର ଦିନ କାଳୀଚରଣ ମହାରାଜଙ୍କୁ ଜାମିନ ପ୍ରଦାନ କରିବା ପରେ ତାଙ୍କୁ ରାୟପୁର ଜେଲକୁ ପଠାଯାଇଛି । ୱାର୍ଦ୍ଧା ପୁଲିସ ବୁଧବାର ଦିନ ଏକ ୱାରେଣ୍ଟ ଦାଖଲ କରି ତାଙ୍କୁ ରାୟପୁରରୁ ଗିରଫ କରିଛି ।

# ଚୀନ୍ ସହ ଯୁଦ୍ଧ ହେଲେ ଭାରତର ବିଜୟ ନିଶ୍ଚିତ



**ନୂଆଦିଲ୍ଲୀ(ସଂପର୍କବାର୍ତ୍ତା):-** ବାର୍ଷିକ ଆର୍ମି ଦିବସ ଅବସରରେ ସ୍ଥଳ ସେନା ମୁଖ୍ୟ ଜେନେରାଲ ଏମ୍.ଏମ୍. ନରଭାଣେ ବୁଧବାର ଲଦାଖ ସୀମାରେ ଭାରତ ନିଜର ସ୍ଥିତି ମଜଭୁତ କରିସାରିଥିବାର ଗଣମାଧ୍ୟମକୁ ସୂଚିତ କରିଛନ୍ତି । ଆୟୋଜିତ ସାମ୍ବାଦିକ ସମ୍ମିଳନୀକୁ ସମ୍ବୋଧିତ କରି ଏଠାରେ ଯୁଦ୍ଧ ହିଁ ଶେଷ ବିକଳ୍ପ ଓ ଚୀନ୍ ସହ ଜାରି ସୀମା ଜାରି ସୀମା ବିବାଦର ସମାଧାନ ଲାଗି ଏପର୍ଯ୍ୟନ୍ତ କଥାବାର୍ତ୍ତା ଜାରି ରହିଛି ତେବେ ଯେଉଁ ପର୍ଯ୍ୟନ୍ତ ନର୍ଭନ ପ୍ରସ୍ତର କଥା ଗତ ୧୮ମାସରେ ସେକ୍ଷେତ୍ରରେ ଆମର ସୈନ୍ୟ ଶକ୍ତି ବେଶ ମଜଭୁତ କରିପାରିଛୁ ବୋଲି ନରଭାଣେ କହିଛନ୍ତି । ସେନାମୁଖ୍ୟ ଉତ୍ତର ଓ ପଶ୍ଚିମ ସୀମାରେ ଏବେକାର ପରିସ୍ଥିତି ନେଇ ମଧ ସୂଚନା ଦେଇଛନ୍ତି । ସୀମାରେ ଚୀନ ଯଥାସ୍ଥିତି ବଦଳାଇବାକୁ କରିଥିବା ଉଦ୍ୟମକୁ ଭାରତୀୟ ସେନା ଉଚିତ ଜବାବ ଦେଇଛନ୍ତି । କ୍ଷେତ୍ରରେ ଏବେ ଆମର ୨୫ ହଜାର ଅତିରିକ୍ତ ସୈନିକ ମୁତୟନ ଥିବା ବେଳେ ସମ୍ପୃକ୍ତ କ୍ଷେତ୍ରକୁ ମଜଭୁତ ଯୋଗାଯୋଗ ନିମନ୍ତେ ଆମେ ପୋଲ, ଟନେଲ ଓ ସଡକ ନିର୍ମାଣ କରିଥିବା କହିଛନ୍ତି । ଏହା ଛଡା କୌଣସି ବି ପରିସ୍ଥିତିର ମୁକାବିଲା ଲାଗି କ୍ଷେତ୍ରରେ ଇନ୍ଧନ, ତୈଳ ଓ ଗୋଳାବାରୁଦ ଭଣ୍ଡାର ମଧ ରହିଛି । ମୋଟ ଉପରେ ସେଠାରେ ଏବେ ଆମ ସ୍ଥିତି ବେଶ ଭଲ ବୋଲି କହିଛନ୍ତି । ତେବେ ସେଠାରେ ଆମେ କେବଳ ଗଲୱାନ ଉପରେ ଆମର ଧ୍ୟାନ କେନ୍ଦ୍ରିତ କରିନାହିଁ ସମ୍ପୂର୍ଣ୍ଣ ଉତ୍ତର ସୀମା ଉପରେ ମଧ ଆମର ନଜର ରହିଛି । ତେଣୁ କେବଳ ସୈନ୍ୟ ବଳ ନୁହେଁ ଅସ୍ତ୍ରଶସ୍ତ୍ର ମଧ ମୁତୟନ କରିଥିବା କହିଛନ୍ତି । ଏଣୁ ଅସ୍ତ୍ରଶସ୍ତ୍ର ସଂଖ୍ୟା ବୃଦ୍ଧି ହେଉଥିବାରୁ ସେଠାରେ ଭିତ୍ତିଭୂମି ନିର୍ମାଣ ମଧ ନିର୍ମାଣ ହୋଇଛି । ଭାରତ ଓ ଚୀନ ମଧ୍ୟରେ ସୀମାରେ ଶାନ୍ତି କାୟମ ଲାଗି ଏ ପର୍ଯ୍ୟନ୍ତ ଆଲୋଚନା ଜାରି ରହିଛି । ଏଠାରେ ଏହା ଜରୁରି ମଧ କାରଣ ଏହା ଏକ ମେକାନିଜିମ ଜଣେ ଜଣକର ଉଦ୍ଦେଶ୍ୟ ବୁଝିବା ଲାଗି ଏହା ମଧ ଜରୁରି । ଏଥିରେ ଯେବେବି ଦୁଇ ପକ୍ଷଙ୍କ ମଧ୍ୟରେ ଆଲୋଚନା ହେଉଛି ଉଭୟପକ୍ଷଙ୍କ ମଧ୍ୟରେ ଦୂରତା ମଧ ହ୍ରାସ ହେଉଛି । ତେବେ ସବୁ ଆଲୋଚନା ଯେ ସଫଳ ହେବ ତାହା କହିବା ନପାରେ ବୋଲି ସେ କହିଛନ୍ତି । ଯଦି ଯୁଦ୍ଧ ପରିସ୍ଥିତି ଉପୁଜେ ତେବେ ଆମର ଜିତ୍ ନିଶ୍ଚିତ ବୋଲି ସେ କହିଛନ୍ତି ।

# ଭାରତ ସହ ଆସନ୍ତା ୧୦୦ ବର୍ଷ ପର୍ଯ୍ୟନ୍ତ ଶତ୍ରୁତା କରିବୁନି-ପାକିସ୍ତାନ



**ନୂଆଦିଲ୍ଲୀ(ସଂପର୍କବାର୍ତ୍ତା):-** ଭାରତ ସହ ଆସନ୍ତା ୧୦୦ ବର୍ଷ ପର୍ଯ୍ୟନ୍ତ ଶତ୍ରୁତା କରିବନି, ବରଂ ବେପାର ବଣିଜ କରି ଭାରତ ସହ ଅର୍ଥନୈତିକ ସଂପର୍କ ବଢାଇବ ବୋଲି ପାକିସ୍ତାନ କହୁଛି । ଏହା ପାକିସ୍ତାନର ପଶ୍ଚାତାପ ଅଥବା ଏକ ନୂଆ ଛଳନା ତାହା ସମୟ କହିବ । ପାକିସ୍ତାନ ପକ୍ଷରୁ ପ୍ରସ୍ତୁତ ନୂଆ ଜାତୀୟ ସୁରକ୍ଷା ନୀତିରେ ଏ କଥା କୁହାଯାଇଛି । ଏଥିରେ କୁହାଯାଇଛି ଯେ କଶ୍ମୀର ପ୍ରସଙ୍ଗରେ କୌଣସି ବୁଝାମଣା ନ ହୋଇ ମଧ ପାକିସ୍ତାନ ଭାରତ ସହ ବାଣିଜ୍ୟକ କାରବାର ଆରମ୍ଭ କରିବ । ନିଜ ପଡୋଶୀ ଦେଶମାନଙ୍କ ସହ ସୁସମ୍ପର୍କ ରକ୍ଷା କରି ଆର୍ଥିକ କୂଟନୀତି ଉପରେ ଗୁରୁତ୍ୱ ଦିଆଯିବ । ଆସନ୍ତା ୧୦୦ ବର୍ଷ ପର୍ଯ୍ୟନ୍ତ ଭାରତ ସହ ଶତ୍ରୁତା ନ କରି ସୁସଂପର୍କ ରକ୍ଷା କରାଯିବ । ଆସନ୍ତା ଶୁକ୍ରବାର ଦିନ ଏହି ଜାତୀୟ ସୁରକ୍ଷା ନୀତିକୁ ପ୍ରକାଶ କରାଯିବ । ଗୁରୁତ୍ୱର ଆର୍ଥିକ ସଂକଟ ଦେଇ ଗତିକରୁଥିବା ପାକିସ୍ତାନ ଏବେ ଅସ୍ତିତ୍ୱ ପାଇଁ ସଂଘର୍ଷ କରୁଛି । ଆତଙ୍କବାଦ ଯୋଗୁଁ ଅନ୍ତର୍ଜାତୀୟ ସ୍ତରରେ ଏକଘରକିଆ ହୋଇପଡିବା ଓ ଏଫଏଟିଏଫର ଧୂସର ତାଲିକାରେ ଥିବା ପାକିସ୍ତାନର ଅର୍ଥନୀତି ଏବେ ଦେବାଳିଆ ସ୍ଥିତିରେ ପହଞ୍ଚିଯାଇଛି । ଏ ପରିପ୍ରେକ୍ଷୀରେ ଭାରତରେ ସହ ଶତ୍ରୁତା ଅପେକ୍ଷା ସୁସଂପର୍କ ରକ୍ଷା କରି ଉନ୍ନତି କରିବାକୁ ପାକିସ୍ତାନ ଚାହିଁଛି ତେବେ ସେଠାରେ ପାକିସ୍ତାନ ଏପରି କରିବାକୁ ଚାହିଁଛି ବା ଏହା ପଛରେ କୌଣସି ଷଡଯନ୍ତ୍ର ଅଛି ତାହା ସମୟ କହିବ ।

# ହାହାକାର ସ୍ଥିତି, ଆଳୁ ୨୦୦, କଞ୍ଚା ଲଙ୍କା କେଜି ୭୦୦ଟଙ୍କା



**ନୂଆଦିଲ୍ଲୀ(ସଂପର୍କବାର୍ତ୍ତା):-** ଭାରତର ପଡୋଶୀ ଶ୍ରୀଲଙ୍କାରେ ହାହାକାର ସ୍ଥିତି ସୃଷ୍ଟି ହୋଇଛି । ଦେଶରେ ଖାଦ୍ୟ ସାମଗ୍ରୀଗୁଡିକର ଦାମ ଆକାଶ ଛୁଆଁ ହୋଇଛି । ମହଙ୍ଗା ମାଡରେ ଲୋକମାନେ ଆଉଟ ପାଉଟ ହେଉଛନ୍ତି । ଶ୍ରୀଲଙ୍କାରେ ସ୍ଥିତି ଏପରି ଯେ ମାସକ ମଧ୍ୟରେ ସବୁ ଖାଦ୍ୟ ସାମଗ୍ରୀ ଓ ପରିବା ଦର ୧୫ରୁ୨୦ଗୁଣ ବୃଦ୍ଧି ପାଇଛି । ମିଳିଥିବା ସୂଚନା ଅନୁଯାୟୀ, ଶ୍ରୀଲଙ୍କାରେ ପୂର୍ବରୁ ୧୦୦ଗ୍ରାମ କଂଚା ଲଙ୍କାର ଦାମ ୧୮ଟଙ୍କା ଥିଲା ହେଲେ ଏବେ ଏହା ୭୧ଟଙ୍କା ଛୁଇଁଛି । ଏହାର ଅର୍ଥ ଗୋଟିଏ କେଜି କଂଚା ଲଙ୍କାର ଦାମ ୭୧୦ଟଙ୍କାରେ ବିକ୍ରି ହେଉଛି । ଗୋଟିଏ ମାସ ମଧ୍ୟରେ କଂଚା ଲଙ୍କା ର ଦାମ ୨୮୭ଗୁଣ ବଢିଛି ସେହିପରି ବାଇଗଣର କେଜି ପିଛା ଦାମ ୫୧%, ପିଆଜର ଦାମ ୪୦, ବିନ୍ସ ଓ ଟମାଟୋର କେଜି ପିଛା ଦାମ ୧୦ଗୁଣ ବୃଦ୍ଧି ପାଇଛି । ଲୋକମାନଙ୍କୁ ଗୋଟିଏ କେଜି ଆଳୁ ପାଇଁ ୨୦୦ଟଙ୍କା ଦେବାକୁ ପଡୁଛି । ଦୁଗ୍ଧ ପାଉଡର ଆମଦାନୀ ହୋଇ ପାରୁ ନଥିବାରୁ ଶ୍ରୀଲଙ୍କାରେ ଏହାର ଅଭାବ ମଧ ଦେଖିବାକୁ ମିଳିଲାଣି । ଦୁଗ୍ଧ ପାଉଡର ଆମଦାନୀ ଆସୋସିଏସନ କହିଛି ଯେ ଜାନୁଆରୀ ଶେଷ ଯାଏ ଏପରି ଅଭାବୀ ଦେଖାଯିବ । ମାର୍କେଟରେ ଡଲାରର ମୂଲ୍ୟ ବଢୁଥିବାରୁ ଏପରି ସ୍ଥିତି ଦେଖାଯାଇଛି । ୧ କେଜି ଦୁଗ୍ଧ ପାଉଡରର ମୂଲ୍ୟ ୧୩୪୫ଟଙ୍କା ପହଂଚିଛି । ସେହିପରି ୪୦୦ଗ୍ରାମ ଦୁଗ୍ଧ ପାଉଡର ର ପ୍ୟାକେଟର ମୂଲ୍ୟ ୫୪୦ଟଙ୍କା ରହିଥାଏ ଆସେସିଏସନର ମୁଖପାତ୍ର ଅଶୋକା ଭଣ୍ଡାରା ସୂଚନା ଦେଇଛନ୍ତି । ଅନ୍ୟପରିବା ଦାମ ଦେଖିଲେ ଟମାଟୋ କେଜି ୨୦୦ଟଙ୍କା ବାଇଗଣ ୧୬୦ଟଙ୍କା ,ଭେଣ୍ଡି ୨୦୦ଟଙ୍କା , କଲରା ୧୬୦ଟଙ୍କା, ବିନ୍ସ ୩୨୦ଟଙ୍କା ବନ୍ଧା କୋବି ୨୪୦ଟଙ୍କା ,ଗାଜର୨୦୦ଟଙ୍କା ଓ କଂଚା କଦଳୀର ଦାମ୧୨୦ଟଙ୍କା ରହିଛି ।

# କୋଭିଡ -୧୯ କାରଣରୁ ମହାରାଷ୍ଟ୍ରରେ ପ୍ରାଣ ହରାଇଲେ ୨୬୫ ପୋଲିସ କର୍ମଚାରୀ, ମୁମ୍ବାଇରେ ୧୨୬



**ନୂଆଦିଲ୍ଲୀ(ସଂପର୍କବାର୍ତ୍ତା):-** କରୋନା ଭାଇରସ୍ ସମଗ୍ର ବିଶ୍ୱବାସୀଙ୍କୁ ଆତଙ୍କିତ କରି ରଖିଛି । ପ୍ରଥମ ଓ ଦ୍ୱିତୀୟ ଲହର ତୁଳନାରେ ବର୍ତ୍ତମାନ ୩ୟ ଲହର ଅଧିକ ଚିନ୍ତା ବଢାଉଛି । ଚଳିତ ମାସର ୧ତାରିଖ ଠାରୁ ଆଜି ପର୍ଯ୍ୟନ୍ତ ସଂକ୍ରମଣ ଆହୁରି ଉପରମୁହାଁ ହୋଇଛି । ମହାରାଷ୍ଟ୍ର ପୋଲିସ ପକ୍ଷରୁ କହାଯାଇଛି ଯେ କୋଭିଡ-୧୯ କାରଣରୁ ରାଜ୍ୟରେ ୨୬୫ ଜଣ ପୋଲିସ କର୍ମଚାରୀ ପ୍ରାଣ ହରାଇଛନ୍ତି । ଏଥିରୁ ମୁମ୍ବାଇରେ ସର୍ବାଧିକ ଅଛନ୍ତି । ମୁମ୍ବାଇରେ ଏ ପର୍ଯ୍ୟନ୍ତ ୧୪୬ଜଣ ପୋଲିସ କର୍ମଚାରୀ କରୋନ କାରଣରୁ ପ୍ରାଣ ହରାଇଛନ୍ତି । ରାଜ୍ୟର ବିଭିନ୍ନ ପୋଲିସ କାର୍ଯ୍ୟାଳୟରେ ମୁତୟନ ଥିବା ୨୧୪୫ଜଣ ସକ୍ରିୟ ଆକ୍ରାନ୍ତଙ୍କ ଚିକିତ୍ସା ଜାରି ରହିଛି । ୩ୟ ଲହର ସମୟରେ ମହାରାଷ୍ଟ୍ରରେ ଗତକାଲି ସର୍ବାଧିକ ୪୬ ହଜାର ୭୩୨ଜଣ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି । ଏହାରି ମଧ୍ୟରେ ମହାରାଷ୍ଟ୍ରରେ ୩୨ଜଣଙ୍କର ମୃତ୍ୟୁ ହୋଇଛି । ମହାରାଷ୍ଟ୍ରରେ ୨୪ଘଣ୍ଟାରେ ମଧ୍ୟରେ ୧୮ହଜାର ୬୫୦ ସକ୍ରିୟ ଆକ୍ରାନ୍ତଙ୍କ ସଂଖ୍ୟା ବଢିଛି । ଏଥିସହିତ ରାଜ୍ୟର ମୋଟ ସକ୍ରିୟ ଆକ୍ରାନ୍ତଙ୍କ ସଂଖ୍ୟା ୨ଲକ୍ଷ ୪୦ହଜାର ୧୨୨ରେ ପହଞ୍ଚିଛି ।

# ସ୍ତ୍ରୀ ଅଦଳବଦଳରେ ସ୍ୱାମୀର ଭଲ ବ୍ୟବସାୟ



**ନୂଆଦିଲ୍ଲୀ(ସଂପର୍କବାର୍ତ୍ତା):-** ଟଙ୍କା ପାଇଁ ନିଜ ପତ୍ନୀଙ୍କ ପରସ୍ପର ସହ କରୁଥିଲେ ଅଦଳ ବଦଳ । ଦୀର୍ଘ ଦିନ ଧରି ଏପରି କରୁଥିଲେ ସ୍ୱାମୀ ଶେଷରେ ୭ଜଣ ଯୁବକଙ୍କୁ ଗିରଫ କଲା ପୋଲିସ । ଏପରି ସାଙ୍ଘାତିକ ଘଟଣା ସାମ୍ନାକୁ ଆସିଛି କେରଳ କୋଟ୍ଟାୟମ ନିକଟସ୍ଥ କାରୁକାଚଲରେ । ସୂଚାନୁସାରେ, ପତ୍ନୀଙ୍କ ଅଦଳବଦଳ ଟେଲିଗ୍ରାମ୍ ଜରିଆରେ ଚାଲିଥିଲା ଏହି ରାକେଟରେ ଏକ ହଜାରରୁ ଅଧିକ ସାମିଲ ଅଛନ୍ତି ବୋଲି ଜଣାଯାଉଛି । ଜଣେ ମହିଳା ତାଙ୍କ ସ୍ୱାମୀଙ୍କ ବିରୋଧରେ ପ୍ରଥମେ ଅଭିଯୋଗ ଆଣିଥିଲେ । ତାଙ୍କୁ ଜୋର ଜବରଦସ୍ତି ଅନ୍ୟମାନଙ୍କ ସହ ଅପ୍ରାକୃତିକ ଯୌନ ସମ୍ପର୍କ ରକ୍ଷା ପାଇଁ କୁହାଯାଉଥିବା ଯାହାକୁ ସେ ବିରୋଧ କରି ପୋଲିସର ଦ୍ୱାରସ୍ଥ ହୋଇଥିଲେ । ଅଭିଯୋଗର ତଦନ୍ତ ବେଳେ ପୋଲିସ ଏହି ବଡ ରାକେଟର ପର୍ଦ୍ଦାଫାଶ କରିଥିଲେ । ତଦନ୍ତ ବେଳେ ମହିଳାଙ୍କ ସ୍ୱାମୀ ତାଙ୍କୁ ଅନ୍ୟମାନଙ୍କ ସହ ଶାରୀରିକ ସମ୍ପର୍କ ରଖିବାକୁ ବାଧ କରୁଥିବାର ଜଣାପଡିଥିଲେ । ରାକେଟର ସଦସ୍ୟମାନେ ଫେସ୍‌ବୁକ, ଟେଲିଗ୍ରାମ ମେସେଞ୍ଜର ଆଦି ଆପ୍ଲିକେସନ ବ୍ୟବହାର କରି ପରସ୍ପର ସମ୍ପର୍କ ପ୍ରତିଷ୍ଠା କରୁଥିଲେ । ଏଥିପାଇଁ ଦିଆନିଆ ହେଉଥିଲା ତେବେ ଯେଉଁ ଅଭିଯୁକ୍ତଙ୍କୁ କରାଯାଇଛି ସେମାନେ କୋଟ୍ଟାୟମସ ଅଲପ୍ପୁଝା ଓ ଏର୍ଣ୍ଣାକୁଲାମ ଜିଲ୍ଲାରେ ଅଟନ୍ତି । ଏଥିରେ ଅନ୍ୟ କେଉଁମାନେ ସାମିଲ ଅଛନ୍ତି ସେନେଇ ପୋଲିସ ଅଧିକ ତଦନ୍ତ ଜାରି ରଖିଛି ।

## ପ୍ରଥମ ପୃଷ୍ଠାରୁ...

### ଖୋର୍ଦ୍ଧାରେ...

ଖୋର୍ଦ୍ଧା ଜିଲ୍ଲାରେ ଗତ ୩ ବର୍ଷ ମଧ୍ୟରେ ସର୍ବମୋଟ ୪୭୭ଟି ପାୱାର ଟିଲର ପ୍ରଦାନ କରାଯାଇଛି । ଯାହା ମଧ୍ୟରୁ କି ଜିଲ୍ଲା କୃଷି ଅଧିକାରୀ ଅଦ୍ୟାବଧି ୧୧୫ ଗୋଟି ପାୱାରଟିଲର ଯାଞ୍ଚ କରିଛନ୍ତି । ଉକ୍ତ ଯାଞ୍ଚ ସମୟରେ କିଛି ପାୱାରଟିଲର ଆବଶ୍ୟକୀୟ ଯାଞ୍ଚ ନିମନ୍ତେ ଉପଲବ୍ଧ କରାଯାଇ ନଥିବାରୁ ମାଲିକମାନଙ୍କୁ ଆବଶ୍ୟକୀୟ ନୋଟିସ୍ ଦେଇ ପରବର୍ତ୍ତୀ ପଦକ୍ଷେପ ଗ୍ରହଣ କରିବା ନିମନ୍ତେ ଜିଲ୍ଲା କୃଷି ଅଧିକାରୀଙ୍କୁ ନିର୍ଦ୍ଦେଶ ଦିଆଯାଇଛି । ଗୃହିତ ପ୍ରସ୍ତାବ ଆଧାରରେ ଗତ ଡିସେମ୍ବର ୨୪ ତାରିଖ ଠାରୁ ଅଦ୍ୟାବଧି ଉକ୍ତ ନିଷ୍ପତ୍ତି ଅନୁଯାୟୀ ତହସିଲ୍‌ଦାରମାନଙ୍କ ଦ୍ୱାରା ୮୪ ଗୋଟି ଯାନ ଜବତ ହେବା ସହିତ ସର୍ବମୋଟ ୨୪ ଲକ୍ଷ ୪୧ ହଜାର ଟଙ୍କା ଅସୁଲ କରାଯାଇ ୪୫ ଜଣ ବ୍ୟକ୍ତିଙ୍କ ବିରୁଦ୍ଧରେ ଏଫଆଇଆର ରୁଜୁ କରାଯାଇଛି । ସେହିପରି ଚଳିତ ବର୍ଷ ଖୋର୍ଦ୍ଧା ଜିଲ୍ଲାରେ ଲଘୁ ଖଣିଜ ଦ୍ରବ୍ୟର ଚୋରା ଚାଲାଣକୁ ରୋକିବାକୁ ଯାଇ ୭୩୭ ଥର ଚଢାଉ କରାଯାଇ ୪୫୫ ଗୋଟି ଯାନ ଜବତ କରାଯାଇଛି ଓ ସେ ବାବଦରେ ସର୍ବମୋଟ ୧ କୋଟି ୭୦ ଲକ୍ଷ ୮୯ ହଜାର ୨୪୭ ଟଙ୍କା ଆଦାୟ କରାଯାଇଛି । ଆଗାମୀ ଦିନରେ ଜିଲ୍ଲାରେ ରାଜସ୍ୱ ବିଭାଗ ପୋଲିସ୍ ଏବଂ ଜଙ୍ଗଲ ବିଭାଗ ଦ୍ୱାରା ମିଳିତ ତଥା ସମ୍ମିଳିତ ଭାବରେ ଚଢାଉ କରାଯାଇ ବେଆଇନ୍ ଲଘୁ ଖଣିଜ ଉତ୍ତୋଳନକାରୀଙ୍କ ବିରୁଦ୍ଧରେ ଦୃଢ କାର୍ଯ୍ୟାନୁଷ୍ଠାନ ନିଆଯିବ ।

### କରୋନାକୁ...

ସାର୍ସ-କୋଭ୍-୨ ଭୂତାଣୁକୁ ମଣିଷର କୋଷରେ ପ୍ରବେଶ କରିବାକୁ ଦିଏନାହିଁ । ଗଞ୍ଜେଇ ହେଉଛି ଫାଇବର ଉତ୍ସ । ମଣିଷ ଓ ପଶୁର ଖାଦ୍ୟ ପାଇଁ ଏହା ବ୍ୟବହୃତ ହୋଇଥାଏ । ଏହାକୁ କସ୍‌ମେଟିକ୍, ବଡି ଲୋସନ୍, ଡାଏଟାରୀ ସପ୍ଲିମେଣ୍ଟ ଓ ଖାଦ୍ୟରେ ସାମିଲ୍ କରାଯାଏ ବୋଲି ଆମେରିକାର ଓରେଗନ୍ ଷ୍ଟେଟ୍ ବିଶ୍ୱବିଦ୍ୟାଳୟ ଗବେଷକ ରିଚାର୍ଡ ଭାନ୍ ବ୍ରେମେନ୍ କହିଛନ୍ତି । ଗବେଷଣା କରୁଥିବା ଟିମ୍ ଜାଣିବାକୁ ପାଇଛି ଯେ, କାନନାବିଏଡ୍ ଏସିଡ୍ ସାର୍ସ-କୋଭ୍-୨ସ୍ପାଇକ୍ ପ୍ରୋଟିନ୍‌ରେ ବାନ୍ଧି ହୋଇ ଏହି ଭୂତାଣୁକୁ ସଂକ୍ରମିତ କରିବା ଦିଗରେ ପ୍ରତିବନ୍ଧକ ସାଜିଥାଏ । ଏହି ଗବେଷଣା ରିପୋର୍ଟ ଜର୍ଣ୍ଣାଲ୍ ଅଫ୍ ନାଚୁ୍ୟରାଲ୍ ପ୍ରଡକ୍ଟରେ ପ୍ରକାଶ ପାଇଛି ।

ଗଞ୍ଜେଇକୁ ସମସ୍ତେ ନିଶା ଭାବେ ବିବେଚନା କରନ୍ତି । ହେଲେ ଏହାର ଅନେକ ଔଷଧୀୟ ଗୁଣ ରହିଛି । ଅନେକ ଦେଶରେ ଗଞ୍ଜେଇ ଚାଷ ଓ ଉତ୍ପାଦନକୁ ମଧ ଅନୁମତି ଦିଆଯାଇଛି । ତେବେ ଗଞ୍ଜେଇରେ ଥିବା କାନାବିଗେରୋଲ୍ ଏସିଡ୍ ବା ସିବିଡିଏ ଓ ସ୍ପାଇକ୍ ପ୍ରୋଟିନ୍ ହେଉଛି ସମାନ ଔଷଧ, ଯାହା କୋଭିଡ୍ ବିରୋଧୀ ଟିକା ଏବଂ ଆଣ୍ଟିବଡି ଥେରାପିରେ ବ୍ୟବହୃତ ହୁଏ ।

ରିଚାର୍ଡ ଭାନ ବ୍ରେମେନ କହିଛନ୍ତି ଯେ ହେମ୍ପରେ ପ୍ରଚୁର ପରିମାଣର କାନାବିନ୍‌ଏଡ୍ ଏସିଡ୍ ରହିଥାଏ । ସେଗୁଡିକ ଗଞ୍ଜେଇରେ ଥିବା ସାଇକୋଆକ୍ଟିଭ୍ ଉପାଦାନ ଟିଏଚ୍‌ସି ପରି ନିୟନ୍ତ୍ରଣ ପଦାର୍ଥ ନୁହଁନ୍ତି । ଏହାର ଅର୍ଥ ଏହା ଲୋକମାନଙ୍କୁ ଭଲ ସୁରକ୍ଷା ଯୋଗାଇ ଦେଇପାରେ । ଆମ ଅନୁସନ୍ଧାନରୁ ଜଣାପଡିଛି ଯେ, ହେମ୍ପ ଉତ୍ପାଦନଗୁଡିକ ସାର୍ସ-କୋଭ୍-୨ର ସବୁ ଭାରିଆଣ୍ଟ ବିରୋଧରେ ସମାନ ଭାବରେ ପ୍ରଭାବଶାଳୀ ହେଉଛି । ପୂର୍ବରୁ ଏହା ଆଲ୍‌ଫା ଓ ବିଟା ଭାରିଆଣ୍ଟ ବିରୋଧରେ ସୁରକ୍ଷା ଦେଉଥିବା ଜଣାପଡିଥିଲା ।

### ପୁସ୍ତକ ମେଳା...

ପାରୁଲ୍ ପଟୱାରୀ କହିଲେ ଆଜି ଜଗତସିଂହପୁର ଜିଲ୍ଲା ପାଇଁ ଏକ ଶୁଭ ଦିନ । କୋଭିଡ୍ କଟକଣା ଯୋଗୁ ଜଗତସିଂହପୁର ପୁସ୍ତକମେଳା ଭର୍ଚୁଆଲ ମାଧ୍ୟମରେ ଅନୁଷ୍ଠିତ ହେଉଅଛି । ଜଗତସିଂହପୁର ସାଂସ୍କୃତିକ ପରିଷଦର ସମସ୍ତ କାର୍ଯ୍ୟକର୍ତ୍ତା ଭର୍ଚୁଆଲ ମାଧ୍ୟମରେ ସୁନ୍ଦର ସମାରୋହର ଆୟୋଜନ କରିଛନ୍ତି । ସମସ୍ତଙ୍କୁ ମୁଁ ଅଭିନନ୍ଦନ ଜଣାଉଛି । ମୁଁ ଆଶା କରୁଛି ସମସ୍ତେ ଏହି ଉତ୍ସବରୁ ଉପକୃତ ହୁଅନ୍ତୁ । ଜିଲ୍ଲା ପ୍ରଶାସନ ପକ୍ଷରୁ ଯାହା ସାହାଯ୍ୟ ସହଯୋଗ ଦରକାର ତାହା ଯୋଗାଇ ଦିଆଯିବ ।

ଏହି ଉତ୍ସବରେ ଯୋଗଦେଇ ଅତିରିକ୍ତ ଜିଲ୍ଲାପାଳ ଚିନ୍ମୟୀ ବିଶ୍ୱାଳ କହିଲେ ଜଗତସିଂହପୁର ପୁସ୍ତକ ମେଳା ୨୩ ବର୍ଷରେ ପଦାର୍ପଣ କରିଛି । ପୂର୍ବତନ ରାଷ୍ଟ୍ରପତି ଅବ୍‌ଦୁଲ କଲାମ କହିଥିଲେ, ଗୋଟିଏ ବହି ୧୦୦ ମିତ୍ରଙ୍କ ସହ ସମାନ । ପୁସ୍ତକ ଯେତେ ପଢିବା ସେତେ ଅଧିକ ଜ୍ଞାନ ଆହରଣ କରିବା । ଜଗତସିଂହପୁର ସାଂସ୍କୃତିକ ପରିଷଦର କାର୍ଯ୍ୟକାରୀ ଅଧକ୍ଷ ବିପ୍ଳବ ଚୌଧୁରୀ ଉତ୍ସବରେ ଅଧକ୍ଷତା କରି ସମସ୍ତଙ୍କ ସହଯୋଗରେ ୨୩ତମ ପୁସ୍ତକ ମେଳା ଭର୍ଚୁଆଲ ମାଧ୍ୟମରେ ଆୟୋଜିତ ହୋଇଥିବାରୁ ସମସ୍ତଙ୍କୁ କୃତଜ୍ଞତା ଜ୍ଞାପନ କରିଥିଲେ । ସାଂସ୍କୃତିକ ପରିଷଦର ଏହି କାର୍ଯ୍ୟକ୍ରମକୁ ଆଗେଇ ନେଇଥିବା ଜିଲ୍ଲା ପ୍ରଶାସନର କର୍ମକର୍ତ୍ତାଙ୍କୁ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇଥିଲେ । ସେ ଦିନର ସାଧକ ଯେଉଁମାନଙ୍କ ପ୍ରଚେଷ୍ଟା ବଳରେ ଜଗତସିଂହପୁର ସାଂସ୍କୃତିକ ପରିଷଦ ୨୩ ବର୍ଷରେ ପରିଣତ ହୋଇଛି, ସେମାନଙ୍କ ମଧ୍ୟରେ ହେମନ୍ତ ରଥ, ପ୍ରଦୀପ୍ତ ଚୌଧୁରୀ, କୁଳମଣୀ ଦାସ, ବିନାୟକ ପଟ୍ଟନାୟକ, ମହେନ୍ଦ୍ର ଆଚାର୍ଯ୍ୟ, ମହେନ୍ଦ୍ର ଚାନ୍ଦ, ଭଗବାନ ଦାଶ, ଡଃ ଅଜୟ ମିଶ୍ର, ଜ୍ୟୋତିର୍ମୟୀ ମହାନ୍ତି, ଅରୁଣ ଆଚାର୍ଯ୍ୟ, ସୁଧୀର ମହାନ୍ତି, ଡଃ ଭୋଳାନାଥ ରାଉତ, ପୂର୍ବତନ ଜିଲ୍ଲାପାଳ ସର୍ବେଶ୍ୱର ମହାନ୍ତି ହେଉଛନ୍ତି ଅନ୍ୟତମ । ୨୩ତମ ପୁସ୍ତକ ମେଳା ଅବସରରେ ମୁଖପତ୍ର "ସ୍ମୃତିପତ୍ର"କୁ ଜିଲ୍ଲାପାଳ ଓ ସମସ୍ତ ଅତିଥି ଉନ୍ମୋଚନ କରିଥିଲେ । ଏହି ଅବସରରେ ନାଟ୍ୟକାର କୈଳାସ ମଲ୍ଲିକଙ୍କ ରଚିତ "ହଂସରଡି" ଜିଲ୍ଲାପାଳଙ୍କ ଦ୍ୱାରା ଉନ୍ମୋଚିତ ହୋଇଥିଲା । ସ୍ମୃତିପତ୍ରର ମୁଖ୍ୟ ସଂପାଦକ ମହେନ୍ଦ୍ର କୁମାର ଆଚାର୍ଯ୍ୟ କହିଲେ ଠିକ୍ ମହାବାତ୍ୟା ପରେ ପରେ ଏକ ସାଂସ୍କୃତିକ ଜାଗରଣ ଆରମ୍ଭ ହୋଇଥିଲା । ୨୦୦୦ ମସିହା ଠାରୁ ପ୍ରଥମ ସ୍ମୃତିପତ୍ର ଉନ୍ମୋଚନ ହୋଇଥିଲା । ସ୍ମୃତିପତ୍ରର ୧୦ମ ସଂସ୍କରଣ ପ୍ରକାଶ ପାଇଛି । ଏଥିରେ ୩୬ଟି ପ୍ରବନ୍ଧ ରହିଛି । ଜଗତସିଂହପୁର ପୁସ୍ତକ ମେଳା-୨୦୨୨ ଆୟୋଜନରେ ସହଯୋଗ କରିଥିବା ଏନ୍.ଆଇ.ସି, ଜିଲ୍ଲା ସୂଚନା ଓ ପ୍ରଯୁକ୍ତି ଅଧିକାରୀ ଜ୍ୟୋତି ପ୍ରକାଶ ବେହେରା, ଓ ଏସ୍.ଡି.ଡଃ ଶଶାଙ୍କ ଶେଖର ଲେଙ୍କା, ସାହୁ କେବୁଲ ପ୍ରୋପ୍ରାଇଟର ଭରତ ଚନ୍ଦ୍ର ସାହୁ, ଅତନୁ କୁମାର ସ୍ୱାଇଁ, ଷ୍ଟୁଡିଓ ମର୍ତ୍ତ ଷ୍ଟାର, ସ୍ଥିରଚିତ୍ର ଉତ୍ତୋଳନ ଜିତେନ୍ଦ୍ର ପ୍ରଧାନଙ୍କୁ ଅତିରିକ୍ତ ଜିଲ୍ଲାପାଳ ସ୍ମୃତି ଫଳକ ପ୍ରଦାନ କରିଥିଲେ । ପ୍ରାରମ୍ଭରେ କାର୍ଯ୍ୟକାରୀ ଅଧକ୍ଷ ବିପ୍ଳବ ଚୌଧୁରୀ ଜିଲ୍ଲାପାଳ ଓ ଅତିରିକ୍ତ ଜିଲ୍ଲାପାଳଙ୍କୁ ସ୍ମୃତି ଫଳକ ପ୍ରଦାନ କରି ସମ୍ମାନୀତ କରିଥିଲେ । ସାଂସ୍କୃତିକ ପରିଷଦର ସଂପାଦକ ଶାରଦା ପ୍ରସାଦ ଦାସ ସଂପାଦକୀୟ ବିବରଣୀ ପାଠ କରିଥିଲେ । ପ୍ରାରମ୍ଭରେ ଯୁଗ୍ମ ସଂପାଦକ ସୁଧୀର କୁମାର ମହାନ୍ତି ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ । ସାଂସ୍କୃତିକ ପରିଷଦର ଉପାଧକ୍ଷ ବିଜୟ କୁମାର ରାଉତ, ଗଣେଶ୍ୱର ମାଣିଆ, କୋଷାଧକ୍ଷ ପ୍ରଶାନ୍ତ କୁମାର ମହାପାତ୍ର କାର୍ଯ୍ୟକ୍ରମ ପରିଚାଳନାରେ ସହାୟତା କରିଥିଲେ । ପ୍ରାରମ୍ଭରେ ଜିଲ୍ଲାପାଳ ଓ ଅତିଥିମାନେ ପ୍ରଦୀପ ପ୍ରଜ୍ୱଳନ ପୂର୍ବକ ୨୩ତମ ପୁସ୍ତକ ମେଳା ସାରସ୍ୱତ ସମାରୋହକୁ ଉଦ୍‌ଘାଟନ କରିଥିଲେ । ଏହି କାର୍ଯ୍ୟକ୍ରମରେ ଜିଲ୍ଲା ସୂଚନା ଓ ଲୋକ ସଂପର୍କ ଅଧିକାରୀ କାମିନୀ ରଂଜନ ପଟ୍ଟନାୟକ, ହେମନ୍ତ କୁମାର ରଥ, ଡଃ ନିରଞ୍ଜନ ବିଶ୍ୱାଳ, ଡଃ ଜ୍ୟୋତିର୍ମୟୀ ମହାନ୍ତି, ଭଗବାନ ଦାଶ, ମହେନ୍ଦ୍ର ଚାନ୍ଦ, ନିକୁଞ୍ଜ କିଶୋର ବେହେରା, ପ୍ରଦୀପ୍ତ ଚୌଧୁରୀ, ମାନସ କାନୁନ୍‌ଗୋ, ପ୍ରଦୀପ୍ତ ସାହୁ, ପ୍ରଦୀପ୍ତ ମିତ୍ର, ସୁଷମା ପ୍ରଧାନ, ସତ୍ୟବ୍ରତ ବିଶ୍ୱାଳ, କୃଷ୍ଣଚନ୍ଦ୍ର ପ୍ରଧାନ, ସୌଭାଗ୍ୟ ବିଶ୍ୱାଳ, ପୂର୍ଣ୍ଣଚନ୍ଦ୍ର ମଲ୍ଲ, ଜ୍ୟୋତି ରଂଜନ ଜେନା, କୈଳାସ ମଲ୍ଲିକ, ଅତନୁ ସ୍ୱାଇଁ, ଲୋକନାଥ ଦାସ, ମାଷ୍ଟର ନିଲୁ(ପରିକ୍ଷୀତ ପାଢୀ), ଧୀରେନ୍ଦ୍ର ଆଚାର୍ଯ୍ୟ, ପ୍ରଜ୍ଞା ପାରମିତା ଚୌଧୁରୀ, ରମାକାନ୍ତ ସାହୁ, ପ୍ରଭାତ ଦାଶ, ଅବନୀକାନ୍ତ ମହାରଣା, ଆଇଜାକ୍ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ । ଶେଷରେ ଯୁଗ୍ମ ସଂପାଦକ ନରେଶ ଦାସ ଧନ୍ୟବାଦ ଅର୍ପଣ କରିଥିଲେ ।

### ଭୁବନେଶ୍ୱର...

ଜଡିତ ଅଛନ୍ତି । ଉତ୍ତର ଭୁବନେଶ୍ୱରରେ ତାଙ୍କର ଖୁବ୍ ଲୋକପ୍ରିୟ ଥିବାରୁ ମେୟର ପଦବୀ ପାଇଁ ସେ ଜଣେ ପ୍ରମୁଖ ଦାବିଦାର ବୋଲି ଚର୍ଚ୍ଚା ହେଉଛି । ଅପର ପକ୍ଷରେ, ଇତିଙ୍କ ଭାଇ ସାଂସଦ ଅଚ୍ୟୁତ ସାମନ୍ତ କିଟ୍ ଭଳି ବିଶ୍ୱବିଦ୍ୟାଳୟ ଚଳାଇବା ସହ ଶାସକ ଦଳ ପକ୍ଷରୁ କନ୍ଧମାଳ ସାଂସଦ ଅଛନ୍ତି । ତେଣୁ ଇତିଙ୍କ ନିଜସ୍ୱ ଖ୍ୟାତି ସହ ଅଚ୍ୟୁତଙ୍କ ଲୋକପ୍ରିୟତା ତାଙ୍କ ସପକ୍ଷରେ ଯିବା ଏକ ପ୍ରକାର ସୁ-ନିଶ୍ଚିତ ।

ସେହିପରି ଓଟିଡିସି ଅଧକ୍ଷା ଶ୍ରୀମୟୀ ମିଶ୍ର । ଶାସକ ଦଳର ଜଣେ ଲୋକପ୍ରିୟ ନେତ୍ରୀ । ତୃତୀୟ ମହଲା ଓ ପ୍ରଶାସନିକ ସ୍ତରରେ ତାଙ୍କର ଅନେକ ସୁ-ସଂପର୍କ ମଧ ରହିଛି । ଦଳରେ ଅନେକ ତୁଙ୍ଗ ନେତା ତାଙ୍କ ପାଇଁ ଲବୀ କରିପାରନ୍ତି ବୋଲି ଚର୍ଚ୍ଚା ହେଉଛି । ନିଜେ ସେ ମେୟର ହେବା ପାଇଁ ଅନେକ ଆଶା ବାନ୍ଧିଥିବା ଜଣାପଡିଛି । କାରଣ ରାଜଧାନୀରେ ଅନେକ ଜାଗାରେ ତାଙ୍କର ପୋଷ୍ଟର ଦେଖିବାକୁ ମିଳିଥିଲା । ନିକଟରେ "ନିମନ୍ତ୍ରଣ" ନାମକ ଏକ ଭୋଜନାଳୟ ଉଦ୍‌ଘାଟନ ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା କରାଇ ଶ୍ରୀମୟୀ ଖୁବ୍ ଚର୍ଚ୍ଚାରେ ଥିଲେ । ସେ ପରବର୍ତ୍ତୀ ମେୟର ହେବା ନେଇ ପୂର୍ବରୁ ମଧ ଅନେକ ଥର ଚର୍ଚ୍ଚା ହେଉଥିଲା । ଏପରିକି ଏ ସମ୍ବନ୍ଧରେ ଶ୍ରୀମୟୀଙ୍କୁ କିଛି ସାମ୍ବାଦିକ ପ୍ରଶ୍ନ କରିଥିଲେ । ଏହାର ଉତ୍ତରରେ ସେ କହିଥିଲେ ମୋତେ ଯେଉଁ ଦାୟିତ୍ୱ ଦିଆଯିବ ମୁଁ ତାହା କରିବି । ଯାହାକି ଶ୍ରୀମୟୀ ମଧ ନିଜେ ମେୟର ପଦ ପାଇଁ ଆଶା ରଖିଥିବା ନେଇ ଚର୍ଚ୍ଚା ହେଉଥିଲା ।

ଅପରପକ୍ଷରେ, ସୁବ୍ରତ ବାଗ୍‌ଚୀଙ୍କ ପତ୍ନୀ ସୁସ୍ମିତା ବାଗ୍‌ଚୀଙ୍କ ନାଁ ଭୁବନେଶ୍ୱର ମେୟର ରେସ୍‌ରେ ଥିବା ରାଜନୈତିକ ମହଲରେ ଏକ ରୋଚକ ସ୍ଥିତି ସୃଷ୍ଟି କରିଛି । ୨୫ ସେପ୍ଟେମ୍ବର ୧୯୬୦ରେ କଟକରେ ଜନ୍ମିତ ସୁସ୍ମିତା ବାଗ୍‌ଚୀ ଜଣେ ଜଣାଶୁଣା ଓଡ଼ିଆ ଲେଖିକା । ସେ ଅନେକ ବହି ଓଡ଼ିଆରେ ଓ ଇଂରାଜୀରେ ଲେଖିଛନ୍ତି । ସୁସ୍ମିତା ସାହିତ୍ୟ ଏକାଡେମୀ ପୁରସ୍କାର, ପ୍ରଜାତନ୍ତ୍ର ପୁରସ୍କାର ଏବଂ ଗଙ୍ଗାଧର ରଥ ଫାଉଣ୍ଡେସନ୍ ପୁରସ୍କାର ପାଇଛନ୍ତି । ସୁସ୍ମିତା ବାଗ୍‌ଚୀଙ୍କ ମା ଶକୁନ୍ତଳା ପଣ୍ଡା ଓଡ଼ିଆ ମହିଳାଙ୍କ ପତ୍ରିକା "ସୁଚରିତା"ର ମୁଖ୍ୟ ଥରଲେ । ସେହିପରି ସୁସ୍ମିତା ବାଗ୍‌ଚୀଙ୍କ ସ୍ୱାମୀ ସୁବ୍ରତ ବାଗ୍‌ଚୀ ୪୦୦ କୋଟି ଟଙ୍କା କ୍ୟାନ୍ସର ହସ୍ପିଟାଲ୍ ପାଇଁ ସରକାରଙ୍କୁ ଦାନ କରିବା ତାଙ୍କ ବଦାନ୍ୟତାର ପରିଚୟ । ଅପରପକ୍ଷରେ ସୁବ୍ରତଙ୍କର ପ୍ରଶାସନିକ ସ୍ତରରେ ଖୁବ୍ ସୁ-ସଂପର୍କ ରହିଛି । ତେଣୁ ତାଙ୍କ ପତ୍ନୀ ସୁସ୍ମିତାଙ୍କୁ ମେୟର ପ୍ରାର୍ଥୀ କରିବା ନେଇ ପ୍ରଶାସନିକ ସ୍ତରରୁ ଲବୀ ରହିବା ନେଇ ଚର୍ଚ୍ଚା ହେଉଛି ।

### ଦୁଇ...

ବିରଞ୍ଚି ନାରାୟଣ ମହାସୁପକାର (ଲିଟୁ)ଙ୍କୁ ଏକାମ୍ର ବିଧାୟକ ତଥା ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡା ବିରୋଧ କରିଥିଲେ ବୋଲି ସେତେବେଳେ ଚର୍ଚ୍ଚା ଜୋର୍ ଧରିଥିଲା । ଗତକାଲି ମେୟର ମହିଳା ସଂରକ୍ଷିତ ହେବାପରେ ମେୟର ହେବାକୁ ଆଶା ବାନ୍ଧିଥିବା ଦୁଇ ଆଶାୟୀ ପ୍ରାର୍ଥୀଙ୍କ ଆଶା ମଉଳି ଯାଇଛି ଓ ତାଙ୍କ ସମର୍ଥକମାନଙ୍କ ଭିତରେ ଏଯାବତ ଚାଲିଥିବା ଶୀତଳ ଯୁଦ୍ଧର ଅନ୍ତ ଘଟିଛି । ବିଶେଷ ସୂତ୍ରର ଖବର ଅନୁସାରେ ଗତକାଲି ବାଇଁଆ ଓ ଲିଟୁଙ୍କ ମଧ୍ୟରେ ଏକ ବୈଠକ ବସିଥିବା ସୂଚନା ମିଳିଛି । ଏପରିକି ଦୁଇଜଣଙ୍କ କଳିରୁ ତୃତୀୟ ବ୍ୟକ୍ତି ଫାଇଦା ଉଠାଇ ନେଇଥିବା ନେଇ ରାଜନୈତିକ ମହଲରେ ଟାହି ଟାପରା ହେଉଥିବା ଚର୍ଚ୍ଚା ହେଉଛି ।

### ପିଅନ୍ତୁ...

ଗୁରୁମନ୍ତ୍ର ଦେଇଛନ୍ତି । ଦ୍ରୁତ ଟିକାକରଣ ଓ ସ୍ଥାନୀୟ କଣ୍ଟେନ୍‌ମେଣ୍ଟ ଉପରେ ରାଜ୍ୟଗୁଡିକ ଫୋକସ୍ କରିବା ଉଚିତ୍ ବୋଲି ମୋଦି କହିଛନ୍ତି । ଏଥି ସହ ମୋଦି ସମସ୍ତଙ୍କୁ ପାରମ୍ପରିକ କାଢା ପିଇବାକୁ ମଧ ପରାମର୍ଶ ଦେଇଛନ୍ତି । ସେ କହିଛନ୍ତି, ଟିକା ହେଉଛି କରୋନା ଭାଇରସ୍ ବିରୁଦ୍ଧରେ ଲଢେଇ କରିବାର ସବୁଠାରୁ ବଡ ଅସ୍ତ୍ର । ଓମିକ୍ରନ୍ ବିଶ୍ୱର ବିଭିନ୍ନ ପ୍ରାନ୍ତ ସହ ଭାରତରେ ମଧ ବ୍ୟାପୁଛି । ଆମେ ଏହି ଭାରିଆଣ୍ଟ ସହ ଲଢେଇ କରିବା ସହ ଭବିଷ୍ୟତରେ ଆସିଥିବା ଥିବା ନୂଆ ଭାରିଆଣ୍ଟ ପ୍ରତି ସତର୍କ ରହିବା ଉଚିତ୍ । ଟିକାକରଣ କାର୍ଯ୍ୟକ୍ରମକୁ ଯଥାଶୀଘ୍ର ଶେଷ କରିବାକୁ ହେବ । ଟିକା ହିଁ ଭାଇରସ୍ ବିରୁଦ୍ଧରେ ବଡ ଅସ୍ତ୍ର । ଦେଶର ୯୨% ପ୍ରାୟ ବୟସ୍କଙ୍କୁ ଟିକାର ପ୍ରଥମ ଡୋଜ୍ ଦିଆଯାଇଛି । ୭୦% ପ୍ରାପ୍ତ ବୟସ୍କ ୨ୟ ଡୋଜ୍ ନେଇ ସାରିଲେଣି । ଟିକାକୁ ନେଇ ଚାଲିଥିବା ଅପପ୍ରଚାର ଉପରେ ରୋକ୍ ଲଗାଇବା ଦରକାର । କୋଭିଡ୍ ରଣନୀତି ପ୍ରସ୍ତୁତ କରିବା ବେଳେ ଦେଶର ଅର୍ଥନୀତି ଓ ସାଧାରଣ ଲୋକଙ୍କ ଜୀବନଧାରଣ ଉତ୍ସକୁ ନଜର ରଖିବାକୁ ହେବ । ସବୁ ରାଜ୍ୟ ସ୍ଥାନୀୟ କଣ୍ଟେନ୍‌ମେଣ୍ଟକୁ ଗୁରୁତ୍ୱ ଦିଅନ୍ତୁ, ଆମକୁ ସତର୍କ ରହିବାକୁ ହେବ । କିନ୍ତୁ ଆତଙ୍କିତ ହେବାନି । କରୋନା ସହ ଲଢେଇ କରିବା ପାଇଁ ୨ ବର୍ଷର ଅଭିଜ୍ଞତା ଆମ ପାଖରେ ରହିଛି । ଏବେ କରୋନାରେ ଆକ୍ରାନ୍ତ ହେଉଥିବା ଅଧିକାଂଶ ଲୋକ ହୋମ୍ ଆଇସୋଲେସନ୍‌ରେ ରହୁଛନ୍ତି । ସେମାନେ ଯେମିତି ସମସ୍ତ ଗାଇଡ୍‌ଲାଇନ୍ ମାନିବେ ତା ଉପରେ ଦୃଷ୍ଟି ଦେବା ଦରକାର ବୋଲି ମୋଦି ପରାମର୍ଶ ଦେଇଛନ୍ତି । ମୋଦି ଆହୁରି କହିଛନ୍ତି, ପୂର୍ବ ଭାରିଆଣ୍ଟ ତୁଳନାରେ ଓମିକ୍ରନ୍ ସାଧାରଣ ଲୋକଙ୍କୁ ଅତି ଦ୍ରୁତ ଗତିରେ ସଂକ୍ରମିତ କରୁଛି । ଆମେ ସମସ୍ତଙ୍କୁ ଏଥିପ୍ରତି ସତର୍କ ରହିବାକୁ ହେବ । ଆମେରିକାରେ ଦୈନିକ ୧୪ଲକ୍ଷ ଆକ୍ରାନ୍ତ ଚିହ୍ନଟ ହେଉଛନ୍ତି । ହେଲେ ଆମେ ଏଥିରେ ଭୟଭିତ ହେବାନି । ପାର୍ବଣରେ ଆମେ ଆଦୌ ବେପରୁଆ ହେବାନି । ରାଜ୍ୟଗୁଡିକ ମେଡିକାଲ୍ ଭିତ୍ତିଭୂମିକୁ ସୁଦୃଢ କରନ୍ତୁ । କିଛି ରାଜ୍ୟ ପୂର୍ବ ଅପେକ୍ଷା ସ୍ୱାସ୍ଥ୍ୟ ଭିତ୍ତିଭୂମିକୁ ଏବେ ସଜାଡୁଛନ୍ତି । ୧୦ ଦିନ ମଧ୍ୟରେ ୩୦ ଦିନ ମଧ୍ୟରେ କିଶୋରୀ/କିଶୋରଙ୍କ ଟିକାକରଣ ହୋଇଛି । ଏହା ଆମ ସମସ୍ୟା ପାଇଁ କେତେ ପ୍ରସ୍ତୁତ ରହିଛେ ତାକୁ ଦର୍ଶାଉଛି । ଅଗ୍ରାଧିକାର ଭିତ୍ତିରେ ସମ୍ମୁଖ ଯୋଦ୍ଧା ଓ ବରିଷ୍ଠ ନାଗରିକଙ୍କୁ କରୋନାର ବୁଷ୍ଟର ଡୋଜ୍ ଦିଆଯିବା ଦରକାର । ବୁଷ୍ଟର ଡୋଜ୍ କାମକୁ ଯଥାଶୀଘ୍ର ଶେଷ କରିବାକୁ ହେବ । ଆମକୁ ଘର ଘର ବୁଲି ଦସ୍ତକତ କାମକୁ ୧୦୦% ପୂରଣ କରିବାକୁ ପଡିବ ।



RNI Regd No : ODIODI/2016/74122

ସତ୍ୟ ଓ ତଥ୍ୟ ଭିତ୍ତିକ ସମ୍ବାଦ

ସଂପର୍କବାର୍ତ୍ତା

SAMPARK BARTA

ODIA WEEKLY

ଜାନୁଆରୀ ୧୭ ରୁ ୨୩, ୨୦୨୨, ଜଗତସିଂହପୁର

January 17 to 23, 2022, Jagatsinghpur

www.samparkabarta.in




# ପଞ୍ଚାୟତ ନିର୍ବାଚନ ପାଇଁ ସର୍ବଦଳୀୟ ବୈଠକ





**ଭୁବନେଶ୍ୱର(ପରମେଶ୍ୱର ଦାଶ):-** ଆଗାମୀ ତ୍ରି ସ୍ତରୀୟ ପଂଚାୟତ ନିର୍ବାଚନ ପାଇଁ ରାଜ୍ୟ ନିର୍ବାଚନ ଆୟୋଗ ଦ୍ୱାରା ଇକ୍ଷ ଏକ ସର୍ବଦଳୀୟ ବୈଠକ ଅନୁଷ୍ଠିତ ହୋଇ ଯାଇଛି । ରାଜ୍ୟ ନିର୍ବାଚନ କମିଶନର ଆଦିତ୍ୟ ପ୍ରସାଦ ପାଢ଼ୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ନିୟମାନୁସାରେ ନିର୍ବାଚିତ ପଞ୍ଚାୟତିରାଜ ଅନୁଷ୍ଠାନଗୁଡ଼ିକର ୫ ବର୍ଷର କାର୍ଯ୍ୟକାଳ ଆଗାମୀ ମାର୍ଚ୍ଚ ମାସରେ ଶେଷ ହେବାକୁ ଯାଉଛି ଓ ସମ୍ବିଧାନର ଧାରା ୨୪୩ ଅନୁସାରେ ତା ପୂର୍ବରୁ ପଞ୍ଚାୟତ ନିର୍ବାଚନ ହେବା ଆବଶ୍ୟକ ବୋଲି ରାଜ୍ୟ ନିର୍ବାଚନ କମିଶନର ଶ୍ରୀ ପାଢ଼ୀ ବୈଠକରେ ମତ ପ୍ରକାଶ କରିଥିଲେ । ପଞ୍ଚାୟତ ନିର୍ବାଚନ ପାଇଁ ନାମାଙ୍କନ ପତ୍ର ଦାଖଲ ବେଳେ ଅନୁସୂଚିତ ଜାତି ଓ ଅନୁସୂଚିତ ଜନଜାତିର ପ୍ରାର୍ଥୀମାନେ ସେମାନଙ୍କର ଜାତି ସାର୍ଟିଫିକେଟ୍ ଦାଖଲ କରିବେ ବୋଲି ରାଜ୍ୟ ନିର୍ବାଚନ କମିଶନର ବୈଠକରେ ପ୍ରକାଶ କରିଥିଲେ ଓ ସଂପୃକ୍ତ ଜାତି ସାର୍ଟିଫିକେଟ୍ ଗୁଡ଼ିକ ଓଡିଶା ରାଜ୍ୟର କ୍ଷମତା ପ୍ରାପ୍ତ ଅଧିକାରୀଙ୍କ ଠାରୁ ପ୍ରାପ୍ତ ହୋଇଥିବା ଆବଶ୍ୟକ ବୋଲି କମିଶନ ବୈଠକରେ ସ୍ପଷ୍ଟ କରିଥିଲେ । ଏଥର ପଞ୍ଚାୟତ ନିର୍ବାଚନ ପାଇଁ ପ୍ରାର୍ଥୀମାନଙ୍କର ନିର୍ବାଚନ ଖର୍ଚ୍ଚ ନିର୍ବାଚନ ଆୟୋଗଙ୍କ ଦ୍ୱାରା ବୃଦ୍ଧି କରାଯାଇଛି।

ପଞ୍ଚାୟତ ନିର୍ବାଚନରେ ଜିଲ୍ଲାପରିଷଦ ସଭ୍ୟ ପ୍ରାର୍ଥୀ ସର୍ବାଧିକ ୫ଲକ୍ଷ, ସମିତିସଭ୍ୟ ଓ ସରପଞ୍ଚ ପ୍ରାର୍ଥୀ ସର୍ବାଧିକ ୨ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଖର୍ଚ୍ଚ କରିପାରିବେ ବୋଲି ନିର୍ବାଚନ କମିଶନ ସର୍ବଦଳୀୟ ବୈଠକରେ ପ୍ରକାଶ କରିଥିଲେ। ପଞ୍ଚାୟତ ନିର୍ବାଚନ ପାଇଁ ଜିଲ୍ଲା ପରିଷଦ, ସମିତିସଭ୍ୟ ଓ ସରପଞ୍ଚ ପ୍ରାର୍ଥୀମାନଙ୍କ କ୍ଷେତ୍ରରେ ନାମାଙ୍କନ ପତ୍ର ଦାଖଲ ସମୟରେ ନୋଟାରୀଙ୍କ ଠାରୁ ପ୍ରାପ୍ତ ଏକ ସତ୍ୟପାଠ ଦାଖଲ କରିବାକୁ ହେବ ଓ ୱାର୍ଡ ମେମ୍ବର ପ୍ରାର୍ଥୀ ମାନଙ୍କ କ୍ଷେତ୍ରରେ ସ୍ୱଲିଖିତ ସତ୍ୟପାଠ ଦାଖଲ କରିବେ ବୋଲି ନିର୍ବାଚନ କମିଶନର ମତ ପ୍ରକାଶ କରିଥିଲେ। ପ୍ରଥମଥର କରି ପଞ୍ଚାୟତ ନିର୍ବାଚନର ଭୋଟ ଗଣତି ବ୍ଲକ ସ୍ତରରେ ତିନି ଧରି ଜିଲ୍ଲା ପରିଷଦ ୱାରି ଗଣନା କରାଯିବ ବୋଲି ନିର୍ବାଚନ କମିଶନର ସର୍ବ ଦଳୀୟ ବୈଠକରେ ପ୍ରକାଶ କରିଥିଲେ। ନିର୍ବାଚନ ଘୋଷଣା ଦିନଠାରୁ ଆଦର୍ଶ ଆଚରଣ ବିଧି ଲାଗୁ କରାଯିବ ବୋଲି ନିର୍ବାଚନ କମିଶନର ପ୍ରକାଶ କରିଛନ୍ତି । ତ୍ରି- ସ୍ତରୀୟ ପଞ୍ଚାୟତ ନିର୍ବାଚନରେ ଭିନ୍ନ ଭିନ୍ନ ପଦବୀ ନିମନ୍ତେ ପ୍ରାର୍ଥୀ ମାନଙ୍କ ପାଇଁ ଭିନ୍ନ ଭିନ୍ନ ରଙ୍ଗର ବାଲାଟ୍ ପେପର ନିର୍ବାଚନରେ ବ୍ୟବହାର କରାଯିବ । ୱାର୍ଡ ମେମ୍ବର ପ୍ରାର୍ଥୀମାନଙ୍କ ପାଇଁ ହଳଦିଆ, ସରପଞ୍ଚ ପ୍ରାର୍ଥୀ ମାନଙ୍କ ପାଇଁ ଗୋଲାପୀ ଓ ଜିଲ୍ଲା ପରିଷଦ ସଭ୍ୟ ପ୍ରାର୍ଥୀମାନଙ୍କ ପାଇଁ ଧଳା ରଙ୍ଗର ବାଲାଟ୍ ପେପର ବ୍ୟବହାର କରାଯିବ ବୋଲି ରାଜ୍ୟ ନିର୍ବାଚନ କମିଶନର ବୈଠକରେ ପ୍ରକାଶ କରିଛନ୍ତି । ଅବାଧ, ସ୍ୱଚ୍ଛ ଓ ନିରାପଦ ନିର୍ବାଚନ ନିମନ୍ତେ ସବୁ ଜିଲ୍ଲା ପାଇଁ ଜଣେ ଓ ବଡ ଜିଲ୍ଲାପାଇଁ ୨ ଜଣ ଲେଖାଏଁ ପର୍ଯ୍ୟବେକ୍ଷକ ନିଯୁକ୍ତ କରାଯିବ ବୋଲି ନିର୍ବାଚନ କମିଶନର କରିଛନ୍ତି । ରାଜ୍ୟରେ କୋଭିଡର ଦୃତ ସଂକ୍ରମଣ ବେଳେ ନିର୍ବାଚନ ହେବାକୁ ଥିବାରୁ ଭାରତ ନିର୍ବାଚନ ଆୟୋଗ (ଇସିଆଇ) ଦ୍ୱାରା ସଦ୍ୟ ଜାରି କରାଯାଇଥିବା କୋଭିଡ ନିୟମାବଳୀକୁ ଅନୁସରଣ କରି ସମସ୍ତଙ୍କ ପାଇଁ ଅନୁରୂପ କୋଭିଡ ନର୍ଦ୍ଦେଶାବଳୀ ପ୍ରସ୍ତୁତ କରାଯିବ ବୋଲି କମିଶନର ପ୍ରକାଶ କରିଛନ୍ତି । ପଂଚାୟତ ନିର୍ବାଚନରେ ମତଦାନ ସମୟରେ ଭୋଟରଙ୍କ ପରିଚୟ ନିମନ୍ତେ ଭୋଟର ଫଟୋ ପରିଚୟ ପତ୍ର ସହ ଆଉ ୧୨ ଗୋଟି ବିକଳ୍ପ ପରିଚୟ ପତ୍ର ମଧ୍ୟ ବ୍ୟବହାର କରାଯାଇପାରିବ ବୋଲି ରାଜ୍ୟ ନିର୍ବାଚନ କମିଶନର ସର୍ବଦଳୀୟ ବୈଠକରେ ପ୍ରକାଶ କରିଛନ୍ତି । ଅନ୍ୟ ମାନଙ୍କ ମଧ୍ୟରେ ଏହି ବୈଠକରେ ଭାରତୀୟ ଜାତୀୟ କଂଗ୍ରେସର ଗଣେଶ୍ୱର ବେହେରା ଓ ଶିବାନନ୍ଦ ରାୟ, ଭାରତୀୟ ଜନତା ପାର୍ଟିର ମୋହନ ଚରଣ ମାଝୀ, ଭାରତୀୟ କମ୍ୟୁନିଷ୍ଟ ପାର୍ଟିର ରମେଶ ଚନ୍ଦ୍ର ପାଢ଼ୀ, ଭାରତୀୟ କମ୍ୟୁନିଷ୍ଟ ପାର୍ଟି ଏମ୍ ର ଦୁଷ୍ମନ୍ତ କୁମାର ପାଢ଼ୀ, ବିଜୁ ଜନତା ଦଳର ଡଃ ଅମର ପଟ୍ଟନାୟକ, ସାମନ୍ତକ୍ରାନ୍ତି ଦଳର ପ୍ରଭାସ ସାମନ୍ତରାୟ, ଝାଡଖଣ୍ଡ ମୁକ୍ତି ମୋର୍ଚ୍ଚାର ରାମଚନ୍ଦ୍ର ହାଂସଦ, ଏନ୍.ବି.ଏନ୍.ଏସ୍.ପି ପାର୍ଟିର ଜଳଧର ନାୟକ, ଭିଲେର୍ଜସ୍ ଇଣ୍ଡିଆ ପାର୍ଟିର ସୁଧାଂଶୁବାଳ ମିଶ୍ର, ଆମ୍ ଆଦମି ପାର୍ଟିର ସୌମ୍ୟ ରଂଜନ ସାଇଁ, କଳିଙ୍ଗସେନା ଦଳର ହେମନ୍ତ ରଥ, ବହୁଜନ ସମାଜବାଦୀ ପାର୍ଟିର ମଧୁସୂଦନ ଯାଦବ, ସୁପ୍ରିମ ଜିରୋପାର୍ଟି ଅଫ୍ ଭାରତର ଶାନ୍ତିଲତା ରାଉତ, ସମୃଦ୍ଧ ଓଡିଶା ପାର୍ଟିରେ ନିରାକାର ବେହେରା, ରାଷ୍ଟ୍ରିୟ ଜନତା ଦଳର ହେମନ୍ତ କର, ବହୁଜନ ମୁକ୍ତି ପାର୍ଟିର ଭରତ ଚନ୍ଦ୍ର ସିଂହ, ଅଲ୍ ଇଣ୍ଡିଆ ଫରୱାର୍ଡ ବ୍ଲକର ଜ୍ୟୋତି ରଂଜନ ମହାପାତ୍ର, ଆମ୍ବେଦକର ପାର୍ଟି ଅଫ୍ ଇଣ୍ଡିଆର ବିଜୟ କୁମାର ବେହେରା, ଓଡିଶା ଜନତା ପାର୍ଟିର ତଥାଗତ ସାଇଁ, ଏସ୍.ୟୁ.ସି.ଆଇ ର ସୁବାଷ ନାୟକଙ୍କ ସମେତ ରାଜ୍ୟ ନିର୍ବାଚନ ଆୟୋଗଙ୍କ ସଚିବ ଶ୍ରୀ ରବିନ୍ଦ୍ର ନାଥ ସାହୁ, ସତନ୍ତ୍ର ସଚିବ, ଶ୍ରୀ ରଘୁରାମ ଆର୍ ଆୟାର୍, ଉପ ସଚିବ ଶ୍ରୀ ଆଜାଦ୍ ହିନ୍ଦ୍ ପାଣିଗ୍ରାହୀ ଓ ଆଇନ୍ ଅଧିକାରୀ ମାଧୁରୀ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ।

# ଜେଏସଡବ୍ଲ୍ୟୁ ଟଙ୍କାରୁ ପୋସ୍କୋ ବେଳର ବକେୟା ବରଜୀ ପାଇଲେ ବର୍ଦ୍ଧିତ ଅର୍ଥ



**ରଘୁନାଥପୁର(ସଂପର୍କବାର୍ତ୍ତା):-** ଜଗତସିଂହପୁର ଜିଲ୍ଲା ଏରସମା ତହସିଲ ଅନ୍ତର୍ଗତ ତିନି ପଞ୍ଚାୟତରେ ହେବାକୁ ଥିବା ଜେଏସଡବ୍ଲ୍ୟୁ ପ୍ରକଳ୍ପ ପାଇଁ ଲୋକଙ୍କ ସହମତି ବଢ଼ିବାରେ ଲାଗିଛି। ଆଜି କମ୍ପାନୀ ପକ୍ଷରୁ ଢ଼ିଙ୍କିଆ ପଞ୍ଚାୟତର ଗୋବିନ୍ଦପୁର ଗାଁର ୧୨୬ ଜଣ ପାନବରଜ ହିତାଧିକାରୀଙ୍କୁ ପ୍ରାୟ ଏକ କୋଟିରୁ ଉର୍ଦ୍ଧ୍ୱ ଟଙ୍କା କ୍ଷତିପୂରଣ ବାବଦକୁ ଆର୍ଥିକ ସହାୟତା ପ୍ରଦାନ କରାଯାଇଛି। ବିଗତ ୨୦୧୦/୧୧ ବର୍ଷରେ ପୋସ୍କୋ କମ୍ପାନୀକୁ ୧୧୧୮ ଜଣ ପାନବରଜ ଭଙ୍ଗା ଯାଇଥିଲା। ସେମାନେ ଡିସିମିଲ ପିଛା ୧୧,୫୦୦ ଟଙ୍କା କ୍ଷତିପୂରଣ ପାଇଥିଲେ। ମାତ୍ର ଜେଏସଡବ୍ଲ୍ୟୁ ପ୍ରକଳ୍ପ ଆସିବା ପରେ ସେହି ପାନବରଜ ଡିସିମିଲି ପିଛା ଅଧିକ ଛ ହଜାର ଟଙ୍କା ବର୍ଦ୍ଧିତ ଅର୍ଥରାଶି ଦେବାକୁ ଘୋଷଣା କରିଥିଲା। ଆଜି ସେହି ୧୧୧୮ ଜଣଙ୍କ ମଧ୍ୟରୁ ଗୋବିନ୍ଦପୁର ଗାଁର ୧୨୬ ଜଣ ହିତାଧିକାରୀଙ୍କୁ ଏହି ବର୍ଦ୍ଧିତ ଅର୍ଥରାଶି ପ୍ରଦାନ କରାଯାଇଛି ।ଆଉ କିଛି ଲୋକ ଯେଉଁମାନେ ସେହି ସମୟରେ ପାନବରଜ ଭାଙ୍ଗି ଥିବା ବେଳେ କ୍ଷତିପୂରଣ ବାବଦକୁ ଆର୍ଥିକ ସହାୟତା ପାଇ ନାହାଁନ୍ତି। ଏଥି ସହିତ ଆଉ ବାକି ଥିବା ବରଜୀ ମାନଙ୍କୁ ପର୍ଯ୍ୟାୟ କ୍ରମେ ବର୍ଦ୍ଧିତ ଅର୍ଥରାଶି ପ୍ରଦାନ କରାଯିବ। ପୋସ୍କୋ କମ୍ପାନୀ ସମୟରେ ୨୭୦୦ ଏକର ଜମି ଅଧିଗ୍ରହଣ କରାଯାଇ ଥିଲା ବେଳେ ୧୧୧୮ ଟି ପାନବରଜ ଅଧିଗ୍ରହଣ କରାଯାଇ ଥିଲା। ତେବେ ବର୍ତ୍ତମାନ ଜେଏସଡବ୍ଲ୍ୟୁ ପ୍ରକଳ୍ପ ପାଇଁ ପ୍ରସ୍ତାବିତ ଅଞ୍ଚଳରେ ପାନବରଜ ମାପଚୁପ ଓ ଭଙ୍ଗା କାର୍ଯ୍ୟ ଜାରି ରହିଛି। ଏହି ପାନବରଜ ପାଇଁ ଡିସିମିଲ ପିଛା ୧୭ହଜାର ପାଞ୍ଚ ଶହ ଟଙ୍କା କ୍ଷତିପୂରଣ ଦିଆଯାଉଛି। ଆଜି ଗୋବିନ୍ଦପୁର ଗାଁର ୧୨୬ ଜଣ ବରଜୀ ଜେଏସଡବ୍ଲ୍ୟୁ କମ୍ପାନୀ ପକ୍ଷରୁ ବର୍ଦ୍ଧିତ ଅର୍ଥରାଶି ପାଇବା ପରେ ଖୁସି ପ୍ରକାଶ କରିବା ସହିତ କମ୍ପାନୀ ପ୍ରତି ବିଶ୍ୱାସ ବଢ଼ିଥିବାର କହିଛନ୍ତି।

# ଜିଲ୍ଲାପାଳଙ୍କୁ ତାଗିଦ୍ କଲେ ନିର୍ବାଚନ କମିସନ




**ଭୁବନେଶ୍ୱର(ସଂପର୍କବାର୍ତ୍ତା):-** ଏବେବି ବିଭିନ୍ନ ସ୍ଥାନରେ ହୋର୍ଡିଂରେ ନେତାମନ୍ତ୍ରୀମାନଙ୍କ ଫଟୋ ଲାଗି ସରକାରୀ ଯୋଜନାର ପ୍ରଚାର କରାଯାଉଛି । ବିଭିନ୍ନ ସରକାରୀ କାର୍ଯ୍ୟାଳୟ ଏବଂ ସର୍ବସାଧାରଣ ସ୍ଥାନରେ ନେତା ଓ ମନ୍ତ୍ରୀଙ୍କ ଫଟୋ ବ୍ୟାନର ଲାଗିଛି। ସରକାରୀ ବାବୁମାନଙ୍କ ଗାଡ଼ିରେ ସରକାରୀ ଯୋଜାଗୁଡିକର ଷ୍ଟିକର ଲାଗିଛି। ଅଧିକାଂଶ ଷ୍ଟିକରରେ ରାଜନେତା ଓ ମନ୍ତ୍ରୀମାନଙ୍କ ଫଟୋ ଲାଗିଛି। ଏହା ସରାକାରଙ୍କ ପ୍ରଚାର କରୁଥିବାରୁ ଆଦର୍ଶ ଆଚରଣ ବିଧି ଉଲ୍ଲଂଘନ କରୁଛି । ତେଣୁ ଏହାକୁ ତୁରନ୍ତ ହଟାଇବାକୁ ରାଜ୍ୟ ନିର୍ବାଚନ କମିସନଙ୍କ ସଚିବ୍ ଆର୍.ଏନ୍ ସାହୁ ଆଜି ସମସ୍ତ ଜିଲ୍ଲାପାଳଙ୍କୁ ନିର୍ଦ୍ଦେଶ ଦେଇଛନ୍ତି । କୌଣସି ଗ୍ରାମାଞ୍ଚଳରେ ଏହି ଭଳି ହୋର୍ଡିଂ କି ଷ୍ଟିକର ଲାଗିପାରିବନି ବୋଲି ରାଜ୍ୟ ନିର୍ବାଚନ କମିସନ କହିଛନ୍ତି ।

# ବାଚସ୍ପତି ବୁଷ୍ଟର ଡୋଜ୍ କୋଭାକ୍ସିନ୍ ଟିକା ନେଲେ



**ଭୁବନେଶ୍ୱର(ପରମେଶ୍ୱର ଦାଶ):-** ଓଡ଼ିଶା ବାଚସ୍ପତି ଡ. ସୂର୍ଯ୍ୟ ନାରାୟଣ ପାତ୍ର ବିଧାନସଭା ଡିସ୍‌ପେନ୍‌ସାରୀ ପରିସରରେ ୬୦ ବର୍ଷରୁ ଉର୍ଦ୍ଧ୍ୱ ତଥା ବହୁମୁଖୀ ରୋଗରେ ପୀଡିତ ବୟସ୍କ ବ୍ୟକ୍ତିମାନଙ୍କ ପାଇଁ ଉଦ୍ଦିଷ୍ଟ ବୁଷ୍ଟର ଡୋଜ୍ ଟିକାକରଣ କାର୍ଯ୍ୟକ୍ରମକୁ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଛନ୍ତି। ପ୍ରଥମ ବୁଷ୍ଟର ଡୋଜ୍ ଟିକା ନେଇ ସେ ଏହି କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଛନ୍ତି। ସରକାରଙ୍କ ଏହି କାର୍ଯ୍ୟକ୍ରମ କୋଭିଡ୍ ତଥା ଓମିକ୍ରନ୍ ରୋକିବାରେ ସଫଳ ହେବ ବୋଲି ସେ ମତବ୍ୟକ୍ତ କରିଛନ୍ତି ଏବଂ ସମସ୍ତ ହିତାଧିକାରୀ ଏହାର ସୁଯୋଗ ନେବାକୁ ଅନୁରୋଧ କରିଛନ୍ତି।

# ଶିକ୍ଷା-ଦାରିଦ୍ର୍ୟ ଦୂର କରେ ଓ ଶ୍ରେଷ୍ଠ ସମ୍ପଦ: ଡ. ଅଚ୍ୟୁତ



**ଜଗତସିଂହପୁର(ସଂପର୍କବାର୍ତ୍ତା):-** ନିରକ୍ଷରତା ହିଁ ମଣିହକୁ ଦାରିଦ୍ର୍ୟ କରିଥାଏ, ଶିକ୍ଷା ଦ୍ୱାରା ମଣିଷର ଦାରିଦ୍ର୍ୟ ଦୂର ହୋଇଥାଏ ଓ ଶିକ୍ଷା ହିଁ ଛାତ୍ରଛାତ୍ରୀମାନଙ୍କ ଶ୍ରେଷ୍ଠ ସମ୍ପଦ ବୋଲି ଭାରତର ପ୍ରଥମ ସ୍ମାର୍ଟ ଗ୍ରାମରେ ଥିବା ସର୍ବପୁରାତନ ୧୫୦ବର୍ଷର ଶିକ୍ଷାନୁଷ୍ଠାନ କଲରାବାଙ୍କ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିଦର୍ଶନରେ କନ୍ଧମାଳ ସାଂସଦ ତଥା କିଟ୍,କିସ୍ ସ୍ମାର୍ଟଗ୍ରାମ କଲରାବାଙ୍କର ପ୍ରତିଷ୍ଠାତା ପ୍ରଫେସର ଅଚ୍ୟୁତ ସାମନ୍ତ ଏହା କହିଥିଲେ। ଡ. ସାମନ୍ତ ଆହୁରି କହିଲେ ଯେ, ପ୍ରାଥମିକ ଶିକ୍ଷା ହେଉଛି ଛାତ୍ରଛାତ୍ରୀଙ୍କ ମୂଳଦୁଆ। ଶିକ୍ଷାର ଉନ୍ନତି ବିନା ଦେଶର ଉନ୍ନତି ଅସମ୍ଭବ ଏବଂ ପ୍ରାଥମିକ ଶିକ୍ଷା ସୁଦୃଢୀକରଣ ହେଲେ ଉଚ୍ଚଶିକ୍ଷାର ସୌଧ ସୁଦୃଢ ହେବ ବୋଲି କହିଥିଲେ। ଏହି ସରକାରୀ ପ୍ରାଥମିକ ବିଦ୍ୟାଳୟରେ ଡ.ସାମନ୍ତ ୫୦ବର୍ଷ ପୂର୍ବେ ପାଠପଢା ଆରମ୍ଭ କରିଥିଲେ। ଏହି ବିଦ୍ୟାଳୟରେ ପାଠ ପଢିବା ସମୟରେ ବିଦ୍ୟାଳୟର ବୃକ୍ଷରୋପଣ, ଫୁଲବଗିଚା ନିର୍ମାଣ ଆସି କାର୍ଯ୍ୟ ସହପାଠୀମାନଙ୍କୁ ନେଇ କରୁଥିଲେ ବୋଲି ବାଲ୍ୟକାଳର ଅନୁଭୂତିକୁ ଅତ୍ୟନ୍ତ ଭାବ ଗମ୍ଭୀର ସହ ଡ.ସାମନ୍ତ ପ୍ରକାଶ କରିଥିଲେ। ଏଠାରେ ସୂଚନାଯୋଗ୍ୟ ଏହି କଲରାବାଙ୍କ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ୧୯୬୯ ମସିହାରେ କନ୍ଧମାଳ ସାଂସଦ ଡ.ସାମନ୍ତ ଏହି ବିଦ୍ୟାଳୟରେ ପ୍ରଥମ ଶ୍ରେଣୀରେ ଶିକ୍ଷାଦାନ ଆରମ୍ଭ କରିଥିଲେ। ଏହି ବିଦ୍ୟାଳୟଟିର ବିଭିନ୍ନ ଉନ୍ନୟନ କାର୍ଯ୍ୟ ଓ ପୁନରୁଦ୍ଧାର ନିମନ୍ତେ ବିଦ୍ୟାଳୟ ପରିସରରେ ଥିବା ଭଙ୍ଗା ଆଜବେଷ୍ଟ ଘରକୁ ଭଙ୍ଗା ଯାଇ ଡ.ସାମନ୍ତ ତରଫରୁ ଏଠାରେ ନୂତନ ଗୃହ ନିର୍ମାଣ କରିବେ ବୋଲି ଘୋଷଣା କରିଥିଲେ। ଏହାଛଡା ଏହି ବିଦ୍ୟାଳୟର ଭିତ୍ତିଭୂମିର ଉନ୍ନତି, ବିଦ୍ୟାଳୟର ପ୍ରାଚୀର, ଖେଳପଡିଆ ଓ ଅନ୍ୟାନ୍ୟ ସମସ୍ତ ଉନ୍ନତି କାର୍ଯ୍ୟ କରାଯିବା ସହିତ ଏହି ବିଦ୍ୟାଳୟଟିକୁ ଓଡିଶାର ଏକ ଶ୍ରେଷ୍ଠ ବିଦ୍ୟାଳୟରେ ପରିଣତ କରାଯିବ ବୋଲି ସେ ଡ.ସାମନ୍ତ ନିଜ ତରଫରୁ କରିବେ ବୋଲି ଘୋଷଣା କରିଥିଲେ। ଏହି ବିଦ୍ୟାଳୟ ପରିଦ୍‌ର୍ଶନରେ ବରିଷ୍ଠ ସାମ୍ବାଦିକ ବିଜୟ କୁମାର ସାଇଁ, ସମାଜସେବୀ ନିରୂପମା ସାମନ୍ତ, ନିଳିମାରାଣୀ ମେମୋରିଆଲ ଚାରିଟେବୁଲ ଟ୍ରଷ୍ଟର ଅଧ୍ୟକ୍ଷ ଅର୍ନ୍ତଯାମୀ ସାମନ୍ତ, ସ୍ୱସ୍ତିକ ଆଶେଷ ପ୍ରାଇଭେଟ ଲିମିଟେଡର ପରିଚାଳନା ନିର୍ଦ୍ଦେଶକ ସଂଜୟ ମହାନ୍ତି, କିଟ୍‌ର ଆଇନ ଅଧିକାରୀ ମନୋରଂଜନ ପ୍ରଧାନ, କଲରାବାଙ୍କ ଗ୍ରାମ ସମିତି ସଭାପତି ଅଞ୍ଜନ କୁମାର ସାମନ୍ତ, କିଟ୍‌ର ବରିଷ୍ଠ ଅଧିକାରୀ ତ୍ରିଲୋଚନ ରାୟ, କିଟ୍ ବିଦ୍ୟୁତ ବିଭାଗର ଅଧୀକ୍ଷଣ ଯନ୍ତ୍ରୀ ଜିତେନ୍ଦ୍ର କୁମାର ପଟ୍ଟନାୟକ, ଦୁର୍ଗାଚରଣ ସାମନ୍ତ ପ୍ରମୁଖ ଯୋଗଦେଇଥିଲେ।

# ଆଗାମୀ ଓଡିଶାର ଭାଷା ସଂସ୍କୃତିର ସୁରକ୍ଷାପାଇଁ ଆଲୋଚନା ଚକ୍ର




**ଜଗତସିଂହପୁର(ସଂପର୍କବାର୍ତ୍ତା):-** ଜାତୀୟ ଭାଷା, ସାହିତ୍ୟ ଓ ସାଂସ୍କୃତିକ ଅନୁଷ୍ଠାନ ଆଗାମୀ ଓଡିଶାର ୨୩ତମ ସ୍ୱନକ୍ଷତ୍ର ଦିବସରେ ଓଡିଆଭାଷା ଆନ୍ଦୋଳନ ସେନାପତି ବ୍ୟାସକବି ଫକୀର ମୋହନ ଜୟନ୍ତୀ ତଥା ମକର ସାରସ୍ୱତ ସମାବେଶ ଆଗାମୀ ଓଡ଼ିଶା ଆନୁକୂଲ୍ୟରେ ପ୍ରତିବର୍ଷ ମହାସମାରୋହରେ ପାଳନ କରାଯାଏ। ମାତ୍ର ଚଳିତବର୍ଷ କରୋନା ମହାମାରୀ ସଂକ୍ରମଣ ବୃଦ୍ଧି ଯୋଗୁଁ ସରକାରଙ୍କ କୋଭିଡ ଗାଇଡଲାଇନ ଅନୁସାରେ ସମସ୍ତ ସାମାଜିକ ସାଂସ୍କୃତିକ ସମାବେଶ ନକରିବା ପାଇଁ ନିର୍ଦ୍ଦେଶ ଦେଇଥିବାରୁ ଆଗାମୀ ଓଡିଶା ଚଳିତବର୍ଷ ଏହି କାର୍ଯ୍ୟକ୍ରମକୁ ସ୍ଥଗିତ କରିଅଛି। ଅନ୍ୟପକ୍ଷରେ ଓଡିଆ ଭାଷା ଓ ସଂସ୍କୃତିର ସୁରକ୍ଷା ପାଇଁ ଏକ ଆଲୋଚନା ଚକ୍ର ୫ଜଣ ଭାଷା ପ୍ରେମୀଙ୍କୁ ନେଇ କିଶୋରନଗର ଠାରେ ଅନୁଷ୍ଠିତ ହୋଇଥିଲା। ଏହି ଆଲୋଚନାଚକ୍ରରେ ମୁଖ୍ୟବକ୍ତା ଭାବେ ସ୍ୱାମୀ ଅଦ୍ୱୈତାନନ୍ଦ ସରସ୍ୱତୀ ଯୋଗଦେଇ ଓଡିଆ ଭାଷା ଓଡିଆ ଜାତିର ପରିଚୟ । ଓଡିଆ ଜାତୀୟତାର ଆଧାର ଏବଂ ଓଡିଆ ସାହିତ୍ୟ ଓ ସଂସ୍କୃତିର ମାଧ୍ୟମ। ଓଡିଆ ଭାଷା ବିନା ଓଡିଆ ଜାତି ତା'ର ସତ୍ତା ହରାଇବ। ତେଣୁ ଓଡିଆ ଭାଷା ଓ ସଂସ୍କୃତିର ସୁରକ୍ଷା ପାଇଁ ଓଡିଶା ବାସୀ ସଂକଳ୍ପ ନେବାକୁ ସ୍ୱାମୀ ଅଦ୍ୱୈତାନନ୍ଦ ଆହ୍ୱାନ ଦେଇଥିଲେ । ଏଥିରେ ଆଗାମୀ ଓଡିଶା ଉପସଭାପତି ମାନସରତ୍ନ ଶରତକୁମାର ରାଉତରାୟ ଯୋଗଦେଇ କହିଲେ ଭାଷା ସୁରକ୍ଷା ପାଇଁ କେବଳ ଶାସ୍ତ୍ରୀୟ ମାନ୍ୟତା ଯଥେଷ୍ଟ ନୁହେଁ କି କେନ୍ଦ୍ର ସରକାରଙ୍କର ଅର୍ଥ ସହାୟତା ବଡକଥା ନୁହେଁ ସେଥିପାଇଁ ଓଡିଆଜାତି ସଚେତନ ହୋଇ ଓଡିଆ ଭାଷାର ବ୍ୟବହାର ପ୍ରସାର ବୃଦ୍ଧି କରାଇବା ଜରୁରୀ । ଏହି ଆଲୋଚନାଚକ୍ରରେ ଆଗାମୀ ଓଡିଶା ସମ୍ପାଦକ ତଥା ବାଲିକୁଦା କଲେଜର ଅଧ୍ୟକ୍ଷ ପ୍ରାଧ୍ୟାପକ ଦେବଦନ୍ଦ୍ର ନାଥ ବାରିକ ଯୋଗଦେଇ ଓଡିଆ ସଂସ୍କୃତି ଓ ପରମ୍ପରା ଧିରେ ଧିରେ ଅବକ୍ଷୟ ଘଟୁଛି ଏବଂ ସେ ସଂପର୍କରେ ଓଡିଆ ଜାତି ସଚେତନ ହେବା ଆବଶ୍ୟକ। ପାଶ୍ଚାତ୍ୟ ଅପସଂସ୍କୃତି କବଳରୁ ରକ୍ଷା ପାଇଁ ଚେଷ୍ଟା କରିବା ଉଚିତ ବୋଲି କହିଥିଲେ। ଏହି ଆଲୋଚନାଚକ୍ରରେ ବରିଷ୍ଠ ସାମ୍ବାଦିକ ବିଜୟ କୁମାର ସାଇଁ ଭାଗନେଇ ବ୍ୟାସକବି ଫକୀରମୋହନ ଓଡିଆଭାଷା ଆନ୍ଦୋଳନର ସାର୍ଥକ ସେନାପତି ଏବଂ ଓଡିଆ ସାହିତ୍ୟର ଜଣେ ସାର୍ଥକ ସାରଥି ବୋଲି କହି ବ୍ୟାସକବିଙ୍କ ପ୍ରତି ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ । ଏହି ଆଲୋଚନାଚକ୍ରରେ ଏସଏଏନ କଲେଜର ପୂର୍ବତନ ଅଧ୍ୟକ୍ଷ ଅଜୟ କୁମାର ଦାସ ଭାଗନେଇ ଶିକ୍ଷାର ପ୍ରଗତି ଦେଶର ପ୍ରଗତି, ଆମ ସଂସ୍କୃତି ଓ ପରମ୍ପରା ପାଇଁ ବିଶ୍ୱ ଚମକୃତ ବୋଲି କହିଥିଲେ। ଏହି ଆଲୋଚନା ଚକ୍ରରେ ଅଧ୍ୟାପକ ଆଶିଷ ଚକ୍ରବର୍ତ୍ତୀ, କିଶୋରନଗର କଲେଜ ପୂର୍ବତନ ଅଧ୍ୟକ୍ଷ ଅଜିତ କୁମାର ମୁର୍ଖାଜୀ ଅଂଶଗ୍ରହଣ କରି ଭାଷା ଅନ୍ଦୋଳନର ସେନାପତି ବ୍ୟାସକବି ଫକୀର ମୋହନଙ୍କ ଜନ୍ମ ଦିବସରେ ଓଡିଆ ଭାଷାର ସୁରକ୍ଷା ପାଇଁ ନିରବଛିନ୍ନ ଭାବରେ କାର୍ଯ୍ୟ କରିବାକୁଆଗାମୀ ଓଡିଶା ଅନୁଷ୍ଠାନ ସଂକଳ୍ପବଦ୍ଧ ବୋଲି କହିଥିଲେ ।

# 'ଅମୃତା ଫାଉଣ୍ଡେସନ' ଅନାଥ ଭାଇ-ଭଉଣୀଙ୍କୁ ସହଯୋଗର ହାତ ବଢାଇଲା



**ଜଗତସିଂହପୁର(ସଂପର୍କବାର୍ତ୍ତା):-** କିଛିଦିନ ତଳେ ସୋସିଆଲ ମିଡିଆରେ ବହୁ ଚର୍ଚ୍ଚାରେ ରହିଥିବା ଅନାଥ ଭାଇ-ଭଉଣୀଦ୍ୱୟଙ୍କ ଶିକ୍ଷାର ସମସ୍ତ ଦାୟିତ୍ୱ ନେବାପାଇଁ ଭୁବନେଶ୍ୱରର ପ୍ରମୁଖ ସଂସ୍ଥା ଅମୃତା ଫାଉଣ୍ଡେସନ ସହଯୋଗର ହାତ ବଢାଇଛି। ସାତମାସ ଭିତରେ ବାପା, ମାଆ ଏବଂ ଦାଦାଙ୍କୁ ହରେଇଥିବା ସ୍ୱୟଂସ୍ନିଗ୍ଧା(୧୨) ଏବଂ ଋଷି (୮)ଙ୍କ କଥା ପ୍ରଥମେ କେ-ନିଉଜ ଲୋକଲୋଚନକୁ ଆଣିଥିଲା। ଜଗତସିଂହପୁର ଜିଲ୍ଲା ପିତେଇପୁର ଗ୍ରାମପଂଚାୟତ ମଲ୍ଲୀପୁର ନିବାସୀ ସରୋଜ ମହାନ୍ତି ଗୋଟିଏ ମେଡିକାଲ କମ୍ପାନିରେ କାମ କରୁଥିଲେ ଏବଂ ପରିବାର ସହ କଟକର ଝାଞ୍ଜିରିମଙ୍ଗଳାରେ ରହୁଥିଲେ। ପ୍ରଥମେ ପତ୍ନୀଙ୍କର ସ୍ୱାସ୍ଥ୍ୟଜନିତ ବିୟୋଗ ଏବଂ ପରେ ସାନଭାଇର ଦୁର୍ଘଟଣା ଜନିତ ବିୟୋଗକୁ ଛାତିରେ ଧରି ସେ ପିଲା ଦୁଇଜଣଙ୍କୁ ସାନ୍ତ୍ୱନା ଦେଇ ନିଜ କର୍ମ ଚାଲୁ ରଖିଥିଲେ। ହେଲେ ଦଇବ ଦାଉ ସାଧିଲା ଆଉ ସେ ନିଜେ ମଧ୍ୟ ଆରପାରିକୁ ଚାଲିଗଲେ। ପିଲାମାନଙ୍କର ମାଆ, ଦାଦା ଏବଂ ବାପା ଯଥାକ୍ରମେ ୨୦୨୧ ଅପ୍ରେଲ୍ ୨୨, ଜୁନ୍ ୧୫ ଏବଂ ନଭେମ୍ବର ୬ ତାରିଖରେ ଆରପାରିକୁ ଚାଲିଗଲାପରେ ଏବେ ସେମାନେ ଶାରୀରିକ ଅକ୍ଷମ ପୀଉସା ଶ୍ରୀଯୁକ୍ତ ସୁଶାନ୍ତ ମହାନ୍ତିଙ୍କ ପାଖରେ ଜଗତସିଂହପୁର ନିକଟସ୍ଥ କୁଳସାହି ଗ୍ରାମରେ ରହୁଛନ୍ତି। ନିଜର ବାସଗୃହ ନଥାଇ ପାରାଲିସିସ୍ ପୀଡିତ ସୁଶାନ୍ତ ଏବେ ବଡଭାଇଙ୍କ ଘରେ ଅତି ଦୟନୀୟ ଅବସ୍ଥାରେ ଅଛନ୍ତି। ହେଲେ ମାନବିକତାକୁ ଆଖିରେ ରଖି ସେ ପିଲାଦୁଇଟିଙ୍କୁ ପାଖରେ ରଖି ଦାୟିତ୍ୱବୋଧର ବାର୍ତା ସମାଜକୁ ଦେଇଛନ୍ତି।

ଖବର ପାଇ ଭୁବନେଶ୍ୱରର ଏକ ଅଗ୍ରଣୀ ସଂସ୍ଥା ଅମୃତା ଫାଉଣ୍ଡେସନର ଅଧ୍ୟକ୍ଷ ଡ. ଅଭୟ କୁମାର ନାୟକ ଏବଂ ମ୍ୟାନେଜିଂ ଟ୍ରଷ୍ଟି ଶ୍ରୀମତୀ ମଧୁସ୍ମିତା ନାୟକ ସେମାନଙ୍କ ପାଖରେ ପହଂଚି ସହଯୋଗର ହାତ ବଢାଇଛନ୍ତି। ଏବେଠାରୁ ପିଲା ଦୁଇଜଣ ଉପାର୍ଜନ କ୍ଷମ ହେବା ପର୍ଯ୍ୟନ୍ତ ସେମାନଙ୍କର ପାଠପଢାର ସମସ୍ତ ଦାୟିତ୍ୱ ଅମୃତା ଫାଉଣ୍ଡେସନ ବହନ କରିବ ବୋଲି ପ୍ରତିଶୃତି ଦେଇଛନ୍ତି। ଆଶୁ ସହାୟତାକୁ ଆଖିଆଗରେ ରଖି ମ୍ୟାନେଜିଂ ଟ୍ରଷ୍ଟି ଶ୍ରୀମତୀ ନାୟକ ଟ.୫,୦୦୦/-ଙ୍କାର ଚେକ୍ ପିଲାମାନଙ୍କୁ ପ୍ରଦାନ କରିଥିଲେ। ପ୍ରକାଶ ଥାଉକି ଦରିଦ୍ର ପିଲାମାନଙ୍କୁ ଉଚ୍ଚଶିକ୍ଷା ପ୍ରଦାନ ପାଇଁ ଆର୍ଥିକ ସହାୟତା ଯୋଗାଇବା ପାଇଁ ଅମୃତା ଫାଉଣ୍ଡେସନ ବଦ୍ଧ ପରିକର ବୋଲି ଅଧ୍ୟକ୍ଷ ଡ. ଅଭୟ ନାୟକ ଗଣମାଧ୍ୟମକୁ ସୂଚନା ଦେଇଥିଲେ।

ସତ୍ୟ ଓ ତଥ୍ୟ ଭିତ୍ତିକ ସମ୍ବାଦ
ସଂପର୍କବାର୍ତ୍ତା
ଜାନୁଆରୀ ୧୭ ରୁ ୨୩, ୨୦୨୨, ଜଗତସିଂହପୁର
January 17 to 23, 2022, Jagatsinghpur


# ସମ୍ପାଦକୀୟ

## ଗାଡ଼ି ଚାଳନାର ସମୟ କ୍ଷେତ୍ର

କରୋନା ମହାମାରୀ ଦୁଇ ବର୍ଷ ହେଲା ସମଗ୍ର ବିଶ୍ୱବାସୀଙ୍କୁ ଅସ୍ତବ୍ୟସ୍ତ କରିପକାଇଛି। ତେବେ ସବୁକିଛିର ବଡ଼ ମାଧ୍ୟମ ଗମନା ଗମନ ହୋଇଥିବାରୁ ସଡ଼କ କ୍ଷେତ୍ରକୁ ସର୍ବାଧିକ ଗୁରୁତ୍ୱ ଦିଆଯାଇଥାଏ। ଏହିପରି ଏକ ସମୟରେ ବଡ଼ ଅନାଲୋଚିତ ତଥ୍ୟ ଉପରେ ଆମେ ସହୃଦୟ ପାଠକବର୍ଗଙ୍କ ଦୃଷ୍ଟି ଆକର୍ଷଣ କରିବା ପାଇଁ ଚାହୁଁଛୁ। ଦୁଇବର୍ଷ ତଳେ ଦେଶରେ ଏକ ଅନୁଧ୍ୟାନରୁ ଦେଖାଯାଇଥିଲା ଯେ, ଡ୍ରାଇଭରମାନେ କ୍ରମାଗତ ଅଧିକ ସମୟ ଗାଡ଼ି ଚଳାଇ ଶୋଇବାକୁ ସମୟ ପାଉନଥିବାରୁ କ୍ଳାନ୍ତ ହୋଇଯାଉଛନ୍ତି ଏବଂ ତାହା ଭାରତରେ ଅଧିକ ରାସ୍ତା ଦୁର୍ଘଟଣା ଓ ତତଜନିତ ମୃତାହତର ସବୁଠାରୁ ବଡ଼ କାରଣ। ପ୍ରକୃତରେ ବିଶ୍ୱସ୍ତରରେ ଭାରତରେ ରାସ୍ତା ନିରାପତ୍ତା ରେକର୍ଡ଼ ଅତି ଖରାପ। ଉପରୋକ୍ତ ସ୍ଥିତିରେ ଏବେ ଟ୍ରକ, ବସ ଓ ବ୍ୟବସାୟିକ ଯାନଗୁଡ଼ିକ ଲାଗି ଡ୍ରାଇଭରମାନଙ୍କ ସକାଶେ ଗାଡ଼ି ଚଳାଇବା ସମୟ ସୀମିତ କରିବାକୁ ଚିନ୍ତା କରାଯାଉଛି। ଏଥିପାଇଁ ଏକ ନୀତି ବିଚାର କରାଯାଉଛି। ବିମାନ ପାଇଲଟ ମାନଙ୍କ ପରି ଡ୍ରାଇଭରମାନେ କ୍ରମାଗତ ନିର୍ଦ୍ଦିଷ୍ଟ ସମୟ ସକାଶେ ଗାଡ଼ି ଚଳାଇବାକୁ ସ୍ଥିର କରାଯିବ। କେନ୍ଦ୍ର କ୍ୟାବିନେଟର ଅନ୍ୟତମ ଦକ୍ଷ ଓ ଉତ୍ସାହୀମନ୍ତ୍ରୀ ଭାବେ ଜଣାଶୁଣା ରାସ୍ତା ପରିବହନ ଓ ରାଜପଥ ମନ୍ତ୍ରୀ ନୀତିନ ଗଡ଼କରୀ ଏ ଦିଗରେ ଆଗ୍ରହୀ। ପାଶ୍ଚାତ୍ୟ ଦେଶଗୁଡ଼ିକ ଭଳି ବ୍ୟବସାୟିକ ଯାନ ଗୁଡ଼ିକରେ ସେ ଡ୍ରାଇଭରମାନଙ୍କର ଶୋଇବା ବା ଘୁମାଇବା ଧରିବାକୁ ସେନ୍ସର ଲଗାଇବାକୁ ଚାହାଁନ୍ତି। ଅନେକ ଦେଶରେ ଡ୍ରାଇଭରମାନେ କେତେ ସମୟ କାମ କରୁଛନ୍ତି ତାହା ଜାଣିବା ପାଇଁ ଇଲେକ୍ଟ୍ରାନିକ ଲଗିଂ ବ୍ୟବସ୍ଥା ରହିଛି।



**ଅଭୟ କୁମାର ଦାସ**
ଗୋତରା, ମାହାଙ୍ଗା, କଟକ,
ଦୂରଭାଷ : ୯୪୩୭୧୪୨୭୧୭

ସରକାରଙ୍କ ଏହି ଯୋଜନାକୁ ସବୁ ଦିଗରୁ ସମର୍ଥନ ମିଳିବା ଦରକାର। କାରଣ ଏଥିଲାଗି ପରିବହନ ଉଦ୍ୟୋଗରେ କେବଳ ଏକ ବିଜ୍ଞପ୍ତି ବା ନିର୍ଦ୍ଦେଶନାମା କାମ ଦେବ ନାହିଁ। କରୋନା ବେଳେ ପରିବହନ କ୍ଷେତ୍ର ଯଥେଷ୍ଟ ପ୍ରଭାବିତ ହୋଇଛି। ଏବେ ପେଟ୍ରୋଲ, ଡିଜେଲ ଦର ବୃଦ୍ଧି ସେହି କ୍ଷେତ୍ରରେ ଚାପକୁ ବଢ଼ାଇଛି। ଘରୋଇ ଗାଡ଼ି ବ୍ୟବସାୟୀମାନେ ଡ୍ରାଇଭରମାନଙ୍କ ପାଇଁ ସର୍ବାଧିକ ଗାଡ଼ି ଚଳାଇବା ସମୟ ନିର୍ଦ୍ଧାରଣ ନିଷ୍ପତ୍ତିରେ ଖୁସ ନହୋଇପାରନ୍ତି ତଦ୍ୱାରା ସେମାନଙ୍କ ଖର୍ଚ୍ଚ ବଢ଼ିଯିବ। ଏ ଦୃଷ୍ଟିରୁ ଉପରୋକ୍ତ ପ୍ରସ୍ତାବ ଉପରେ ବାସ୍ତବବାଦୀ ଆଭିମୁଖ୍ୟ ନେବାକୁ ହେବ। ସରକାର ଓ ଶିଳ୍ପ ବ୍ୟବସାୟିକ ଉଦ୍ୟୋଗ ଏହା ଉପରେ ଖୋଲାଖୋଲି ଆଲୋଚନା କରିବା ଦରକାର। ତାପରେ ହିଁ ନିୟମାବଳୀରେ ପରିବର୍ତ୍ତନ ଅଣାଗଲେ ଭଲ ହେବ।

## ମୃତ୍ୟୁଯନ୍ତା ସଡ଼କ

୨୦୧୯ ମସିହା ତୁଳନାରେ ୨୦୨୦ରେ ରାଜ୍ୟ ସଡ଼କ ଦୁର୍ଘଟଣା ଜନିତ ମୃତ୍ୟୁ ୧୧% କମିଛି। ୨୦୨୦ ଲକ୍‌ଡାଉନ ଓ ସଟ୍‌ଡାଉନ ସତ୍ତ୍ୱେ ୪୭୩୮ ଜଣଙ୍କର ସଡ଼କ ଦୁର୍ଘଟଣାରେ ମୃତ୍ୟୁ ଘଟିଥିବା ବେଳେ ପ୍ରାୟ ୫ ହଜାର ଜଣ ଆହତ ହୋଇଛନ୍ତି। ସବୁଠୁ ଉଦ୍‌ବେଗର ବିଷୟ ରାଜ୍ୟରେ ଘଟୁଥିବା ପ୍ରତି ୧୦୦ଟି ଦୁର୍ଘଟଣାରେ ୪୮ଜଣ ମୃତ୍ୟୁବରଣ କରୁଥିବାବେଳେ ଦେଶରେ ପ୍ରତି ୧୦୦ ଦୁର୍ଘଟଣାରେ ୩୬ଜଣଙ୍କର ମୃତ୍ୟୁ ହେଉଛି। ଭାରତର ରାସ୍ତା ତଥା ଭାରତୀୟ ଗାଡ଼ିଚାଳକମାନେ ହେଉଛନ୍ତି ପୃଥିବୀର ସବୁଠାରୁ ବିପଜ୍ଜନକ। ଏହି ସ୍ଥିତିରେ ପରିବର୍ତ୍ତନ ଆଣିବା ଲାଗି ଦରକାର ଚାଳକମାନଙ୍କ ସାବଧାନତା, ଭଲ ସଡ଼କ ଉପଯୋଗୀ ଗାଡ଼ିର ଚଳାଚଳ ଏବଂ ଖିଲାପିମାନଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ। ଭାରତର ଲାଇଫ୍ ଲାଇନ କୁହାଯାଉଥିବା ସଡ଼କ ପଥ ଗୁଡ଼ିକ ସଂପ୍ରତି ଅସୁରକ୍ଷିତ ହୋଇପଡ଼ିଲାଣି କହିଲେ ଅତ୍ୟୁକ୍ତି ହେବନାହିଁ। ଅଧିକାଂଶ ସଡ଼କ ବର୍ତ୍ତମାନ ସୁଦ୍ଧା ଖାଲ ଖମାରେ ଭର୍ତ୍ତି, ଦୁଇପଟେ ଘର ଉଠୁଥିବାରୁ ଅନେକ ସଡ଼କପଥର କଡ଼ ଅଂଶ ଜବର ଦଖଲ ହୋଇଥାଏ ଯାହାଦ୍ୱାରା ରାସ୍ତାରେ ଗମନା ଗମନ ସଙ୍କୁଚିତ ହେବାକୁପଡ଼େ। ସେହିପରି ସରକାରୀ ଆଇନକାନୁନ୍ ଓ ପରିବହନ ସଂକ୍ରାନ୍ତୀୟ ଜ୍ଞାନ ନଥାଇ ଅନେକ ଗାଡ଼ି ଚାଳକଙ୍କ ନିଜ ଷ୍ଟାଇଲରେ ଗାଡ଼ି ଚଲାଇବାଦ୍ୱାରା ଉଦ୍‌ବେଗଜନକ ଦୁର୍ଘଟଣା ବଢ଼ିଥାଏ। ମଦ୍ୟପାନ ବା ନିଶାସେବନ କରି ଗାଡ଼ି ଚଳାଉଥିବା ଚାଳକଙ୍କ ସଂଖ୍ୟା ଦିନକୁ ଦିନ ଉଦ୍‌ବେଗଜନକ ଭାବରେ ବଢ଼ିବାରେ ଲାଗିଛି। ସଡ଼କଟି ପାଦ ଚଲା ଲୋକଙ୍କ ପାଇଁ ଅସୁରକ୍ଷିତ ହୋଇପଡ଼ିଲାଣି। ମୋବାଇଲ ଫୋନରେ ଗପିବାର ବ୍ୟସ୍ତ ରହି ଅନେକ ପଥଚାରୀ ସହଜେ ଦୁର୍ଘଟଣାର ଶିକାର ହୋଇଥାନ୍ତି। ଉତ୍ତମ ଗମନାଗମନର ସୁଯୋଗ ତଥା ଲୋକମାନଙ୍କ ଭିତରେ ସମ୍ପର୍କର ଦୂରତ୍ୱକୁ କମାଇବା ପାଇଁ ସରକାର ସଡ଼କ ଯୋଗାଯୋଗ ବ୍ୟବସ୍ଥାକୁ ପ୍ରାଥମିକତା ଦେଇ ଏହାର ତମାମ ଉନ୍ନତି ପାଇଁ ବିଭିନ୍ନ କାର୍ଯ୍ୟକ୍ରମ ହାତକୁ ନେଉଛନ୍ତି। ତେବେ ଏସବୁ ଭିତରେ ସଚେତନତା ବଢ଼ାଇବା ଆମ ମାନଙ୍କର ପ୍ରମୁଖ କର୍ତ୍ତବ୍ୟ।

ଡ୍ରାଇଭରମାନେ କେତେ ସମୟ ଗାଡ଼ି ଚଳାଇବା ଓ ବିଶ୍ରାମ ନେବେ ସେ ସମ୍ପର୍କରେ ଆଗରୁ ବ୍ୟବସ୍ଥା ରହିଛି। ୧୯୬୧ରେ ପ୍ରଣୀତ ମଟର ପରିବହନ କର୍ମଚାରୀ ଆଇନରେ ଏହି ପ୍ରସଙ୍ଗ ଅନ୍ତର୍ଭୁକ୍ତ ଥିଲା। ଘରୋଇ ଟ୍ରକ, ବସ୍ ଓ ଟ୍ୟାକ୍ସି ଚାଳକମାନେ ଏହି ବ୍ୟବସ୍ଥାକୁ ପ୍ରାୟତଃ ମାନନ୍ତି ନାହିଁ। କିନ୍ତୁ ସରକାରୀ ଷ୍ଟାଫ ଏ ସମ୍ପର୍କରେ ନିଜର ଆପତ୍ତି ଜଣାଇଛନ୍ତି। ପଞ୍ଜାବ ଓ ହରିଆନା ହାଇକୋର୍ଟ ଏ ପ୍ରସଙ୍ଗରେ କହିଛନ୍ତି ଯେ ହରିଆନାର ସରକାରୀ ବସ ଡ୍ରାଇଭରମାନେ ଦିନକୁ ୧୦ ଘଣ୍ଟାରୁ ଅଧିକ ବା ସପ୍ତାହକରେ ୪୮ ଘଣ୍ଟାରୁ ଅଧିକ ସମୟ ଗାଡ଼ି ଚଳାଇବେ ନାହିଁ ଏବଂ ଦୀର୍ଘପଥ ଅତିକ୍ରମ କରୁଥିଲେ ସେମାନଙ୍କ ପାଇଁ ଅତିରିକ୍ତ ବିଶ୍ରାମ ବ୍ୟବସ୍ଥା କରାଯିବ। ଘରୋଇ ଡ୍ରାଇଭରମାନଙ୍କ ପାଇଁ ସେହି ନିୟମ ଲାଗୁ ହେଲେ ରାସ୍ତା ନିରାପତ୍ତା ବଢ଼ିବ ଓ କର୍ମଚାରୀମାନଙ୍କର କଲ୍ୟାଣ ମଧ୍ୟ ହେବ। ଜାତୀୟ ସ୍ତରରେ ଏ ଦିଗରେ ପଦକ୍ଷେପ ନିଆଯିବା ଲୋଡ଼ା। ମଟରଗାଡ଼ି ଆଇନ ସଂଶୋଧନରେ ଭାରତରେ ରାସ୍ତା ପରିହବନ ବ୍ୟବସ୍ଥାରେ ଅଧିକ ଶୃଙ୍ଖଳା ଅଣାଯିବ ବୋଲି ଆଶା କରାଯାଉଥିଲା। ନିୟମକୁ କଠୋର କରି କଡ଼ା ଦଣ୍ଡ ବ୍ୟବସ୍ଥା ଦ୍ୱାରା ହିଁ ରାସ୍ତାରେ ଭାରତୀୟମାନଙ୍କର ଆଚରଣକୁ ଶୃଙ୍ଖଳିତ କରିହେବ। ଏ ଦିଗରେ ଅଗ୍ରଗତି ମନ୍ଥର। ଟ୍ରାଫିକ ନିୟମର ଉଲ୍ଲଙ୍ଘନ ବ୍ୟତୀତ ରାସ୍ତାରେ ଗାତ ଓ ଖାଲ ମଧ୍ୟ ଦୁର୍ଘଟଣାର ଅନ୍ୟତମ କାରଣ। ଭାରତରେ ଅସଂଖ୍ୟ ଗଳିରାସ୍ତା ରହିଛି। ରାସ୍ତାଗୁଡ଼ିକରେ ଟ୍ରାଫିକ ସିଗନାଲ କ୍ୱଚିତ କାମ କରୁଛି ବା ନାହିଁ। ସମଗ୍ର ରାସ୍ତା ବ୍ୟବସ୍ଥାରେ ଏ ଦିଗ ଗୁଡ଼ିକୁ ମଧ୍ୟ ଦୃଷ୍ଟି ଦିଆଯିବା ଦରକାର। ତେବେ ଏ କ୍ଷେତ୍ରରେ ସମସ୍ତଙ୍କ ସହଯୋଗ ଓ ସମର୍ଥନ ଓ ସଚେତନତା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। କେବଳ ସରକାର ଓ ପ୍ରଶାସନ ଉପରେ ଦାୟିତ୍ୱ ନ୍ୟସ୍ତ କରିଦେଲେ ହେବନାହିଁ।

## ଚାଣକ୍ୟ ନୀତି

ପିତାମାତାମାନେ ସେମାନଙ୍କ ପିଲାମାନଙ୍କର ଶିକ୍ଷା ସଂସ୍କୃତି ଏବଂ ସ୍ୱାସ୍ଥ୍ୟ ପ୍ରତି ଗମ୍ଭୀର ହେବା ଉଚିତ୍। ପିଲାମାନଙ୍କ ପାଇଁ, ସେମାନଙ୍କର ପିତାମାତା ହେଉଛନ୍ତି ପ୍ରଥମ ଶିକ୍ଷକ। ପିତାମାତାଙ୍କ ସବୁଠାରୁ ବଡ ପ୍ରଭାବ ପିଲା ଉପରେ ଦେଖାଯାଏ। ଆଚାର୍ଯ୍ୟ ଚାଣକ୍ୟଙ୍କ ଅନୁଯାୟୀ, ଅଭିଭାବକମାନେ ପିଲାମାନଙ୍କୁ ଯୋଗ୍ୟ କରିବା ପାଇଁ କିଛି ବିଶେଷ ଜିନିଷର ଯତ୍ନ ନେବା ଉଚିତ୍। ଯେତେବେଳେ ପିଲାମାତାଙ୍କ ଭଲ ଅଭ୍ୟାସ ଗ୍ରହଣ କରନ୍ତି ଏବଂ ଖରାପ ଅଭ୍ୟାସରେ ମଧ୍ୟ ସେମାନେ ଖୁବ୍ ଶୀଘ୍ର ପ୍ରଭାବିତ ହୁଅନ୍ତି। ତେଣୁ ପିଲାମାନଙ୍କ ବିଷୟରେ, ଚାଣକ୍ୟଙ୍କର ଏହି ଜିନିଷଗୁଡିକୁ ଭୁଲିଯିବା ଉଚିତ୍ ନୁହେଁ। ପରସ୍ପର ସହିତ ମଧୁର କଥାବାର୍ତ୍ତା କରନ୍ତୁ- ଯେତେବେଳେ ଜଣେ ବ୍ୟକ୍ତିର ଭାଷା ଏବଂ ବକ୍ତବ୍ୟ ମିଠା ହୁଏ, ସେତେବେଳେ ସେ ସମସ୍ତଙ୍କ ପାଇଁ ପ୍ରିୟ ହୋଇଥାନ୍ତି। ଏହିପରି ଲୋକମାନେ ଅନ୍ୟମାନଙ୍କ ତୁଳନାରେ ବଡ କାର୍ଯ୍ୟ ନେବାକୁ ସକ୍ଷମ ଅଟନ୍ତି। ମଧୁରତାକୁ ସମସ୍ତେ ଭଲ ପାଆନ୍ତି। ସେଥିପାଇଁ ପିତାମାତାମାନେ ନିଜ ମଧ୍ୟରେ ମଧୁର କଥା ହେବା ଉଚିତ୍। ଶବ୍ଦର ପସନ୍ଦ ପ୍ରତି ଧ୍ୟାନ ଦିଅନ୍ତୁ। ଯାହାଫଳରେ ଯଦି ପିଲାମାନେ ସେମାନଙ୍କ କଥା ଶୁଣନ୍ତୁ, ତେବେ ସେମାନଙ୍କର ପ୍ରଭାବ ସକରାତ୍ମକ ହେବା ଯେଉଁମାନେ ଏହାର ନିଅନ୍ତୁ ନାହିଁ ସେମାନଙ୍କୁ ସଫଳତା ପାଇବା ପାଇଁ ସଂଘର୍ଷ କରିବାକୁ ପଡିବ ନାହିଁ। ଘର ପରିବେଶ - ପିଲାମାନଙ୍କ ପରିବେଶ ଉପରେ ଘରର ପରିବେଶ ସର୍ବାଧିକ ପ୍ରଭାବ ପକାଇଥାଏ। ଯଦି ଏହି ଜିନିଷ ଆରମ୍ଭରୁ ଯତ୍ନ ନିଆଯାଏ, ତେବେ ଶିଶୁର ଯୋଗ୍ୟ ହେବାର ସମ୍ଭାବନା ବହୁ ପରିମାଣରେ ବଢିଯାଏ ଘରର ପରିବେଶକୁ ଆଦର୍ଶ କରିବା ପିତାମାତାଙ୍କ ଦାୟିତ୍ୱ ପିତାମାତା ନିଜ ପିଲାମାନଙ୍କ ସାମ୍ନାରେ ଅସଦାଚରଣ କରିବା ଉଚିତ୍ ନୁହେଁ। ଘରର ପରିବେଶ ଶାନ୍ତ ହେବା ଉଚିତ।

ଏବେ "ସଂପର୍କବାର୍ତ୍ତା" ଆପଣଙ୍କ ହାତପାହାନ୍ତାରେ
ପଢିବା ପାଇଁ ଭିଜିଟ୍ କରନ୍ତୁ
www. samparkabarta.in

## ସୃଷ୍ଟିର ଉଦ୍ଦେଶ୍ୟ



**ପ୍ରଫେସର ଡାକ୍ତର ଉମେଶ ଚନ୍ଦ୍ର ପାତ୍ର**
*ବିଭାଗୀୟ ମୁଖ୍ୟ, ହେପାଟୋଲୋଜି ବିଭାଗ,*
*ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡ଼ିକାଲ କଲେଜ, କଟକ,*
*ଦୂରଭାଷ : ୯୪୩୭୦୫୧୯୫୭*

ଜନୈକ ଭକ୍ତଙ୍କର ପ୍ରଶ୍ନ ଥିଲା - ସୃଷ୍ଟିର ଉଦ୍ଦେଶ୍ୟ କ'ଣ ? ଏହି ପ୍ରସଙ୍ଗରେ ଯୁଗପୁରୁଷ ଭଗବାନ ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ର ପ୍ରକାଶ କଲେ ସୃଷ୍ଟି ଯଦି ନ ହୋଇଥାନ୍ତା ତାହାହେଲେ ମୁଁ ଓ ଆପଣ ଯେପରି ବସି କଥାବାର୍ତ୍ତା କରୁଛୁ, ପରସ୍ପରକୁ ଉପଭୋଗ କରୁଛୁ, ତାହା ଆଉ ହୋଇପାରନ୍ତା ନାହିଁ, ଏହାକୁ କୁହାଯାଏ ଲୀଳା। ଲୀଳା ଅର୍ଥ ଆଲିଙ୍ଗନ ଓ ଗ୍ରହଣ। ଗୁରୁନିଷ୍ଠ ହୋଇ ଏହି ଲୀଳାୟିତ ଚଳନରେ ଚାଲୁ ଚାଲୁ ଆମ୍ଭେମାନେ କର୍ମପ୍ରାଣ ହେଉ, ଉତ୍ସାହ ପ୍ରବଣ ହେଉ ଓ ବିସ୍ତାର ଲାଭ କରୁ। ପୁଣି ଆମ୍ଭମାନଙ୍କର ଏହି ଚଳନ ଦେଖି ପରିବେଶରେ ଅନ୍ୟମାନେ ଶିକ୍ଷିତ ହୋଇ ଉଠନ୍ତି।

ନିର୍ମଳ ଚୈତନ୍ୟ ପୁରୁଷ ସର୍ବତ୍ର ଓ ସବୁ ସମୟ ପାଇଁ ଅଛନ୍ତି, ସେହି ପୁରୁଷ ମଧ୍ୟରେ ରହିଛି ଆକର୍ଷଣ, ବିକର୍ଷଣ ଓ ବିରମଣ। କେତେବେଳେ ଚରମ ସଙ୍କୁଚିତ ହୁଏ ଓ କେତେବେଳେ ଚରମ ପ୍ରସାରିତ ହୁଏ। ପୁଣି କେତେବେଳେ ବିରମଣ ପ୍ରାପ୍ତ। ଏହା କରୁ କରୁ ସୃଷ୍ଟି ବଢ଼ି ଚାଲେ। ରା ଅର୍ଥ ସ୍ପନ୍ଦନ, ଧା ଅର୍ଥ ବିରତି। ଏହା ଭିତରେ ହିଁ ଆକର୍ଷଣ ଓ ବିରମଣ କ୍ରିୟା ହୋଇ ଚାଲିଛି। ଆଉ ସା ହେଲା ବହିର୍ଗାମିନୀ ଶକ୍ତି ଏବଂ ମୀର ଅର୍ଥ ଅନ୍ତର୍ଗାମିନୀ ଶକ୍ତି। ଏହା ଅଛି ବୋଲି ସୃଷ୍ଟିର ଅସ୍ତିତ୍ୱ ଅଛି ଓ ସୃଷ୍ଟି ସମ୍ଭବ ହୋଇଛି। ବିଜ୍ଞାନର ସମସ୍ତ ଶବ୍ଦ ଯଥା ଇଲେକଟ୍ରନ, ପ୍ରୋଟନ ଓ ନ୍ୟୁଟ୍ରନ ଇତ୍ୟାଦି ସବୁ ପରମ ପୁରୁଷଙ୍କର କଥା। ଆଜି ଯେଉଁ ଆଣବିକ ଶକ୍ତି ପ୍ରଚାରିତ ହେଉଛି ତାହା ପ୍ରତି ମନୁଷ୍ୟଙ୍କ ଭିତରେ ରହିଛି। ଏହିସବୁ ଶକ୍ତି ଏକ ପରମ ଶକ୍ତି ବା ପରମ ସ୍ରଷ୍ଟାଙ୍କ ଠାରୁ ଉଦ୍ଭୁତ ହୋଇଛି। ଏହା ହିଁ ହେଉଛି ଆଦିମ ଉତ୍ସ। ସେହି ଆଦିମ ଉତ୍ସ ହିଁ ମନୁଷ୍ୟ, ଗଛଲତା, ପଶୁ-ପକ୍ଷୀ, ସ୍ଥାବର-ଜଙ୍ଗମ ସବୁଥିରେ ରୂପାନ୍ତରିତ ହୋଇଛି। ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ର ଏକ ଉଦାହରଣ ଦେଇ କହୁଛନ୍ତି - ଧରନ୍ତୁ ଏକ ଚୁମ୍ବକ ଲୌହ ଖଣ୍ଡ। ସେହି ଉତ୍ସ ଠାରୁ ବିକରଣ ହେଉଛି ଗୋଟିଏ ଦିଗରେ ପଜିଟିଭ ଓ ଅନ୍ୟ ଦିଗରେ ନେଗେଟିଭ କଣା। ଏହି ବିକିରିତ କଣାଗୁଡ଼ିକ ଗୋଟିଏ ଦିଗରେ ମିଶୁଛି ଓ ଅନ୍ୟ ଦିଗରେ ଭାଙ୍ଗୁଛି। ଏହିପରି କରୁ କରୁ ଏକ ବଡ଼ ପ୍ରକାରର ଅଣୁ (ସୁପାରଏଟମ୍) ସଙ୍ଗଠିତ ହେଲା। ତା'ପରେ ପୁଣି ଭଙ୍ଗା ଗଢ଼ାର ଭିତର ଦେଇ ତାହା ଏକ ମାତୃକ୍ (ବସ୍ତୁ) ଜଗତରେ ପରିଣତ ହେଲା। ତାହାପରେ ପୁଣି ବିଭିନ୍ନ ଅବସ୍ଥା ଭିତରେ ଦେଇ ମନୁଷ୍ୟ, ଗଛ-ଲତା, ପଶୁ-ପକ୍ଷୀ, ସ୍ଥାବର-ଜଙ୍ଗମରେ ରୂପାନ୍ତରିତ ହେଲା। ଏକ ହିଁ ଶକ୍ତି ନାନା ପ୍ରକାରରେ ପରିମାପିତ ହୋଇ ବିଭିନ୍ନ ରୂପ ନେଇଛି। ଏହି ପରିମାପନ କ୍ରିୟା ନିମିତ୍ତ ଏହାକୁ କୁହାଯାଏ ମହାମାୟା। ଏହି ପରିମାପିତ ସୃଷ୍ଟି ପୁଣି ନୂତନ ସୃଷ୍ଟି କରି ଚାଲିଛି। ମନୁଷ୍ୟ ବିଭିନ୍ନ ପ୍ରକାର ଯନ୍ତ୍ରପାତି ତିଆରି କରୁଛି। ମଙ୍ଗଳ ଗ୍ରହରେ ଯିବାର ଚେଷ୍ଟା କରୁଛି, ଏକ ପରମ ଶକ୍ତିର ଭଣ୍ଡାରରୁ ସବୁ ସୃଷ୍ଟି। ଏହି ଶକ୍ତି ପାଖକୁ ଯେ ଯେତେ ପରିମାଣରେ ଆଗେଇଛି, ଶକ୍ତି ତା ପାଖରେ ସେତେ ପ୍ରକାଶିତ ହୋଇଛି। ପ୍ରତ୍ୟେକ ଏଟମ୍ ମଧ୍ୟରେ ପଜିଟିଭ ସ୍ତର ଅଛି, ନେଗେଟିଭ ସ୍ତର ଅଛି, ପୁଣି ନିଉଟ୍ରାଲ ସ୍ତର ମଧ୍ୟ ଅଛି। ସେହି ଏକ ଏଟମକୁ ଭାଙ୍ଗିବାକୁ ଯାଇ ଏପରି ଜିନିଷ ସୃଷ୍ଟି ହେଲା ଯାହାର ମାତ୍ର ଦୁଇଟି ଜିନିଷ (ବୋମା) ଜାପାନକୁ ଧ୍ୱଂସ କରି ଦେଲା। ଏହା ହେଲା ଜଡ଼ଶକ୍ତି। ଜଡ଼ଶକ୍ତି ଓ ଚୈତନ୍ୟ ଶକ୍ତିର ଭେଦ ନାହିଁ। ଭେଦ କରିଲେ ବୋକା ହୋଇଯିବୁ, ପାଗଳ ହୋଇଯିବୁ। ଜଡ଼ରେ ଚେତନା ଓ ଚୈତନ୍ୟ ମଧ୍ୟରେ ଜଡ଼ତା, ଉଭୟଙ୍କୁ ଅନୁଭବ କରିହେବ। ଜଡ଼ ଚୈତନ୍ୟ ହୁଏ ଓ ଚୈତନ୍ୟ ମଧ୍ୟ ଜଡ଼ ହୁଏ। ବସ୍ତୁ ବା ମେଟର ମଧ୍ୟରେ ମାତର ଅଛି, ମାନେ ମା, ତେଣୁ ଏକ ମେଟରରୁ ନୂତନ ସୃଷ୍ଟି ମଧ୍ୟ ହୁଏ। ମହାମାୟା ଶବ୍ଦର ଅର୍ଥ ବୁଝାଇବାକୁ ଯାଇ ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ର କହିଲେ - ମାୟାର ଅର୍ଥ ପରିମାପନ। ମହାମାୟା ଗଛକୁ ଗଛ ଭଳି କରିଛନ୍ତି, ପୋକଟାକୁ ପୋକ ପରି କରିଛନ୍ତି, ମନୁଷ୍ୟକୁ ମନୁଷ୍ୟ ପରି କରିଛନ୍ତି। ଦୁନିଆର ସବୁ କିଛିକୁ ପରିମାପିତ କରି ଯେ କରିଛନ୍ତି ସେ ହିଁ ମହାମାୟା। ଭଗବାନ ଶ୍ରୀକୃଷ୍ଣ ଗୀତାରେ କହିଲେ - 'ଦୈବୀ ହେଷ୍ୟା ଗୁଣମୟୀ ମମ ମାୟା ଦୂରତ୍ୟୟା, ମାମେବ ଯେ ପ୍ରପଦ୍ୟନ୍ତେ ମାୟା ମେତାଂ ତରନ୍ତି ତେ।' ସେହି ଭଗବାନ କୃଷ୍ଣଙ୍କୁ ଆରାଧନା କଲେ ମାୟାର ବନ୍ଧନ କଟିଯାଏ। ଭଗବାନ ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ର କହିଲେ - ଦୁନିଆର ସବୁ କିଛି କିପରି ଭାବରେ ବିବର୍ତ୍ତିତ ହୋଇ ଉଠିଛି ଏବଂ ଏହି ସବୁ କିଛି ସହିତ ଆମ୍ଭମାନଙ୍କର କଅଣ ସମ୍ପର୍କ ଅଛି ତାହା ଜାଣିବା ହିଁ ବ୍ରହ୍ମପ୍ରାପ୍ତି। ବ୍ରହ୍ମ ହେଉଛି ଚିର ବର୍ଦ୍ଧନଶୀଳ ଓ ଚିରଚେତନ, ଦୁନିଆର ସବୁକିଛି ମଧ୍ୟରେ ରହିଛି ବଞ୍ଚିବା ଓ ବଢ଼ିବାର ସମ୍ବେଗ। ବ୍ରହ୍ମର ଦ୍ୟୋତନା ଯାହା ମଧ୍ୟରେ ଅଛି ସେ ହୁଏତ ବିଜ୍ଞାନ ଜାଣେ ନାହିଁ, କିନ୍ତୁ ବିଜ୍ଞାନ ସହିତ ତାର ଭାବ ଓ ଭାଷା ମିଳିଯାଏ। ସେଥିପାଇଁ ପ୍ରଥମରେ ଆବଶ୍ୟକ ଯୋଗ। ଭଗବାନ ଶ୍ରୀକୃଷ୍ଣ ଗୀତାରେ କହିଲେ - ଯୋଗ କର୍ମସୁ କୌଶଳଂ। ଇଷ୍ଟ ବା ଗୁରୁଙ୍କ ଉପରେ ଶ୍ରଦ୍ଧା ବିଶ୍ୱାସ ଓ ନିଷ୍ଠା ନଥିଲେ ଏହି ଜ୍ଞାନ-ବିଜ୍ଞାନ ମନୁଷ୍ୟକୁ ଶାନ୍ତି ଦେଇପାରେନାହିଁ। ମନୁଷ୍ୟକୁ ଦୋଦୁଲ୍ୟମାନ କରି ଉଠାଏ ଓ ମାୟାର ସ୍ତରକୁ କଟାଇ ଇଷ୍ଟ, ଗୁରୁ ବା ବ୍ରହ୍ମରେ ଲୀନ ହୋଇପାରେ ନାହିଁ। ସେଥିପାଇଁ ଜଗଦଗୁରୁ ଶ୍ରୀ ଶଙ୍କରାଚାର୍ଯ୍ୟ କହିଲେ - ନ ଗୁରୋରଧିକଂ ତତ୍ତ୍ୱଂ ନ ଗୁରୋରଧିକଂ ତପଃ, ତତ୍ତ୍ୱ ଜ୍ଞାନାତ୍ ପରଂ ନାସ୍ତି ତସ୍ମୈଶ୍ରୀ ଗୁରୁବେ ନମଃ।

## କୃତ୍ରିମ ଅମରତ୍ୱ ଓ ଚିର ଯୌବନ



**ଡାକ୍ତର ସମ୍ରାଟ କର**
*ମାନସିକ ରୋଗ ବିଶେଷଜ୍ଞ, ଦି'ବ୍ରେନ୍ ଫାଉଣ୍ଡେସନ, ପୁରୀଘାଟ ରୋଡ଼, କଟକ,*
*ଦୂରଭାଷ : ୯୧୩୨୪୩୩୩୩୩*

ଲିପିକାର ବନ୍ଧୁ ଶ୍ରୀକାନ୍ତ ନୂଆବର୍ଷକୁ ବିଳମ୍ବରେ ମୋତେ ଶୁଭେଚ୍ଛା ଜଣାଇଲେ। ତାଙ୍କ ଶୁଭେଚ୍ଛା ଭିତରେ ଗୋଟେ ବଡ଼ ଅନୁସନ୍ଧିତ୍ସା ଥିଲା। ସେ ମୋତେ କହିଲେ ସାର ୨୦୨୨ ତ ଆସିଗଲା ହେଲେ କିଛି ଇଣ୍ଟରନେଟର ଖବରରୁ ମୁଁ ଯାହା ଜାଣୁଛି ବିଶ୍ୱର କିଛି ଖ୍ୟାତନାମା ବୈଜ୍ଞାନିକ ଚିର ଯୌବନ ଉପରେ କିଛି ଗବେଷଣା କରି ତତ୍ତ୍ୱ ବାହାର କରିଛନ୍ତି। ଟିକେ ମୋତେ ଆପଣ ସବିଶେଷ ଜଣାଇଲେ। ମୁଁ ତାଙ୍କ ଜିଜ୍ଞାସାକୁ ଶତ ଧନ୍ୟବାଦ ଦେଇ କହିଲି ତୁମେ ଗୋଟେ କଥା ମନେ ରଖ ମଣିଷକୁ ବାର୍ଦ୍ଧକ୍ୟ ଗ୍ରାସିବା ପରେ ସବୁ କିଛି ବଦଳିଯାଏ। ବିଭିନ୍ନ ରୋଗ ମାଡ଼ିବସେ। ଚର୍ମ, ଶିରାପ୍ରଶିରା ଲୋଚାକୋଚା ହୋଇଯାଏ। ପାହୁଣ୍ଡେ ଚାଲିବାକୁ ଗୋଡ଼ ସାଥ ଦିଏନାହିଁ। ମନରେ ସରସତା ମିଳେଇଯାଏ। ମଣିଷ ଜୀବନରେ ଯଦି ଏଭଳି ନଘଟନ୍ତା, କେତେ ଭଲ ହୁଅନ୍ତା ସତରେ। ତେବେ ଏହି ପୁରୁଣା ଅଭିଳାଷକୁ ସତ୍ୟରେ ପରିଣତ ପାଇଁ ପୁଣି ଆରମ୍ଭ ହୋଇଛି ମିଶନ। ଯଦି ଏହି ମିଶନ ସଫଳ ହୁଏ, ମକଣିଷ ଚିର ଯୌବନ ପ୍ରାପ୍ତି ହେବ, ବାର୍ଦ୍ଧକ୍ୟ ପାଖ ମାଡ଼ିବ ନାହିଁ। ଅସ୍ୱାଭାବି ଭାବେ ଦୀର୍ଘାୟୁ ହେବ।

ଆମେରିକାର ବିଖ୍ୟାତ କ୍ରିପ୍ଟୋ ଅରବପତି ବ୍ରାଏନ୍ ଆର୍ମଷ୍ଟ୍ରଙ୍ଗ ଓ ବାୟୋଇଞ୍ଜିନିୟର ତଥା ଟେକ୍ନୋଲୋଜି ନିବେଶକ ବ୍ଲେକ ବାୟର୍ସ ଏଭଳି ଏକ ବଡ଼ ମିଶନ ନେଇ ଆଗକୁ ବଢ଼ିଛନ୍ତି। ନ୍ୟୁଲିମିଟ୍ ନାମରେ ଏକ ଷ୍ଟାର୍ଟଅପ୍ ଗଢ଼ି ମିଶନ ଉପରେ କାର୍ଯ୍ୟ କରିବା ଲାଗି ନିଷ୍ପତ୍ତି ନେଇଛନ୍ତି। ନ୍ୟୁଲିମିଟର ଏମାନେ ସହ ପ୍ରତିଷ୍ଠାତା ରହିଛନ୍ତି। ଏଥିପାଇଁ ଯେତେ ଖର୍ଚ୍ଚ କରିବାକୁ ପଡ଼ିଲେ ବି ସେମାନେ ପଛାଇବେ ନାହିଁ ବୋଲି ଦୃଢ଼ ସଂକଳ୍ପ ହୋଇଛନ୍ତି। ପୂର୍ବରୁ ବିଶିଷ୍ଟ ଅରବପତି ତଥା ଆମାଜନ୍ ପ୍ରତିଷ୍ଠାନା ଜେଫ୍ ବେଜୋସ୍ ଏହି କ୍ଷେତ୍ରରେ ମନ ଚଳାଇଥିଲେ। ବାର୍ଦ୍ଧକ୍ୟ ଦୂରୀକରଣ ପାଇଁ ଗଠିତ ସଂସ୍ଥା ଅଲଟୋସଲାବସ୍‌ରେ ବିପୁଳ ନିବେଶ କରିଥିଲେ। ଏବେ ପୁଣି ଜଣେ ପ୍ରମୁଖ ଅରବପତି ଓ ବାୟୋ ଇଞ୍ଜିନିୟର ବଡ଼ ଲକ୍ଷ୍ୟ ନେଇ ଏ କ୍ଷେତ୍ରରେ ପାଦ ଥାପିଛନ୍ତି। ନ୍ୟୁଲିମିଟ ଷ୍ଟାର୍ଟଅପ୍‌ରେ ବର୍ତ୍ତମାନ ଦୁର୍ବଳ ଶରୀରରେ ସ୍ୱଳ୍ପ ବୟସର କୋଷଗୁଡ଼ିକୁ ସ୍ଥାନିତ ପାଇଁ ଗବେଷଣା କରାଯାଉଛି। ଏମିତି କି ଜଣେ ବୃଦ୍ଧ ଲୋକର ମନକୁ ମଧ୍ୟ ପରିବର୍ତ୍ତନ ଲାଗି ଚିନ୍ତା କରାଯାଉଛି। କ୍ରିପ୍ଟୋକରେନ୍ସି କଏନ୍‌ବେସର ସିଇଓ ଆର୍ମଷ୍ଟ୍ରଙ୍ଗ ଏବଂ ଷ୍ଟାନଫୋର୍ଡ଼ ୟୁନିଭର୍ସିଟିରୁ ପିଏଚ୍‌ଡି ହାସଲ କରିଥିବା ବାୟର୍ସ ନିଜ ଗବେଷଣାରେ ଆୟୁଷ ବୃଦ୍ଧି ତୁଳନାରେ ସାସ୍ଥ୍ୟଗତ ପ୍ରସଙ୍ଗକୁ ଅଧିକ ଗୁରୁତ୍ୱ ଦେଇଛନ୍ତି। ସେମାନଙ୍କ ଯୁକ୍ତି ମଣିଷ ଯେତେ ବର୍ଷ ବଞ୍ଚିବ ପଛେ ସାସ୍ଥ୍ୟ ଭଲ ରହୁ। କୌଣସି ପ୍ରକାର ଦୁରାରୋଗ ଶରୀରକୁ ମାଡ଼ି ନ ବସୁ। ବୟସାଧିକ୍ୟ ଯୋଗୁ ଆସୁଥିବା ଶାରୀରିକ ପରିବର୍ତ୍ତନକୁ ସେମାନେ ମାତ ଦେବା ଉପରେ ଫୋକସ ଦେଉଛନ୍ତି। ସେମାନେ କହିଛନ୍ତି ଯେ ବୟସ ବଢ଼ିବା ସହିତ ଶାରୀରିକ ଯନ୍ତ୍ରଣା ବଢ଼ିବା ଆରମ୍ଭ କରିଦିଏ। ୩୦ ବର୍ଷ ବୟସ ମଧ୍ୟରେ ବେଶ ଫୁର୍ତ୍ତି ଅନୁଭୂତ ହୁଏ। ଏହାପରେ ଧୀରେ ଧୀରେ ଶରୀର ବଦଳିବାକୁ ଆରମ୍ଭ କରିଥାଏ। ନ୍ୟୁଲିମିଟ ଷ୍ଟାର୍ଟଅପ୍ ଏହି ଶାରୀରିକ ପରିବର୍ତ୍ତନକୁ ସଙ୍କୁଚିତ ଅଥବା ମୂଳୋତ୍ପାଟନ ଉପରେ କାର୍ଯ୍ୟ କରିବ। ନ୍ୟୁଲିମିଟର ଯୋଜନାରେ ଏପିଜେନେଟିକ ରିପ୍ରୋଗ୍ରାମିଙ୍ଗ ଉପରେ ଫୋକସ କରାଯାଇଛି। ସ୍ୱଳ୍ପ ବୟସରେ ଥିବା ପୁନଃଉତ୍ପାଦନ କ୍ଷମତାକୁ ବାର୍ଦ୍ଧକ୍ୟ ସମୟରେ ଫେରାଇ ଆଣିବା ଲାଗି କମ୍ପାନୀ ଲକ୍ଷ୍ୟ ରଖିଛି। ବୟସ ବଢ଼ିବା ପରେ ଲୋକଙ୍କର ପ୍ରତିରୋଧକ କ୍ଷମତା କାହିଁକି ହ୍ରାସ ପାଉଛି, ତାହା ଜାଣିବା ଉପରେ ଗୁରୁତ୍ୱ ଦିଆଯିବ। ଶରୀରରେ ହେଉଥିବା ଏହି ପରିବର୍ତ୍ତନକୁ ବୁଝିବା ସକାଶେ ମେସିନ୍ ଲର୍ଣ୍ଣିଙ୍ଗ ମଡ଼େଲ ବିକାଶ କରିବା ଲାଗି ଏହି ପ୍ରୋଗ୍ରାମିଙ୍ଗର ପ୍ରଥମ ପଦକ୍ଷେପ ହେବ ବୋଲି କୁହାଯାଇଛି।

ନ୍ୟୁଲିମିଟର ପ୍ରତିଷ୍ଠାତା ଆହୁରି କହିଛନ୍ତି ଯେ କୌଣସି ମିଶନ ସଫଳ ହେଲେ, ତାହା ପ୍ରଥମେ ବିପୁଳ ଦାମରେ ଉପଲବ୍ଧ ହୋଇଥାଏ। ନ୍ୟୁଲିମିଟ କ୍ଷେତ୍ରରେ ମଧ୍ୟ ସମାନ ଘଟିବ। କିନ୍ତୁ ପରମୁହୂର୍ତ୍ତରେ ଏହା ସମସ୍ତଙ୍କ ପାଇଁ ସୁଲଭ ଦରରେ ଉପଲବ୍ଧ କରାଯିବ। ତେବେ ଏଭଳି ଉତ୍ପାଦ ଦର କମିବା ପାଇଁ ଦଶନ୍ଧି ଦଶନ୍ଧି ସମୟ ଲାଗିଯାଏ। କିନ୍ତୁ ଆମେ ଏକ ସ୍ୱଳ୍ପ ଅବଧି ମଧ୍ୟରେ ଏହାକୁ ସୁଲଭ କରାଇବା ଉପରେ ଫୋକସ କରିବୁ। ତେବେ ନ୍ୟୁଲିମିଟ ବର୍ତ୍ତମାନ ଶୈଶବ ଅବସ୍ଥାରେ ରହିଛି। ଏହାର ପ୍ରତିଷ୍ଠାତା ଟିମ ଏ ପର୍ଯ୍ୟନ୍ତ ଗଠନ ହୋଇନାହିଁ। ୨୦୦୬ରେ ବାର୍ଦ୍ଧକ୍ୟ ନିରାକରଣ ପ୍ରସଙ୍ଗରେ ଏକ ନୋବେଲ ପୁରସ୍କାରପ୍ରାପ୍ତ ଗବେଷଣା ପ୍ରକାଶ ପାଇଥିଲା। ଏଥିରେ ୪ଟି ପ୍ରମୁଖ ପ୍ରୋଟିନ ଉପରେ ବର୍ଣ୍ଣନା କରାଯାଇଥିଲା। ବୁଢ଼ା ହୋଇଯାଇଥିବା କୋଷ ଗୁଡ଼ିକୁ ଅପରିପକ୍ୱ କୋଷରେ ରିପ୍ରୋଗ୍ରାମ କରି ଷ୍ଟେମ୍ ସେଲ ସୃଷ୍ଟି ନିମନ୍ତେ ଏଥିରେ ଗୁରୁତ୍ୱ ଦିଆଯାଇଥିଲା। ତେବେ ନ୍ୟୁଲିମିଟ ବୟସ ସଂକ୍ରାନ୍ତ ସ୍ୱାସ୍ଥ୍ୟ ସମସ୍ୟାକୁ ଲାଘବ କରି ବୃଦ୍ଧାବସ୍ଥା ବେଳେ ଯୌବନାବସ୍ଥା ଗୁଣାବଳିକୁ ଫେରାଇ ଆଣିବା ସକାଶେ ଏହାକୁ ବ୍ୟବହାର କରିବ ବୋଲି ଆଶା ରଖିଛି। ଏହି କ୍ଷେତ୍ରରେ ସଫଳତା ପାଇବା ପାଇଁ ଦଶନ୍ଧି ଦଶନ୍ଧି ସମୟ ଲାଗିପାରେ। ତଥାପି ନ୍ୟୁଲିମିଟ ପ୍ରତିଷ୍ଠାତାମାନେ ଏହି ପ୍ରକଳ୍ପ ଉପରେ ଯଥାଶୀଘ୍ର କାର୍ଯ୍ୟ ଆରମ୍ଭ କରିଦେବେ ବୋଲି ପ୍ରତିଶ୍ରୁତି ଦେଇଛନ୍ତି। ଚିର ଯୌବନ ପ୍ରାପ୍ତି ପାଇଁ ଲୋକମାନେ ସବୁବେଳେ ଇଚ୍ଛା ରଖିଥାନ୍ତି। ଏହି ଐତିହାସିକ ଇଚ୍ଛାକୁ ପୁରା କରିବା ପାଇଁ ଆମେ ଚେଷ୍ଟିତ ହେବୁ। ନ୍ୟୁଲିମିଟର ଏହି ପ୍ରୟାସ ଯଦି ସଫଳ ହୁଏ ତାହାଲେ ମଣିଷ ନିଜ ବାର୍ଦ୍ଧକ୍ୟ ସମୟରେ ବି ସୁସ୍ଥ ଓ ସୁଖମୟ ଜୀବନ ବଞ୍ଚିପାରିବ ବୋଲି ଆର୍ମଷ୍ଟ୍ରଙ୍ଗ ଓ ବାୟର୍ସ କହିଛନ୍ତି।

## ଆଧ୍ୟାତ୍ମିକତା ଓ ସତ୍ୟସାଇ ବାବା



**ଉତ୍କଳାନନ୍ଦ**
**ଅଜୟ କୁମାର ବେହେରା**
*ଅରୁଣୋଦୟ ନଗର, କଟକ,*
*ଦୂରଭାଷ : ୯୪୩୭୦୩୧୨୫୩*

ଆମ ରାଜ୍ୟରେ ଗୁରୁ ପର୍ଯ୍ୟାୟ ଲୋକଙ୍କୁ 'ବାବା' ଓ ଦକ୍ଷିଣରେ 'ସ୍ୱାମୀ' କୁହାଯାଉଛି। ସ୍ୱାମୀ ବିବେକାନନ୍ଦ କୁହାଯାଉଛି, ଏହା ବିଶ୍ୱରେ ଏକ ଡାକ। ସେମିତି ଶିରିଡ଼ି ସାଇବାବା, ସତ୍ୟସାଇବାବା ବିଶ୍ୱ ଯୋଡ଼ିଡାକ ଏବେ ରହିଛି। ବ୍ରିଟିଶ ଅମଳରେ ସମ୍ମାନନୀୟଙ୍କୁ ସାହେବ, ତାଙ୍କ ପରେ ବାବୁ ଡାକ ପଡୁଛି। 'ମାନ୍ୟବର' ମାନନୀୟ, ଶ୍ରୀମାନ, ଶ୍ରୀମତୀ ଏମିତି ଡାକ ଏବେ ବ୍ୟବହୃତ ହେଉଛି। ଲୋକେ ଜନ୍ମର ଏକୋଇଶା ବା ନାମକରଣ ଦିନରୁ ପାଇଥିବା କର୍ଣ୍ଣ ଗହ୍ୱରର ଉଚ୍ଚାରଣ ନାମ ଜାତି, ପାଟକ ବା ବଂଶଗତ ସଂଜ୍ଞା ସଂଯୋଗରେ ଯାହା ଲକ୍ଷ୍ମୀ ଥାଏ ପାଠ ପଢ଼ିବା ପରେ ଏଥିରେ ପାଠର ସଂକ୍ଷିପ୍ତ ଅବକାଶଟିର ଚିହ୍ନଟ ସଂକ୍ଷିପ୍ତ ଶବ୍ଦ ଲଗାଇ ଲୋକ ଯେ ଏକ ଭିନ୍ନ ଗୋଷ୍ଠୀର ଏହାକୁ ପ୍ରମାଣ କରୁଛନ୍ତି। ଅନେକ ପଦବୀରେ ରହି ପଦବୀର ନାମ ସେବାରେ ଥିବାବେଳେ ଲଗାଇ ଏକ ସତନ୍ତ୍ର ବ୍ୟକ୍ତି ସମ୍ମାନର ଅଧିକାରୀ ପ୍ରକାଶ କରୁଥିବା ବେଳେ ସେବା ରହିତ ବେଳେ ଲୋକରେ ସ୍ମୃତି ଜାଗରୁକ ପାଇଁ ନାମ ପଛରେ 'ଭୁତ' ଲଗାଉଛନ୍ତି 'ଭୁତପୂର୍ବ'। ହେଲେ ଏହି ଗୁରୁମାନଙ୍କ ନାମ ପଛରେ ବାବା ବା ସ୍ୱାମୀ ଥିଲେ ଏମାନେ ସେହି ମହିମାରେ ଇହଲୋକରେ ଥିବାବେଳେ ଯାହା ଅପ୍ରକଟରେ ବି ସେହି ଡାକରେ ରହିଥାନ୍ତି। ଜନ୍ମ ଓ ମୃତ୍ୟୁ ସମସ୍ତଙ୍କର ରହିଛି, ଅବତାରମାନେ ଆସି ଚାଲିଯାଇଛନ୍ତି। କେବଳ ସେମାନଙ୍କର ଲୀଳା ସ୍ମୃତି ରହିଯାଇଛି। ଗୁରୁମାନେ ଏମିତି ତାଙ୍କର ଶିଷ୍ୟ ଭକ୍ତ ଆନୁଗତାଙ୍କ ପାଇଁ ସମୟାନ୍ତରକୁ ଅନେକ ଉପଦେଶ ଆଦେଶ ଦେଇଥାନ୍ତି। କିଛି ଦୁଃଖ ବ୍ୟକ୍ତିଗତ, କିଛି ଦୁଃଖ ସାମୁହିକ, କିଛି ଦୁଃଖ ମାନବ ସମାଜର, ଏହି ଦୁଃଖର ଜଡ଼ ଖୋଜି ତାର ସମାଧାନ ପାଇଁ ସମସ୍ତେ ବ୍ୟଗ୍ର। ହେଲେ ଏହା ସହଜରେ ମିଳେ ନାହିଁ। ଏପାଇଁ ଏକ ପଥରେ ଅନେକ ଛକ, ପୁଣି ଛକ ମାନଙ୍କରୁ ଅନେକ ରାସ୍ତା ପଡ଼ିଥିବା ବୋଧ ହୁଏ। ଏଥିରେ ମୃଗତୃଷ୍ଣା ପରିସ୍ଥିତି ଅନୁସନ୍ଧାନୀର ଆସିପାରେ। ଯଦି ଜଣେ ସିଦ୍ଧ ଗୁରୁଙ୍କ ମାର୍ଗରେ ଯାଏ, ତେବେ ପଥ ଗୁଡ଼ିକ ସରଳ ମାର୍ଗ ହୋଇ ଉଦ୍ଦେଶ୍ୟ ସିଦ୍ଧି ସହିତ ଗୋଲରେ ପହଞ୍ଚି ହୋଇଥାଏ।

ଇସଲାମିକ ଧର୍ମଶାସ୍ତ୍ର କୋରାନ, ଖ୍ରୀଷ୍ଟଧର୍ମ ଶାସ୍ତ୍ର ବାଇବେଲ, ଶିଖ ଧର୍ମଶାସ୍ତ୍ର ଗୁରୁ ଗ୍ରନ୍ଥସାହେବ, ପରି ଦିବ୍ୟ ଶାସ୍ତ୍ରର ନାମ ସମସ୍ତେ ଜାଣନ୍ତି। ଆମର ଅଷ୍ଟାଦଶ ପୁରାଣ, ଭାଗବତ, ରାମାୟଣ, ମହାଭାରତ ପରି ଧର୍ମଶାସ୍ତ୍ର ନାମ ବି କାହାକୁ ଅଜଣା ନୁହେଁ। ବେଦ, ଉପନିଷଦ ପ୍ରାଚୀନ ଶାସ୍ତ୍ର ଏହା ବି ଅଜଣା ନୁହଁ ହେଲେ ଏସବୁ ଆଚରଣରେ ଲଗାଇବା ଓ ଠିକ୍ ସମସ୍ୟା ବେଳେ ମନନ କରିବା ଆୟସ ସାଧ୍ୟ ନୁହଁ, ଏକମାତ୍ର ଭଗବାନଙ୍କ ମୁଖ ଉଚ୍ଚାରିତ ଭଗବତ ଗୀତାର ସାତ ଶହ ଶ୍ଳୋକର ଧାରା ମନୁଷ୍ୟ ବିଭିନ୍ନ ପର୍ଯ୍ୟାୟରେ କରିପାରନ୍ତି। ଯେଉଁ ଶାସ୍ତ୍ର ବିଭିନ୍ନ ଧର୍ମ ଓ ଆମ ହିନ୍ଦୁଧର୍ମ ସମ୍ବନ୍ଧରେ କୁହାଯାଉଛି ଏ ସବୁ ପ୍ରକୃତରେ ଗୁରୁମୁଖି ବିଦ୍ୟା। ଗୁରୁଦ୍ରଷ୍ଟା ହୋଇ ଅନୁଭବ କରି ତତକାଳ ଓ ପରକାଳର ଅନୁଗତ୍ୟ ମାନଙ୍କୁ ସେହି ପଥରେ ଚାଲିବାକୁ ନିର୍ଦ୍ଦେଶ କରିଛନ୍ତି। ଏହା ଗୁରୁମୁଖି ସମ୍ବିଧାନ କୁହାଯାଇପାରେ। ଏହା ବ୍ୟତୀତ ଆହୁରି ଗୁରୁମୁଖି ବିଦ୍ୟା ଅଛି ଯାହା ଅନିସନ୍ଧିତ୍ସୁ ଖୋଜ କଲେ ଜାଣି ପାରିବେ। ଗୁରୁ ବିଭିନ୍ନ ସମୟରେ ବିଭିନ୍ନ ସମସ୍ୟାରେ କହିଥିବା କଥା ଲିପିବଦ୍ଧ ଶାସ୍ତ୍ର ହିଁ ଏହି ସବୁ ଶାସ୍ତ୍ରର ଛାପ ନେଇଛି। ସତ୍ୟସାଇ ବାବାଙ୍କର ଅନେକ ବାଣୀ, କୃତି, ଅନେକ ମହିମା ତାଙ୍କର ବାଣୀରେ କେବେ ମନୁଷ୍ୟ ଜାତି ନିଶ୍ଚିହ୍ନ ହେବାରେ ମନେ ଦେଇନପାରେ, ସମଗ୍ର ପୃଥିବୀକୁ ସେ ସାଇ ପରିବାରରେ ରଖିବା ପାଇଁ ଉପଦେଶ କେବଳ ଦେଇ ନୁହଁ ସେପରି ଉଦ୍ୟମ କରିଯାଇଛନ୍ତି। ଯୁଦ୍ଧ ଅସ୍ତ୍ର ସଂହାର ପାଇଁ ଉଦ୍ଦିଷ୍ଟ। ରକ୍ତପାତ ଓ ବିସ୍ତାରବାଦୀ ଚିନ୍ତା ଏଥିରୁ ରକ୍ଷା ନମିଳିଲେ ସଂସାର ତହୁଁ ତହୁଁ ବଢ଼ା ଯୋଗୁଁ ନିଶ୍ଚିନ୍ନ ହୋଇଯିବ। କାୟାମତ, ପ୍ରଳୟ ଆସିଯିବ। ସେ ଯେତେ ଗୁରୁମୁଖି ବିଦ୍ୟାର ସ୍ଥିର ମତରେ ଶାସ୍ତ୍ର ଅଛି ଓ ଯେତେ ମତ ଅଛି ଯେତେ ସମ୍ପ୍ରଦାୟ ଗୋଷ୍ଠୀ ଅଛନ୍ତି, ଯେତେ ଧର୍ମ ଅଛି, ସମସ୍ତଙ୍କୁ ଆଦର କରି ଆସିଛନ୍ତି। ସେ କିପରି ଏତେ ଜାଣି ବ୍ୟକ୍ତ କରନ୍ତି, ସମ୍ଭାଷଣରେ ବୟାନ କରନ୍ତି, କେହି ତାଙ୍କର ସାନ୍ନିଧ୍ୟ ପାଇଥିଲେ ନିଶ୍ଚେ ଆଶ୍ଚର୍ଯ୍ୟ ହୋଇଯାଇଥିବେ। ସର୍ବଧର୍ମର ନିର୍ଯ୍ୟାସରେ ମାନବ ସମାଜ ଶାନ୍ତିରେ ଚଳି ପାରିବ ଏହା ପ୍ରକୃତିରେ ସାଇବାବାଙ୍କର ମାର୍ଗ ଦର୍ଶନ।

ହିଂସାମୁକ୍ତ, ଅସ୍ତ୍ରମୁକ୍ତ ମାନବ ସମାଜ ବର୍ତ୍ତମାନ ଧ୍ୟେୟ ମିଜାଇଲ, ପରମାଣୁ ବୋମା ଡରାଇ ଡରାଇ ଲୋକଙ୍କୁ ରଖୁଥିବାବେଳେ ସାଇବାବାଙ୍କ ମାର୍ଗ ପ୍ରେମ, ଦୟା, କରୁଣା, ଅହିଂସାକୁ ପ୍ରସାର ପାଇଁ ଉଡାଉଛି। ସେବା ମନୋଭାବ ପ୍ରତି ବ୍ୟକ୍ତିର ବଢ଼ାଉଛି। ଜୀବେ ଦୟା ବୁଦ୍ଧ ବାଣୀ, ସେ ବି ପ୍ରତ୍ୟକ୍ଷ କରାଇଛନ୍ତି ତାଙ୍କର ଆଶ୍ରମରେ ପାଳିତ ପଶୁଙ୍କୁ ଦେଖିଲେ ବୁଝି ପାରିବେ, ଶିରିଡ଼ି ସାଇବାବାଙ୍କ ଆଶ୍ରମରେ କୁକୁର ଏକ ହୀନ ଜୀବ ନୁହେଁ। ତାଙ୍କର ଶ୍ୟାମକରଣ ଘୋଡ଼ା ଥିଲା, ତାଙ୍କ ପାଖକୁ ବାଘ ଆସି ଜୀବନ ସାଙ୍ଗ କରିଥିଲା। ସାପ, ବେଙ୍ଗ, ଝିଟିପିଟି କଥା ତାଙ୍କ ସତ୍ ଚରିତଅରୁ ସମସ୍ତେ ପଢ଼ିଥିବେ ଭଗବାନ ପଶୁପତି ପୁଣି ପ୍ରଜାପତି ଏହାବାଦ ପାଳନ ପୋଷଣ କର୍ତ୍ତା। ଅତଏବ ସଂସାରରେ ଯେତେ ଜୀବ ଜନ୍ମ ସବୁ ଭଗବାନଙ୍କର ସନ୍ତାନ, ପରସ୍ପର ଭାଇ, ଭଉଣୀ, ସମ୍ବନ୍ଧ ଆକାଶର ଚନ୍ଦ୍ର ସମସ୍ତଙ୍କର ମାମୁଁ ଗ୍ରାମର ଦେବତା ସମସ୍ତଙ୍କର ପ୍ରଭୁ ମାଳିକ ପୁଣି ମାଆ। ପରସ୍ପରକୁ କଷ୍ଟରେ ସହାୟକ ହେବା, ସୁନ୍ଦର ପୃଥିବୀକୁ ଆହୁରି ସୁନ୍ଦର କରି ରଖିବା, ଭାଇଚାରାକୁ ବ୍ୟାପକ କରାଇବା। ଯେ କୌଣସି ବ୍ୟକ୍ତି ଜୀବନର ଧର୍ମ ଧରିଲେ ସେ ସାଇବାବାଙ୍କ ମାର୍ଗରେ ଅଛନ୍ତି, ଏମିତି ସ୍ତର ମନକୁ ମନ ହୋଇଯିବ। ତାଙ୍କର ଆଶୀର୍ବାଦ ସେ ଲୋକ ଉପରେ ଆସିଯିବ।

## ଆଧ୍ୟାତ୍ମିକ ପୁରୁଷ ସ୍ୱାମୀ ବିବେକାନନ୍ଦ

**ସତ୍ୟ ମହାପାତ୍ର**
*ଆଇନଜୀବୀ, ଓଡ଼ିଶା ହାଇକୋର୍ଟ, କଟକ,*
*'ସତ୍ୟାଳୟ' ପ୍ଲଟ ନଂ - ୧୦୮୭/ଡ଼ି, ସେକ୍ଟର-୬, କଟକ,*
*ଦୂରଭାଷ : ୯୬୫୮୧୦୫୫୩୨*

୧୮୯୯ ସେପ୍ଟେମ୍ବର ମାସରେ ସ୍ୱାମୀ ବିବେକାନନ୍ଦ କାଶ୍ମୀରରେ ଅମରନାଥଙ୍କ ଦର୍ଶନ ପରେ ଶ୍ରୀନଗରର କ୍ଷୀର ଭବାନୀ ମନ୍ଦିରରେ ପହଞ୍ଚିଲେ। ସେଠାରେ ସେ ମା' କାଳୀଙ୍କୁ ସ୍ମରଣ କରି ସମାଧି ନେଲେ। ଗୋଟିଏ ସପ୍ତାହ ପର୍ଯ୍ୟନ୍ତ ସେ ନବରାତ୍ରୀରେ ଏକାନ୍ତ ସାଧନା କରିଥିଲେ। ସ୍ୱାମୀଜୀ ପ୍ରତିଦିନ ବାଳିକା ରୂପରେ ମା'କାଳୀଙ୍କ ଦର୍ଶନ କରୁଥିଲେ ଏବଂ ତାଙ୍କର ପୂଜା କରୁଥିଲେ। ସ୍ୱାମୀ ବିବେକାନନ୍ଦ କହୁଥିଲେ, ବ୍ରହ୍ମ ଏବଂ କାଳୀ, ଈଶ୍ୱର ଏବଂ ତାଙ୍କ କ୍ରିୟାଶକ୍ତି ଅଗ୍ନି ଏବଂ ତାହାର ଦହନ ଶକ୍ତି ସମାନ ଏବଂ ଅଭେଦ୍ୟ। ସ୍ୱାମୀଜୀଙ୍କ ଗୁରୁ ରାମକୃଷ୍ଣ ପରମହଂସ ମୃତ୍ୟୁ ପୂର୍ବରୁ କହିଥିଲେ ନରେନ୍ କାଳୀ ମା' ତୋର ପ୍ରତିଟି ପଦକ୍ଷେପରେ ମାର୍ଗଦର୍ଶନ କରିବେ। ମୃତ୍ୟୁ ପର୍ଯ୍ୟନ୍ତ ମା'କାଳୀଙ୍କ ଉପସ୍ଥିତି ବୋଧ କରୁଥିଲେ ସ୍ୱାମୀଜୀ। ଏହି ଅଭିଜ୍ଞତାରୁ ସେ କାଳୀ ଦି ମଦର୍ କବିତା ଲେଖିଥିଲେ।

ସ୍ୱାମୀଜୀଙ୍କ ଜନ୍ମ କଲିକତାରେ ହୋଇଥିଲା। ୧୮୬୩ ମସିହା ଜାନୁଆରୀ ୧୨ ତାରିଖରେ। ସେ ଦିନ ଥିଲା ପବିତ୍ର ମକର ସଂକ୍ରାନ୍ତି। ତାଙ୍କର ପିଲାଦିନର ନାମ ଥିଲା ନରେନ୍ଦ୍ର ନାଥ ଦତ୍ତ। ପିତା ବିଶ୍ୱନାଥ ଦତ୍ତ କଲିକତା ହାଇକୋର୍ଟରେ ଜଣେ ବିଶିଷ୍ଟ ଓକିଲ ଥିଲେ। ସେ ପାଶ୍ଚାତ୍ୟ ଚେତା ଥିଲେ। ସେଥିପାଇଁ ପୁତ୍ରକୁ ଇଂରାଜୀ ପଢ଼ାଇ ପାଶ୍ଚାତ୍ୟ ବିଚାରଧାରାର ଅନୁଗାମୀ କରିବାକୁ ଚାହୁଁଥିଲେ। ମାତ୍ର ବିଧିର ବିଧାନ ଥିଲା ଭିନ୍ନ। ସ୍ୱାମୀଜୀଙ୍କ ମାତା ଭୁବନେଶ୍ୱରୀ ଦେବୀ ଭଗବତ୍ ବିଶ୍ୱାସୀ ଥିଲେ। ଯାହାର ପ୍ରଭାବ ପିଲାଦିନୁ ପଡ଼ିଥିଲା ବିବେକାନନ୍ଦଙ୍କ ଉପରେ। ସ୍ୱାମୀଜୀ ବାଲ୍ୟକାଳରୁ ଅତ୍ୟନ୍ତ ବିଚିକ୍ଷଣ ଥିଲେ। ସେ ଭାଗବତ ପ୍ରାପ୍ତି ନିମନ୍ତେ ସର୍ବଦା ବ୍ୟାକୁଳ ଥିଲେ। ଗୁରୁ ରାମକୃଷ୍ଣ ପରମହଂସଙ୍କୁ ଭେଟିବା ପରେ ସ୍ୱାମୀଜୀଙ୍କୁ ଜୀବନର ପରମଲକ୍ଷ୍ୟ ପ୍ରାପ୍ତ ହୋଇଥିଲା। ସ୍ୱାମୀଜୀ ସ୍ୱପ୍ନଦ୍ରଷ୍ଟା ଥିଲେ। ସେ ଏଭଳି ଏକ ସମାଜର କଳ୍ପନା କରିଥିଲେ, ଯେଉଁଠି ଧର୍ମ ଏବଂ ଜାତି ଆଧାରରେ ସାମାଜିକ ବିଭାଜନ ନଥିବ। ସେ ବେଦାନ୍ତ ସିଦ୍ଧାନ୍ତକୁ ଏହି ରୂପରେ ଦେଖିଥିଲେ। ବିବେକାନନ୍ଦ ଯୁବକଙ୍କ ପାଇଁ ନୂତନ ଆଶା ଥିଲେ। ବର୍ତ୍ତମାନର ଯୁବପୀଢ଼ି ପାଇଁ ଏହି ଓଜସ୍ୱୀ ସନ୍ନ୍ୟାସୀଙ୍କ ଜୀବନ ଏକ ପରମ ଆଦର୍ଶ। ଚିକାଗୋ ଧର୍ମ ସମ୍ମିଳନୀରେ ବିବେକାନନ୍ଦଙ୍କ ଓଜସ୍ୱିନୀ ଭାଷଣ ବିଶ୍ୱ ଦରବାରରେ ଭାରତ ଏବଂ ଭାରତର ଆଧ୍ୟାତ୍ମିକତାର ଛବିକୁ ଅଧିକ ଉଜ୍ଜ୍ୱଳ କରିଥିଲା। ମାତୃଭୂମିକୁ ସେ ଅତି ଭଲ ପାଉଥିଲେ। ଥରେ ବିଦେଶରୁ ଫେରିବା ସମୟରେ ଜାହାଜରୁ ଦୌଡ଼ି ଆସି ସ୍ୱାମୀଜୀ ଭାରତ ଭୂଖଣ୍ଡ ମାଟି ଛୁଇଁ ଆତ୍ମହରା ହୋଇପଡ଼ିଥିଲେ। ଯୁବକମାନଙ୍କ ନେଇ ସ୍ୱାମୀଜୀ ଅନେକ ଆଶା ରଖିଥିଲେ। ଉତ୍ସାହୀ, ଉଦ୍ୟମୀ ଯୁବକମାନେ ହିଁ ଭାରତର କଲ୍ୟାଣ କରିପାରିବେ ବୋଲି ବିବେକାନନ୍ଦ ମତ ରଖିଥିଲେ। ସେ ଯୁବକମାନଙ୍କୁ ଉଭୟ ଇଂରାଜୀ ଏବଂ ସଂସ୍କୃତ ଶିକ୍ଷା ଲାଗି ରହୁଥିଲେ। କାରଣ ଇଂରାଜୀ ଶିକ୍ଷା ଦ୍ୱାରା ସେମାନେ ପାଶ୍ଚାତ୍ୟ ରାଷ୍ଟ୍ରଗୁଡ଼ିକର ଜ୍ଞାନ ଆହରଣ କରିପାରିବେ। ସଂସ୍କୃତ ଶିକ୍ଷା ସେମାନଙ୍କୁ ଭାରତୀୟ ଦର୍ଶନ ଏବଂ ମୂଲ୍ୟବୋଧ ସହିତ ପରିଚିତ କରାଇପାରିବ। ସ୍ୱାମୀ ବିବେକାନନ୍ଦଙ୍କ ଜୟନ୍ତୀକୁ ଭାରତରେ ଜାତୀୟ ଯୁବ ଦିବସ ଭାବେ ପାଳନ କରାଯାଇଥାଏ।

# ଇଣ୍ଡିଆ ସ୍କିଲ୍ ପ୍ରତିଯୋଗିତାରେ ଓଡ଼ିଶାର ଉଲ୍ଲେଖନୀୟ ସଫଳତା



## ୧୦ଟି ସ୍ୱର୍ଣ୍ଣ ଓ ୧୮ଟି ରୌପ୍ୟ ପଦକ ହାସଲ

**ଭୁବନେଶ୍ୱର(ପରମେଶ୍ୱର ଦାଶ):-** ଦକ୍ଷତା ବିକାଶ କ୍ଷେତ୍ରରେ ଓଡ଼ିଶା ଏକ ଅଗ୍ରଣୀ ରାଜ୍ୟ ହୋଇପାରିଛି। ଆଜି ନୂଆଦିଲ୍ଲୀସ୍ଥିତ ତାଲକଟୋରା ଇଣ୍ଡୋର ଷ୍ଟାଡିୟମ୍‌ଠାରେ ଆୟୋଜିତ ଇଣ୍ଡିଆ ସ୍କିଲ୍ସ ୨୦୨୧ ପ୍ରତିଯୋଗିତାରେ ସର୍ବାଧିକ ପଦକ ଜିତି ସ୍କିଲ୍-ଇନ୍-ଓଡ଼ିଶା। ପ୍ରତିଯୋଗୀ ରାଜ୍ୟ ପାଇଁ ଗୌରବ ଆଣିଛନ୍ତି। ଏହି ପ୍ରତିଯୋଗିତାରେ ଓଡ଼ିଶା ୧୦ଟି ସ୍ୱର୍ଣ୍ଣ, ୧୮ଟି ରୌପ୍ୟ, ୯ଟି କାଂସ୍ୟ ପଦକ ଏବଂ ୧୪ଟି ମେଡାଲିୟନ୍ ଅଫ୍ ଏକ୍ସଲେନ୍ସ ସହ ସର୍ବମୋଟ ୫୧ଟି ପଦକ ହାସଲ କରି ଶୀର୍ଷ ସ୍ଥାନରେ ରହିଛି।

ସ୍ୱର୍ଣ୍ଣ ପଦକ ବିଜେତାଙ୍କୁ ୧ଲକ୍ଷ, ରୌପ୍ୟ ପଦକ ବିଜେତାଙ୍କୁ ୭୫ ହଜାର ଏବଂ କାଂସ୍ୟ ପଦକ ବିଜେତାଙ୍କୁ ୫୦ହଜାର ଟଙ୍କାର ଆର୍ଥିକ ପୁରସ୍କାର ମିଳିଛି। ଏହି ପ୍ରତିଯୋଗିତାରେ ଓଡ଼ିଶାକୁ ୭୬ଜଣ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ। ମୋଟ ୭୬ଜଣ ପ୍ରତିଯୋଗୀଙ୍କ ମଧ୍ୟରୁ ୧୭ ଜଣ ଯୁବତୀ ଭାଗ ନେଇଥିଲେ। ଏଥିରେ କୃତିତ୍ୱ ଲାଭ କରିବାର ସୁଯୋଗ ପାଇବେ। ସୂଚନା ଥାଉ କି ୱାର୍ଲ୍ଡ ସ୍କିଲ୍ ପ୍ରତିଯୋଗିତାରେ ଦେଶକୁ ପ୍ରତିନିଧିତ୍ୱ କରିବାର ସୁଯୋଗ ପାଇବେ। ସୂଚନା ଥାଉ କି ୱାର୍ଲ୍ଡ ସ୍କିଲ୍ ପ୍ରତିଯୋଗୀତା ନିମନ୍ତେ ଓଡ଼ିଶାର ମିଶନ--୩-୪ ଅର୍ଥାତ୍ ଦୁଇଟି ସ୍ୱର୍ଣ୍ଣ, ତିନୋଟି ରୌପ୍ୟ ଏବଂ ଚାରୋଟି କାଂସ୍ୟ ପଦକ ହାସଲ ଲକ୍ଷ୍ୟ ରହିଛି।

ଜାନୁଆରୀ ୬ରୁ ୧୦ ମଧ୍ୟରେ ନୂଆଦିଲ୍ଲୀଠାରେ ଆୟୋଜିତ ଏହି ଇଣ୍ଡିଆ ସ୍କିଲ୍ ପ୍ରତିଯୋଗିତା କୌଶଳ ବିକାଶ ଏବଂ ଉଦ୍ୟମିତା ମନ୍ତ୍ରଣାଳୟ ଅଧିନସ୍ଥ ରାଷ୍ଟ୍ରୀୟ କୌଶଳ ବିକାଶ ନିଗମ ଦ୍ୱାରା ଆୟୋଜନ କରାଯାଇଥିଲା।

# ରାଜଧାନୀରେ ଅବାଧରେ ଚାଲିଛି ସରକାରୀ ଜମି କିଣାବିକା;୯ଶହ ବର୍ଗଫୁଟିଆ ପ୍ଲଟ୍‌କୁ ୨ଲକ୍ଷ

**ଭୁବନେଶ୍ୱର(ସଂପର୍କବାର୍ତ୍ତା):-** ରାଜଧାନୀରେ ୯ଶହ ବର୍ଗଫୁଟ୍ ପ୍ଲଟ୍‌ର ମୂଲ୍ୟ ମାତ୍ର ୨ଲକ୍ଷ ଟଙ୍କା ପ୍ରକୃତରେ ରାଜଧାନୀରେ ଏତିକି ପରିମିତ ଜମିର ମୂଲ୍ୟ ନିହାତି ୨୦ଲକ୍ଷ ଟଙ୍କା ହେବା କଥା ମାତ୍ର ମିଳୁଛି ୧୦ଭାଗରୁ ଭାଗେ ମୂଲ୍ୟରେ ଶୁଣିବାକୁ ଆଶ୍ଚର୍ଯ୍ୟ ଲାଗୁଥିଲେ ବି ପୂରା ସତ ତେବେ ବିକ୍ରି ପ୍ଲଟ୍ ହେଉଛି ସରକାରୀ ଜମି। ସରକାରୀ ଜମିର ମାଲିକ ଓ ସେମାନେ ଜଗିବା କଥା କିନ୍ତୁ ଏହି ତିନି ବିଭାଗରେ ଉଦାସୀନତା ପାଇଁ ଜମି ମାଫିଆମାନେ ସରକାରୀ ଜମିକୁ ପ୍ଲଟିଂ କରି ବିକୁଛନ୍ତି ଓ କ୍ରେତାମାନେ ବି ବଡ ଆଗ୍ରହର ସହ କିଣୁଛନ୍ତି। ପାଣ୍ଡରା ଛକ ଜାତୀୟ ରାଜପଥ କଡରୁ ମାତ୍ର ୧କିମି ଦୂରରେ ଚାଲିଛି ଏହି କାରବାର। ଏଠାରେ ପ୍ରାୟ ୪ଏକର ୪୦ଡିସିମିଲ୍ ସରକାରୀ ଜମି ରହିଛି। ବିଏମ୍‌ସିର ୧୮ନମ୍ବର ୱାର୍ଡ ଅନ୍ତର୍ଗତ ପାଣ୍ଡାରା ମୌଜା ଖାତା ନଂ ୧୩୫୨, ପ୍ଲଟ ନଂ ୩୭୫୮ରେ ଏହି ସରକାରୀ ଜମି ରହିଛି। ଏହି ଜମିରୁ ପାଖପାଖି ୨ଏକର ପରିମିତ ଜମିକୁ ବିସ୍ଥାପିତ ଲୋକଙ୍କୁ ମିଳିଛି। ୨୦୧୫ମସିହାରେ ପଳାସୁଣୀ ଅଣ୍ଡରପାସ୍ ନିର୍ମାଣ ସମୟରେ ଯେଉଁ ୨୫ପରିବାରଙ୍କୁ ବିସ୍ଥାପିତ କରାଯାଇଥିଲା, ତାଙ୍କୁ ଏଠାରେ ଥଇଥାନ କରାଯାଇଛି। ଯେଉଁ ବଳକା ୨ ଏକର ୪୦ଡିସିମିଲ୍ ଜମି ରହିଛି, ସେଥିରେ ଚାଲିଛି ମାଫିଆ ବା ଜମି ଦଲାଲଙ୍କ ରାଜ୍। ପୈତୃକ ସମ୍ପତ୍ତି ଭଳି ମାଫିଆମାନେ ୯ଶହ ବର୍ଗଫୁଟିଆ ପ୍ଲଟିଂ କରି ୨ଲକ୍ଷ ଟଙ୍କା ଦରରେ ବିକ୍ରି କରୁଛନ୍ତି। ପ୍ଲଟ୍ କ୍ରେତାଙ୍କ ସୁବିଧା ପାଇଁ ମୋରମ୍ ପକାଇ ୨୦ଫୁଟିଆ ରାସ୍ତା ନିର୍ମାଣ କରାଯାଉଛି। କେବଳ ଉପଯୁକ୍ତ ଦଲିଲକୁ ବାଦ୍ ଦେଲେ ଜମି ଦଖଲ ଓ ଘର କରି ରହିବା ପର୍ଯ୍ୟନ୍ତ ସବୁକିଛି ବିନା ସମସ୍ୟାରେ ହୋଇପାରୁଛି। କ୍ରେତାଙ୍କୁ ଦଲାଲମାନେ ସବୁ ସୁରକ୍ଷା ଯୋଗାଇ ଦେଉଛନ୍ତି। ସ୍ଥାନୀୟ ବାସିନ୍ଦାଙ୍କ ଅଭିଯୋଗ ଅନୁସାରେ ଏହି ଅଞ୍ଚଳରେ ଆହୁରି ସରକାରୀ ଜମି ରହିଛି ଏବେଠୁ ଦଲାଲମାନଙ୍କ ଉପରେ ରୋକ୍ ନ ଲାଗିଲେ ସେମାନେ ସବୁ ସରକାରୀ ଜମିକୁ ଧିରେ ଧିରେ ଅକ୍ତିଆର କରିବିକ୍ରି କରିଦେବେ ଏହା ଆଗକୁ ସ୍ଥାନୀୟ ଲୋକଙ୍କ ପାଇଁ ବହୁ ସମସ୍ୟା ସୃଷ୍ଟି କରିବ, ସେମାନେ ସାମାଜିକ କାର୍ଯ୍ୟକ୍ରମ ପାଇଁ ଖୋଲା ପଡିଆ ପାଇବେ ନାହିଁ ଏମିତିକି ସେମାନଙ୍କ ଗୋ- ସମ୍ପଦ ମଧ୍ୟ ବିଶେଷ ଭାବେ ପ୍ରଭାବିତ ହେବା ନିଶ୍ଚିତ।



# ଚକରା ବିଷୋୟୀଙ୍କର ୧୯୯ତମ ଜୟନ୍ତୀ

**ଭୁବନେଶ୍ୱର(ପରମେଶ୍ୱର ଦାଶ):-** ଗତ ୧୨ ତାରିଖ ଦିନ ଚକରା ବିଷୋୟୀଙ୍କ ୧୯୯ତମ ଜୟନ୍ତୀ ଅବସରରେ ସୂଚନା ଓ ଲୋକସଂପର୍କ ବିଭାଗ ତରଫରୁ ବିଭାଗୀୟ ସମ୍ମିଳନୀ କକ୍ଷରେ ଭକ୍ତିପୂତ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଛି। ସାରା ଦେଶରେ କୋଭିଡ୍-୧୯ ତୃତୀୟ ଲହର ସଂକ୍ରମଣ ଦ୍ରୁତଗତିରେ ବଢି ଚାଲିଥିବାରୁ କୋଭିଡ୍ ମାର୍ଗଦର୍ଶିକାର କଡାକଡି ଅନୁପାଳନ ସହ ବିପ୍ଲବୀ ଚକରା ବିଷୋୟୀଙ୍କ ଫଟୋଚିତ୍ରରେ ମାଲ୍ୟାର୍ପଣ ତଥା ଶ୍ରଦ୍ଧାସୁମନ ଅର୍ପଣ କରାଯାଇଥିଲା।

ପରାଧୀନ ଭାରତରେ ସର୍ବଦା ବିପ୍ଳବର ସ୍ୱର ଝଂକୃତ ହୋଇଥିବାବେଳେ ବହୁ ମହାନ ବିପ୍ଳବୀଙ୍କର ଆବିର୍ଭାବ ହୋଇଛି। ସେମାନଙ୍କ ମଧ୍ୟରେ ମହାନ ବିପ୍ଳବୀ ଚକରା ବିଷୋୟୀ ଅନ୍ୟତମ। ତତ୍‌କାଳୀନ ଘୁମୁସର ରାଜ୍ୟ ଥିଲା ପ୍ରଭାବଶାଳୀ ଏବଂ ପ୍ରାକୃତିକ ସଂପଦରେ ପରିପୂର୍ଣ୍ଣ। ବ୍ରିଟିଶରମାନଙ୍କଠାରୁ ଜନ୍ମଭୂମିକୁ ସୁରକ୍ଷିତ ରଖିବା ପାଇଁ ବିପ୍ଳବର ଅଗ୍ନିଶିଖାକୁ ସାଧୀନତା ତଥା ଦୁର୍ଦ୍ଧର୍ଷ ଆଦିବାସୀମାନଙ୍କ ମଧ୍ୟରେ ଜାଗୃତ କରିବାରେ ବିପ୍ଳବୀ ଚକରା ବିଷୋୟୀ ନେତୃତ୍ୱ ନେଇଥିଲେ। ଜନ୍ମମାଟିର ସୁରକ୍ଷା ପାଇଁ ତାଙ୍କର ତ୍ୟାଗ, ଦେଶଭକ୍ତି, ସଂଘର୍ଷ, ବଳିଦାନ ଓ ବୀରତ୍ୱର ଗାଥା ଓଡ଼ିଶାର ସାଧୀନତା ସଂଗ୍ରାମ ଇତିହାସର ଏକ ଗୌରବୋଜ୍ଜ୍ୱଳ ଅଧ୍ୟାୟ।

ସୂଚନା ଓ ଲୋକସଂପର୍କ ବିଭାଗ ତରଫରୁ ଅନୁଷ୍ଠିତ ଶ୍ରଦ୍ଧାଞ୍ଜଳି ସଭାରେ ବିଭାଗୀୟ ନିର୍ଦ୍ଦେଶକ(ବୈଷୟିକ) ନିରଞ୍ଜନ ସେଠୀ, ଉତ୍କଳ ପ୍ରସଙ୍ଗ ଓ ଓଡ଼ିଶା ରିଭ୍ୟୁର ସଂପାଦକ ଡକ୍ଟର ଲେନିନ୍ ମହାନ୍ତି, ଅତିରିକ୍ତ ନିର୍ଦ୍ଦେଶକ ସୁରେନ୍ଦ୍ରନାଥ ପରିଡା, ଯୁଗ୍ମ ନିର୍ଦ୍ଦେଶକ ମାନସ ରଞ୍ଜନ ଖୁଣ୍ଟିଆ ଏବଂ ସନ୍ତୋଷ କୁମାର ଦାସଙ୍କ ସମେତ ସମସ୍ତ ବିଭାଗୀୟ ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ।




# ଦି' ବ୍ରେନ ସ୍ୱାସ୍ଥ୍ୟ ସହାୟତା କେନ୍ଦ୍ର



**କଟକ(ସଂପର୍କବାର୍ତ୍ତା):-** ସଂପ୍ରତି ଓମିକ୍ରନକୁ ନେଇ ସାଧାରଣରେ ଆଶଙ୍କା ଓ ଉଦ୍‌ବେଗ ପ୍ରକାଶ ପାଉଥିବାବେଳେ ସ୍ୱାସ୍ଥ୍ୟସେବୀ ସମାଜ ସେବା ସଂଗଠନ ଦି'ବ୍ରେନ ପୁରୀଘାଟ ପକ୍ଷରୁ ସ୍ୱାସ୍ଥ୍ୟ ସହାୟତା କେନ୍ଦ୍ର ଉଦ୍‌ଘାଟିତ ହୋଇଛି। ଏହି କେନ୍ଦ୍ର ପାଇଁ ବିଶିଷ୍ଟ ମାନସିକ ରୋଗ ବିଶେଷଜ୍ଞ ଡାକ୍ତର ଗୋପାଳ ଚନ୍ଦ୍ର କର ଓ ଡକ୍ଟର ଗାୟତ୍ରୀ ଦେବୀ ମାର୍ଗଦର୍ଶନ କରୁଥିବାବେଳେ ଦି'ବ୍ରେନର ମୁଖ୍ୟ ଟ୍ରଷ୍ଟି ଡାକ୍ତର ସମ୍ରାଟ କର ଓ ସ୍ତ୍ରୀ ପ୍ରସୂତୀ ରୋଗ ବିଶେଷଜ୍ଞ ଡାକ୍ତର ଶୁଭଶ୍ରୀ ମିଶ୍ର ଏହାର ପରିଚାଳନା କରୁଛନ୍ତି। ଲୋକମାନଙ୍କୁ କରୋନାକୁ ନେଇ ଆଶଙ୍କିତ ନହେବାର ସଚେତନଧର୍ମୀ ଲିପ୍‌ଲେଟ ବଣ୍ଟନ ସହ ମାକ୍ସ ଓ ସାନିଟାଇଜର ପ୍ରଦାନ କରାଯାଉଛି ଓ ଆବଶ୍ୟକସ୍ଥଳେ ଅସହାୟ ରୋଗୀଙ୍କ ପାଇଁ ସ୍ୱାସ୍ଥ୍ୟସେବା ଦାୟିତ୍ୱ ଗ୍ରହଣ କରାଯାଉଛି। କାର୍ଯ୍ୟକ୍ରମକୁ ବାସୁଦେବ ସାହୁ, ବ୍ରଜକିଶୋର ବେହେରା, ସରୋଜ କୁମାର ରଣା, ପ୍ରଦୀପ ପାଲ, କିଶାନ ଗୁରୁ, ବିକାଶ ବାରିକ ଓ ନମିତା ପଟ୍ଟନାୟକ ସହାୟକ ପରିଚାଳନା ସମ୍ପାଦନ କରୁଛନ୍ତି।

# ବଦଳିଲା କୋଭିଡ୍ ଆକ୍ରାନ୍ତଙ୍କ ଡାକ୍ତରଖାନାରୁ ଛାଡ ପାଇବା ନିୟମ

**ନୂଆଦିଲ୍ଲୀ(ସଂପର୍କବାର୍ତ୍ତା):-** ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ କୋଭିଡ୍ ସ୍ଥିତି ସମୀକ୍ଷା ପରେ କେନ୍ଦ୍ର ସ୍ୱାସ୍ଥ୍ୟ ମନ୍ତ୍ରାଳୟ ପକ୍ଷରୁ ରୋଗୀଙ୍କ ଡିସଚାର୍ଜ ପଲିସୀରେ ସାମାନ୍ୟ ପରିବର୍ତ୍ତନ କରାଯାଇଛି। ସଂକ୍ରମଣର ଗୁରୁତ୍ୱରତା ଦୃଷ୍ଟିରୁ ରୋଗୀମାନଙ୍କୁ ସାମାନ୍ୟ ଓ ମଧ୍ୟମ ମାମଲା –ଏହି ପରି ଦୁଇ ଭାଗରେ ବିଭକ୍ତ କରାଯାଇଛି। ପଜିଟିଭ ଚିହ୍ନଟ ହେବା ପରେ ଯଦି ଜଣେ ରୋଗୀ କ୍ରମାଗତ ୩ଦିନ ଜ୍ୱର ନ ରହିବ ସେମାନଙ୍କୁ ଡାକ୍ତରଙ୍କ ପରାମର୍ଶ ଅନୁଯାୟୀ ଡିସଚାର୍ଜ କରାଯାଇପାରିବ। ଏ ସମ୍ପର୍କରେ ଆଜି ମନ୍ତ୍ରାଳୟର ଯୁଗ୍ମ ସଚିବ ଲବ ଅଗ୍ରୱାଲ ସୂଚନା ଦେଇଛନ୍ତି। ସେ କହିଛନ୍ତି ଓମିକ୍ରନ ଯୋଗୁଁ ଭାରତ ସମେତ ସମଗ୍ର ବିଶ୍ୱରେ କୋଭିଡ୍ ସଂକ୍ରମଣ ଦ୍ରୁତ ଗତିରେ ବଢିଚାଲିଛି। ଭାରତରେ ୧୨ଜାନୁଆରି ସୁଦ୍ଧା ସକ୍ରିୟ ସଂକ୍ରମଣ ସଂଖ୍ୟା ୯ଲକ୍ଷ ୫୫ହଜାର ଟପିଯାଇଛି। ଭାରତରେ ମହାରାଷ୍ଟ୍ର, ପଶ୍ଚିମବଙ୍ଗ, ଦିଲ୍ଲୀ ଗୁଜୁରାଟ, ଉତ୍ତରପ୍ରଦେଶ, କର୍ଣ୍ଣାଟକ କେରଳ ଓ ଗୁଜୁରାଟରେ ସ୍ଥିତି ଚିନ୍ତାଜନକ ବୋଲି କେନ୍ଦ୍ର ସ୍ୱାସ୍ଥ୍ୟ ମନ୍ତ୍ରଳାୟ ପକ୍ଷରୁ କୁହାଯାଇଛି। ଓମିକ୍ରନ ଯୋଗୁଁ ଏପର୍ଯ୍ୟନ୍ତ ସମଗ୍ର ବିଶ୍ୱରେ ୧୧୫ଜଣ ମୃତ୍ୟୁ ବରଣ କରିସାରିଲେଣି ଓ ତାମଧ୍ୟରୁ ଭାରତର ଜଣେ ମୃତକ ଅନ୍ତର୍ଭୁକ୍ତ। ଅଗ୍ରୱାଲ କହିଛନ୍ତି ଯେ, ଡେଲଟା ତୁଳନାରେ ଓମିକ୍ରନ ଅଧିକା ଦ୍ରୁତ ଗତିରେ ବ୍ୟାପୁଛି। କିନ୍ତୁ ଦକ୍ଷିଣ ଆଫ୍ରିକା, ଡେନମାର୍କ, ୟୁକେ କାନାଡାରୁ ଆସିଥିବା ତଥ୍ୟ ଦର୍ଶାଉଛି ଯେ ଡେଲଟା ତୁଳନାରେ ଓମିକ୍ରନ ଆକ୍ରାନ୍ତ ଗୁରୁତ୍ୱର ହୋଇ ହସପିଟାଲରେ ଭର୍ତ୍ତି ହେବା ଆଶଙ୍କା କମ୍।




# ସମଲିଙ୍ଗୀ ମହିଳା ଡାକ୍ତରଙ୍କ ନିର୍ବନ୍ଧ

**ନୂଆଦିଲ୍ଲୀ(ସଂପର୍କବାର୍ତ୍ତା):-** ସମଲିଙ୍ଗୀ ସମ୍ପର୍କ ହେତୁ ଚର୍ଚ୍ଚାରେ ଥିବା ଦମ୍ବବଙ୍କ୍ସଛ ମହିଳା ଡାକ୍ତର ସୁରଭି ମିତ୍ର ଏବଂ ପାରେମିତା ମୁଖାର୍ଜୀଙ୍କର ମହାରଷ୍ଟ୍ରର ନାଗପୁରରେ ଏକ ଘରୋଇ ସମାରୋହରେ ନିର୍ବନ୍ଧ ସମାରୋହର ଭିଡିଓ ସୋସିଆଲ ମିଡିଆରେ ଭାଇରାଲ ହୋଇଥିଲା ସମଲିଙ୍ଗୀ ଦମ୍ପତି ସେମାନଙ୍କ ନିର୍ବନ୍ଧକୁ ଏକ ପ୍ରତିବଦ୍ଧତା ରିଙ୍ଗ ସମାରୋହ ବୋଲି ନାମିତ କରିଛନ୍ତି। ଏହି ସମାରୋହକୁ ନୃତ୍ୟ ଏବଂ ଭୋଜିରେ ପାଳନ କରିଥିଲେ। କୋଲକାତାର ଏକ ସମ୍ମିଳନୀରେ ସୁରଭି ଏବଂ ପାରୋମିତାଙ୍କର ସାକ୍ଷାତ ହୋଇଥିଲା ପାରୋମିତା ଉପସ୍ଥିତ ଥିବା ଏହି କାର୍ଯ୍ୟକ୍ରମରେ ସୁରଭି ଥିଲେ ଅନ୍ୟତମ ବକ୍ତା ପାରୋମିତା ସମ୍ମିଳନୀରେ ସୁରଭିଙ୍କ ସହ କଥା ହେବାକୁ ଇଚ୍ଛା ପ୍ରକାଶ କରିଥିଲେ। ଏହି ଯୋଡି ଖୁବ୍ ଶୀଘ୍ର ଗୋଆରେ ଆୟୋଜିତ ଉତ୍ସବରେ ବିବାହ ବନ୍ଧନରେ ଆବଦ୍ଧ ହେବେ। ନିର୍ବନ୍ଧ ଭଳି ଏହି ଦମ୍ପତି ସେମାନଙ୍କ ବିବାହର ନାମ ସିଭିଲ୍ ୟୁନିଅନ୍ ରଖିଛନ୍ତି। ଗତ ଡିସେମ୍ବର ମାସରେ ହାରଦ୍ରାବଦରେ ସମଲିଙ୍ଗୀ ଦମ୍ପତି ସୁପ୍ରିଓ ଚକ୍ରବର୍ତ୍ତୀ ଏବଂ ଅଭୟ ଡାଙ୍ଗ ବିବାହ ବନ୍ଧନରେ ଆବଦ୍ଧ ହୋଇଥିଲେ।



# ବିବେକାନନ୍ଦ ଜୟନ୍ତୀ ଓ ଜାତୀୟ ଯୁବ ଦିବସ ସମାରୋହ

**ଖୋର୍ଦ୍ଧା(ସଂପର୍କବାର୍ତ୍ତା):-** ସ୍ଥାନୀୟ ବିବେକାନନ୍ଦ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଆଡ୍‌ଭାନ୍ସଡ ଏଜୁକେସନାଲ୍ ରିସର୍ଚ୍ଚ ଆଣ୍ଡ୍ ଟେକ୍ନୋଲୋଜି ପରିସରରେ ସ୍ୱାମୀ ବିବେକାନନ୍ଦ ଜୟନ୍ତୀ ଓ ଜାତୀୟ ଯୁବ ଦିବସ ସମାରୋହ ଅନୁଷ୍ଠାନର ଅଧ୍ୟକ୍ଷ ଶିକ୍ଷାବିତ ଡ଼କ୍ଟର ଧୀରେନ୍ଦ୍ର ନନ୍ଦଙ୍କ ସଂଯୋଜନାରେ ପାଳିତ ହୋଇଯାଇଛି। ପ୍ରାରମ୍ଭରେ ମୁଖ୍ୟ ଅତିଥି ଭାବରେ ଘୀତା ଗବେଷଣା ପରିଷଦର ସଂପାଦକ ବରିଷ୍ଠ ଆଇନଜୀବୀ ଶକ୍ତି ଶଙ୍କର ମିଶ୍ର ପ୍ରଦୀପ ପଜ୍ୱଳନ କରି କାର୍ଯ୍ୟକ୍ରମକୁ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିବା ପରେ ବିବେକାନନ୍ଦ ଇନଷ୍ଟିଚ୍ୟୁଟର ଅଧ୍ୟକ୍ଷ ଡ଼କ୍ଟର ନନ୍ଦ ତାଙ୍କ ସ୍ୱାଗତ ଭାଷଣରେ କହିଲେ ସ୍ୱାମୀ ବିବେକାନନ୍ଦ ଜୟନ୍ତୀ ଖୋର୍ଦ୍ଧାରେ ଆଜକୁ ୩୦ ବର୍ଷ ହେଲା ନିରବଚ୍ଛିନ୍ନ ଭାବରେ ପାଳିତ ହେବା ଦ୍ୱାରା ଛାତ୍ରଛାତ୍ରୀ ତଥା ଯୁବ ସମାଜ ସେମାନଙ୍କର ଚରିତ୍ର ଗଠନ ପାଇଁ ବହୁ ପ୍ରେରଣା ପାଇଛନ୍ତି। ଆଗାମୀ ଦିନରେ ଖୋର୍ଦ୍ଧାଠାରେ ଏକ ସ୍ୱାମୀ ବିବେକାନନ୍ଦ ମନ୍ଦିର ସ୍ଥାପନ ସହିତ ସ୍ୱାମୀଜୀଙ୍କ ନାମରେ ସାରା ଦେଶର ପ୍ରତ୍ୟେକ ଜିଲା କେନ୍ଦ୍ରରେ ଆନ୍ତର୍ଜାତୀୟ ସ୍ତରର ଉଚ୍ଚମାନର ଆବାସିକ ବିଦ୍ୟାଳୟ ସ୍ଥାପନ କରାଯିବାର ଯୋଜନା ପ୍ରସ୍ତୁତ କରାଯାଉଛି। ଶିକ୍ଷାବିତ୍ ଡକ୍ଟର ବୃନ୍ଦାବନ ପଣ୍ଡାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ସମାରୋହରେ ମୁଖ୍ୟ ଅତିଥି ଶ୍ରୀଯୁକ୍ତ ମିଶ୍ର କହିଲେ ସ୍ୱାମୀଜୀଙ୍କ ସେବା ଓ ତ୍ୟାଗର ଭାବନା ପ୍ରତ୍ୟେକ ବ୍ୟକ୍ତିର ହୃଦୟରେ ସ୍ପନ୍ଦିତ ହେଉ। ଦେଶରେ ଅବହେଳିତ ଓ ନିଷ୍ପେସିତ ଦୁଃଖି ଦରିଦ୍ର ମାନଙ୍କୁ ଭଗବାନ ଭାବି ସେମାନଙ୍କ ସେବା କରିବାକୁ ହେବ, ଏହାଦ୍ୱାରା ରାଷ୍ଟ୍ରର ଉତ୍‌ଥାନ ସମ୍ଭବ। ବିବେକାନନ୍ଦ ବିଜ୍ଞାନ ଭବନ ଏବଂ କଲେଜ୍ ଅଫ୍ ବିଜିନେସ୍ ମ୍ୟାନେଜ୍‌ମେଂଟ୍‌ର ମିଳିତ ସହଯୋଗରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ବକ୍ତା ଭାବରେ ରଷ୍ଟ୍ରୀୟ ସ୍ୱୟଂସେବକ ସଂଘର ଜିଲ୍ଲା ପ୍ରଚାରକ କେଦାର ନାଥ ପାତ୍ର ଯୋଗଦେଇ ସ୍ୱାମୀଜୀଙ୍କ ଜୀବନୀର ବହୁ ଦୃଷ୍ଟାନ୍ତ ମୂଳକ ତଥ୍ୟ କହି ସମସ୍ତେ ତାଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇ ଦେଶର ସୁରକ୍ଷା ପାଇଁ ଆଗେଇ ଆସନ୍ତୁ ବୋଲି ଆହ୍ୱାନ ଦେବା ସହିତ ଏହି ଭାରତର ଯୁବ ସମାଜ ହିଁ ବିଶ୍ୱକୁ ଭାତୃତ୍ୱ, ମୈତ୍ରୀ ଏବଂ ସାମ୍ୟର ଶାଶ୍ୱତ ବନ୍ଧନରେ ବାନ୍ଧି ରଖିପାରିବ ବୋଲି କହିଥିଲେ। ସମ୍ମାନୀତ ଅତିଥି ଭାବରେସରସ୍ୱତୀ ଶିଶୁ ମନ୍ଦିରର ଛାତ୍ର ଓମ୍ ବିବେକାନନ୍ଦ ଯୋଗଦେଇ କହିଲେ ଏକ ଉନ୍ନତ, ନୀତିନିଷ୍ଠ, ଚରିତ୍ରବାନ, ଦକ୍ଷ ଏବଂ କର୍ମଠ ମାନବ ସଂଭୂତ ରାଷ୍ଟ୍ର ନିର୍ମାଣ ପାଇଁ ଯୁଗପୁରୁଷ ସ୍ୱାମୀ ବିବେକାନନ୍ଦଙ୍କର ଆଦର୍ଶ ଏବଂ ଅନୁଚିନ୍ତା ମାଧ୍ୟମରେ ଆଗାମୀ ଯୁବପୀଢିକୁ ଗଢିତୋଳିବାକୁ ହେବ। ଶେଷରେ ପ୍ରତିବର୍ଷ ଭଳି ଚଳିତ ବର୍ଷ ଅନୁଷ୍ଠାନର 'ବେଷ୍ଟ ଷ୍ଟୁଡେଂଟ' ଭାବରେ ଶୁଭଲକ୍ଷ୍ମୀ ନନ୍ଦ ଏବଂ 'ବେଷ୍ଟ ଭଲ୍ୟୁଂଟର' ଭାବରେ ତପନ କୁମାର ସାହୁଙ୍କୁ ସମ୍ବର୍ଦ୍ଧିତ କରାଯିବା ସହିତ ପୂର୍ବରୁ ଅନୁଷ୍ଠିତ ହୋଇଯାଇଥିବା ବିଭିନ୍ନ ପ୍ରତିଯୋଗିତାର କୃତି ଛାତ୍ରଛାତ୍ରୀ ମାନଙ୍କୁ ମୁଖ୍ୟ ଅତିଥି ପୁରସ୍କୃତ କରିଥିଲେ। ଏହି କାର୍ଯ୍ୟକ୍ରମ ଶେଷରେ ଅନୁଷ୍ଠାନର ସହନିର୍ଦ୍ଦେଶିକା ସ୍ମୃତିସ୍ରଦ୍ଧା ତ୍ରିପାଠୀ ଧନ୍ୟବାଦ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଡି ନାଗେଶ୍ୱର ପାତ୍ର, ଭୋଳାନାଥ ନାୟକ, ନମିତା ସାହୁ, ବିଘ୍ନରାଜ ମିଶ୍ର, ସତ୍ୟ ସୁନ୍ଦର ରଣା, ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦର ଜୀବନ କୁଅଁର, ଚନ୍ଦନ ପାଟଶାଣୀ ପ୍ରମୁଖଙ୍କ ସମେତ ସ୍ଥାନୀୟ ବହୁ ଶିକ୍ଷାବିତ୍, ବୁଦ୍ଧିଜୀବୀ, ସମାଜସେବୀ ତଥା ଅନୁଷ୍ଠାନର ସମସ୍ତ ଛାତ୍ରଛାତ୍ରୀ, ଅଧ୍ୟାପକ ଓ କର୍ମଚାରୀମାନେ ଉପସ୍ଥିତ ଥିଲେ।




# ଜଗତସିଂହପୁର କେଉଁ ତାରିଖରେ କେଉଁ ବ୍ଲକରେ ହେବ ନିର୍ବାଚନ

**ଜଗତସିଂହପୁର(ସଂପର୍କବାର୍ତ୍ତା):-**ରାଜ୍ୟରେ ୫ଟି ପର୍ଯ୍ୟାୟରେ ହେବ ପଞ୍ଚାୟତ ନିର୍ବାଚନ। ତେବେ ଜଗତସିଂହପୁର ଜିଲ୍ଲାର ୮ଟି ବ୍ଲକ ମଧ୍ୟରେ ପ୍ରଥମେ ବାଲିକୁଦାରେ ଫେବୃଆରୀ ୧୬ରେ ନିର୍ବାଚନ। ରାଜ୍ୟରେ ୫ଟି ପର୍ଯ୍ୟାୟରେ ହେବ ପଞ୍ଚାୟତ ନିର୍ବାଚନ। ତେବେ ଜଗତସିଂହପୁର ଜିଲ୍ଲରେ ୮ବ୍ଲକ ମଧ୍ୟରେ ପ୍ରଥମେ ବାଲିକୁଦାରେ ଫେବୃଆରୀ ୧୬ରେ ନିର୍ବାଚନ ହେବ ସେହିପରି ୧୮ରେ ଜଗତସିଂହପୁର ୨୦ତାରିଖରେ ବିରିଡି ଓ ତିର୍ତ୍ତୋଲ, ରଘୁନାଥପୁର ଓ କୁଜଙ୍ଗରେ ୨୨ରେ ନିର୍ବାଚନ ହେବ। ସେହିଭଳି ମଧ୍ୟ ୨୪ ତାରିଖରେ ନାଉଗାଁ ଓ ଏରସମା ବ୍ଲକରେ ଭୋଟ ଗ୍ରହଣ କରାଯିବ। ୨୬,୨୭ ଓ୨୮ତାରିଖରେ ତିନିଟି ପର୍ଯ୍ୟାୟରେ ଭୋଟ ଗଣତି ଫଳାଫଳ ପ୍ରକାଶ ପାଇବ ବୋଲି ଜିଲ୍ଲାପାଳଙ୍କ ପକ୍ଷରୁ ସୂଚନା ଦିଆଯାଇଛି।




# ସମ୍ବାଦପତ୍ରରେ ପ୍ରକାଶିତ ଖବର ସୂଚନା ବ୍ୟବସ୍ଥାକୁ ଭର୍ଚୁଆଲ୍ ମୋଡରେ ଉଦ୍‌ଘାଟନ କଲେ ବାଚସ୍ପତି

**ଭୁବନେଶ୍ୱର(ରବିନ୍ଦ୍ର କୁମାର ନାୟକ):-** ବିଭିନ୍ନ ସମୟରେ ସମ୍ବାଦପତ୍ରରେ ପ୍ରକାଶିତ ବିଭିନ୍ନ ସମ୍ବାଦର ସୂଚନା ବ୍ୟବସ୍ଥାକୁ ବାଚସ୍ପତି ଡଃ. ସୂର୍ଯ୍ୟ ନାରାୟଣ ପାତ୍ର ଭର୍ଚୁଆଲ୍ ମୋଡରେ ଉଦ୍‌ଘାଟନ କରିଛନ୍ତି। ବିଧାନସଭାର 'ନେଭା' ଟିମ୍ ତରଫରୁ ଏହି ଆପର ବ୍ୟବସ୍ଥା କରାଯାଇଛି ଏବଂ ଏହି ବ୍ୟବସ୍ଥା ମାଧ୍ୟମରେ ବିଧାନସଭା ଏବଂ ଅନ୍ୟାନ୍ୟ ବିଭାଗ ସମ୍ପର୍କରେ ପ୍ରକାଶିତ ଯେ କୌଣସି ସମ୍ବାଦଗୁଡିକୁ ପଢିହେବ। ବିଧାନସଭାର ଗବେଷଣା ଶାଖା ଏତଦ୍ୱାରା ସୁଦୃଢୀକରଣ ହେବ ଏବଂ ବିଭିନ୍ନ ସୂଚନା ପୁନରୁଦ୍ଧାର ହୋଇପାରିବ। ଏହି ଉଦ୍‌ଘାଟନ ଉତ୍ସବରେ ବିଧାନସଭା ସଚିବ ଦାଶରଥୀ ଶତପଥୀ ଜାତୀୟ ପ୍ରଯୁକ୍ତି ବିଦ୍ୟାର ସରିତା ସାହୁ, ଉପନିର୍ଦ୍ଦେଶିକା ଗ୍ରନ୍ଥାଗାର ଡଃ ଆରତୀ ମିଶ୍ର ପ୍ରମୁଖ ଯୋଗ ଦେଇଥିଲେ।



# ସେକ୍ସର ଶକ୍ତି ବଢାଏ ରସୁଣ

**ଭୁବନେଶ୍ୱର(ସଂପର୍କବାର୍ତ୍ତା):-** ରସୁଣ ସେବନ ଶାରୀରିକ ଦୁର୍ବଳତାରେ ପୀଡିତ ଲୋକଙ୍କ ପାଇଁ ବହୁତ ଉପକାରୀ ଭାବେ ଜଣାଶୁଣା। ଏହା କେବଳ ଯେ ଇମ୍ୟୁନିଟି ବଢାଇ ଥାଏ, ତାହା ନୁହେଁ ସ୍ୱାସ୍ଥ୍ୟ ସମସ୍ୟାକୁ ଦୂରେଇ ପାରେ। ଏହାର ନିୟମିତ ସେବନ ଯୌନ ସମସ୍ୟା ବିଶେଷ ହୋଇପାରେ। ରସୁଣରେ ଅନେକ ଏମିତି ଔଷଧୀୟ ଗୁଣ ମିଳିଥାଏ । ଯାହା ସ୍ୱାସ୍ଥ୍ୟ ପାଇଁ ବହୁତ ଫଳପ୍ରଦ ହୋଇଥାଏ। ବିଶେଷ ରୂପେ ପୁରୁଷଙ୍କ ପାଇଁ ରସୁଣ ସେବନ ଅଧିକ ଉପକାରୀ ଭାବେ ଜଣାଯାଏ। ଯଦି ପୁରୁଷ ଶୀଘ୍ର ଥକିଯାଏ ବା ଦୁର୍ବଳ ଅନୁଭବ କରେ, ସେତେବେଳେ ଭଜା ହୋଇଥିବା ରସୁଣକୁ ଦୁଗ୍ଧ ସହ ଚୋବାଇ ଖାଇବାରେ ପରାମର୍ଶ ଦିଆଯାଇ ଥାଏ।



ଏହାର ନିୟମିତ ସେବନରେ ଶରୀରରୁ ଅନେକ ବଡ ବଡ ରୋଗରୁ ସୁରକ୍ଷା ମିଳେ। ଓଜନ ସହ ଏହା ଡାଇବେଟିସ୍‌କୁ ନିୟନ୍ତ୍ରିତ କରିଥାଏ।

୧-ଥକାପଣ ଦୂର କରେ- ଭଜା ହୋଇଥିବା ରସୁଣରେ ଆବଶ୍ୟକ ମୁତାବକ ଖଣିଜ ଭିଟ୍‌ମ୍ନି –ସି ଭିଟାମିନ୍- ବି୬, ଫସଫରସ, ମାଙ୍ଗାନିଜ୍, ଜିଙ୍କ୍, କ୍ୟାଲେସିୟମ ଓ ଆଇରନ୍ ମିଳିଥାଏ। ଏହା ବ୍ୟତୀତ ଏଥିରେ କିଛି ମାତ୍ରାରେ ପ୍ରୋଟିନ୍ ଓ ଥାୟମିନ୍ ଓ ପେଣ୍ଟୋଥେନିକ୍ ଏସିଡ୍ ମିଳିଥାଏ, ଯାହା ସ୍ୱାସ୍ଥ୍ୟ ପାଇଁ ବହୁତ ଉପକାରୀ ହୋଇଥାଏ।

୧-ଥକାପଣ ଦୂର କରେ–ଭଜା ହୋଇଥିବା ରସୁଣର ୨ଟି କୋଳା ପ୍ରତିଦିନ ଖାଲି ପେଟରେ ଖାଇବା ଦ୍ୱାରା ଫଳପ୍ରଦ ହୋଇଥାଏ । ଏଥିରେ ଆପଣ ଆକ୍ଟିଭ୍ ଅନୁଭବ କରିପାରନ୍ତି ଏବଂ ଆପଣଙ୍କର ଫିଟ୍‌ନେସ୍ ଦିନକୁ ଦିନ ଦୃଢ ହୋଇପାରେ ।

୨-ପୋଷକ ତତ୍ୱରେ ଭରପୂର–ରସୁଣରେ ଆବଶ୍ୟକ ମୁତାବକ ଖଣିଜ ଭିଟାମିନ୍-ସି ଭିଟାମିନ୍– ବି୬, ଫସଫରସ, ମାଙ୍ଗାନିଜ୍, ଜିଙ୍କ୍, କ୍ୟାଲେସିୟମ ଓ ଆଇରନ୍ ମିଳିଥାଏ। ଏହା ବ୍ୟତୀତ୍ ଏଥିରେ କିଛି ମାତ୍ରାରେ ପ୍ରୋଟିନ୍ ଓ ଥାୟମିନ୍ ଓ ପେଣ୍ଟୋଥେନିକ୍ ଏସିଡ୍ ମିଳିଥାଏ, ଯାହା ସ୍ୱାସ୍ଥ୍ୟ ପାଇଁ ବହୁତ ଉପକାରୀ ହୋଇଥାଏ।

୩-ରସୁଣ ଥଣ୍ଡା, କାଶ ଓ କଫରୁ ରକ୍ଷା କରେ–ଭଜା ହୋଇଥିବା ରସୁଣ ଆପଣଙ୍କର ଥଣ୍ଡା,କାଶ, କଫ ଦୂର କରିବାରେ ସାହାଯ୍ୟ କରିଥାଏ। ଭଜା ହୋଇଥିବା ରସୁଣରେ ଆଣ୍ଟିବାୟୋଟିକ୍, ଆଣ୍ଟିଭାଇରାଲ ଓ ଆଣ୍ଟିଫଙ୍ଗଲ ଗୁଣ ଥାଏ, ଯାହାକି ଫ୍ଲୁରେ ହେବାରୁ ଥିବା ଏହି ରୋଗରେ ଶରୀରର ରକ୍ଷା କରିବାରେ ସାହାଯ୍ୟ କରିଥାଏ।

୪-ଯୌନ ସମସ୍ୟାକୁ ମଧ ଦୂର କରିଥାଏ- ଯୌନ ସମସ୍ୟାରେ ପୀଡିତ ସବୁ ପୁରୁଷଙ୍କୁ ରସୁଣର ସେବନ କରିବା ଖୁବ୍ ଉତ୍ତମ ଅଟେ। ଭଜା ହୋଇଥିବା ରସୁଣରେ ଟେଷ୍ଟୋଷ୍ଟେରୋନ ହର୍ମୋନକୁ ବୃଦ୍ଧି କରିବାର ଗୁଣ ଥାଏ, ଯାହା ପୁରୁଷଙ୍କ ଯୌନ ସ୍ୱାସ୍ଥ୍ୟକୁ ଉତ୍ତମ କରି ଗଢିଥାଏ।

୫-ବିଷାକ୍ତ ପଦାର୍ଥକୁ ହଟାଇ ଥାଏ- ରସୁଣ ଆମର ଶରୀରରୁ ବିଷାକ୍ତ ଜିନିଷକୁ ବାହାରି କରିଦେଇଥାଏ। ରାତିରେ ଶୋଇବା ପୂର୍ବରୁ ଭଜା ହୋଇଥିବା ରସୁଣ ଖାଇବାକୁ ପରାମର୍ଶ ଦିଆଯାଇଥାଏ। ଏଥିରେ ଶରୀରରେ ଥିବା ବିଷାକ୍ତ ତତ୍ୱ ପରିସ୍ରା ଆକାରରେ ବାହାରକୁ ନିର୍ଗତ ହୋଇଯାଏ।

୬-ହାର୍ଟକୁ ସୁସ୍ଥ ରଖିଥାଏ- ରସୁଣରେ ଓମେଗା ୩ଫ୍ୟାଟି ଏସିଡ୍ ଥାଏ, ଯାହା ହାର୍ଟ ପାଇଁ ସବୁଠୁ ବେଶୀ ଆବଶ୍ୟକ। ରସୁଣର ସେବନ ଦ୍ୱାରା ହାର୍ଟ ଆଟାକ୍ ଭଳି ବିପଦ ହ୍ରାସ ପାଇଥାଏ।

# ଓମିକ୍ରନ୍ ଲକ୍ଷଣ ଦେଖାଯାଉଛି କି ? ଖାଆନ୍ତୁ ଏହି ସବୁ ଖାଦ୍ୟ

**ନୂଆଦିଲ୍ଲୀ(ସଂପର୍କବାର୍ତ୍ତା):-** ଦେଶରେ କାୟା ବିସ୍ତାର କରିବାରେ ଲାଗିଛି ଓମିକ୍ରନ୍। ଏହି କିଛି ଦିନରେ ଏହା ହୁହୁ ହୋଇ ବଢୁଥିବା ଦେଖିବାକୁ ମିଳିଛି । ହେଲଥ୍ ଏକ୍ସପର୍ଟ ଙ୍କ କହିବା ମୁତାବକ ଓମିକ୍ରନ ଲକ୍ଷଣକୁ କମ୍ କରିବାର ସବୁଠୁ ଭଲ ଉପାୟ ହେଉଛି ଭ୍ୟାକ୍ସିନେସନ୍। କିନ୍ତୁ ଅନେକ ଭ୍ୟାକସିନ୍ ନେଇଥିବା ଲୋକେ ମଧ କରୋନାରେ ଆକ୍ରାନ୍ତ ହେଉଛନ୍ତି। କିନ୍ତୁ ଯେଉଁମାନେ ଟିକା ନେଇଛନ୍ତି ସେମାନଙ୍କ କ୍ଷେତ୍ରରେ ଲକ୍ଷଣ ଖୁବ କମ୍ ରହିଛି। ଯେଉଁମାନେ ଓମିକ୍ରନରେ ଆକ୍ରାନ୍ତ ହେଉଛନ୍ତି ତାଙ୍କୁ ଜଣା ନଥାଏ ସେମାନେ କେଉଁ ଖାଦ୍ୟ ଖାଇବେ , ଖାସ୍ କରି ଯେଉଁମାନଙ୍କୁ ଭୋକ ନ ଲାଗୁଛି। ଭୋକ ନ ଲଗିବା ବି ଓମିକ୍ରନ ଏକ ଲକ୍ଷଣ। ଡାକ୍ତର ରୋବର୍ଟ ଜି ଲାହିତାଙ୍କ କହିବା ଅନୁସାରେ ,ଯେଉଁ ଲୋକେମାନେ ଓମିକ୍ରନ ଓ ଡେଲା ଭାରିଆଣ୍ଟ ଦ୍ୱାରା ସଂକ୍ରମିଣ ହେଉଛନ୍ତି ସେମାନଙ୍କୁ ଭୋକ କମ୍ ଲାଗେ। ଓମିକ୍ରନ ହେବା ଦ୍ୱାରା ତଣ୍ଟି ଖୁବ୍ ଦର୍ଜ ହୋଇଥାଏ। ଏମିତି ରେ କୌଣସି ଲିକ୍ୱିଡ୍ ଜାତୀୟ ଖାଦ୍ୟ ଖାଇଲେ ବି ତଣ୍ଟିରେ ଯନ୍ତ୍ରଣା ହୋଇଥାଏ। ଏମିତିକି ଗଳା ଦର୍ଜ ଓ ଭୋକ ନ ଲାଗିବା କାରଣରୁ ବି କାରଣରୁ ବି କିଛି ଖାଇବାକୁ ମନ ହୋଇନଥାଏ। କିନ୍ତୁ ସୁସ୍ଥ ହେବାକୁ ଶରିର ନ୍ୟୁଟ୍ରିସନ୍ ପାଇବା ଖୁବ ଜରୁରୀ । ଏମିତିରେ କଣ ସବୁ ଖାଇବେ ଜାଣନ୍ତୁ। ଦହି –ଓମିକ୍ରନ ଆକ୍ରାନ୍ତ ହେଲେ ଦହି ଖାଆନ୍ତୁ। ଦହି ତରଳ ଜାତୀୟ ଓ ନରମ୍ ହୋଇଥିବା କାରଣରୁ ଗଳାକୁ ଆରାମ୍ ମିଳିଥାଏ।



ଏହା ସହ ଏଥିରେ ପ୍ରୋଟିନ୍ ଭରପୁର ମାତ୍ରାରେ ଥିବାରୁ ଭୋକ ଖୁବ୍ କମ୍ ଲାଗିଥାଏ। ସୁପ୍- ଗଳାକୁ କକଆରମ୍ ଓ ପୋଷଣ ପାଇଁ ସୁପ୍ ଅତ୍ୟନ୍ତ ଭଲ । ଡାକ୍ତରଙ୍କ କହିବା ଅନୁସ୍ୱାରରେ ସୁପରେ ପ୍ରଚୁର ପରିମାଣରେ ଇଲୋକ୍ରାଲାଇଟ୍ ଅଛି। ଯାହା ସେବନ କରିବା ଖୁବ୍ ଉପକାରୀ ହୋଇଥାଏ। ଯଦି ଆପଣଙ୍କୁ ଅଧିକ ଭୋକ ଲାଗୁଛି ତାହେଲେ ସୁପରେ କିଛି ପରିବା ମିଶାଇ ପାରିବେ। ଏହାଦ୍ୱାରା ଶରୀରକୁ ଅଧିକ ପୋଷକ ତତ୍ୱ ମିଳିବା ଯାହା ସଂକ୍ରମଣସହ ଲଢିବାକୁ ସାହାଯ୍ୟ କରିବ। ଶାଗ- ଏହି ସମୟରେ ଶାଗ ଖାଇବା ଅତ୍ୟନ୍ତ ଭଲ। କାହିଁକିନା ସାଗ ଜାତୀୟ ଖାଦ୍ୟ ଓମିକ୍ରନ ସଂକ୍ରମିତଙ୍କ ପାଇଁ ଅତ୍ୟନ୍ତ ଲାଭଦାୟକ ହୋଇଥାଏ। ଏଥିପାଇଁ ଆପଣ ପାଳଙ୍ଗ , ପତ୍ରକୋବି , ଫୁଲ କୋବି ଆଦି ସେବନ କରି ପାରିବେ

ପ୍ରୋଟିନ୍ ସେକ୍ – ଡାକ୍ତର କହିବା ଅନୁସାରେ ଓମିକ୍ରନ ଆକ୍ରାନ୍ତ ବ୍ୟକ୍ତି ସବୁବେଳେ ପ୍ରୋଟିନ୍ ସେକ୍ ସେବନ କରିବା ଉଚିତ। ଏଥିପାଇଁ ଆପଣ ନିଜ ପସନ୍ଦର ପ୍ରୋଟିନ୍ ପାଉଡରକୁ କ୍ଷୀର ପାଣିରେ ମିଶାଇ ସେବନ କରି ପାରିବେ ଡାକ୍ତରଙ୍କ କହିବା ଅନୁସାରେ ଓମିକ୍ରନ ଆକ୍ରାନ୍ତ ଲିକ୍ୱିଡ୍ ପଦାର୍ଥ ସେବନ କରିବା ନିହାତି ଜରୁରୀ। ସେଥିପାଇଁ ଇଲୋକ୍ଟ୍ରୋଲାଇଟ୍ସ ଥିବା ପାଉଡର ପିଇବା ବେଶ ଭଲ କିନ୍ତୁ ମନେ ରଖିବେ , ଆପଣ ଯାହାବି ଖାଉଛନ୍ତି ଡାକ୍ତରଙ୍କ ପରାମର୍ଶ ନିଅନ୍ତୁ।

# ରୁପିକୁ ମୂଳପୋଛ କରିବ ନଡିଆ ତେଲ ଓ ଲେମ୍ବୁ

**ଭୁବନେଶ୍ୱର(ସଂପର୍କବାର୍ତ୍ତା):-** ଶୀତ ଦିନ ଆସିଲେ ବିଭିନ୍ନ ପ୍ରକାରର ଶାରୀରିକ ସମସ୍ୟା ଦେଖାଦିଏ। ଚର୍ମ ଶୁଷ୍କ ହୋଇ ଫାଟିବାଠୁ ଆରମ୍ଭ କରି ମୁଣ୍ଡରେ ରୁପି ପର୍ଯ୍ୟନ୍ତ ସବୁ ପ୍ରକାରର ସମସ୍ୟା ଏହି ଦିନେ ଦେଖାଯାଏ। ତେବେ ଯଦି ଏହି ଋତୁରେ ଦେହର ଯତ୍ନ ନିଆ ନ ଯାଏ ତାହେଲେ ଏହି ସମସ୍ୟା ସବୁଦିନ ପାଇଁ ରହିଯାଏ। ଶୀତିଦିନେ ଦେହକୁ କୋମଳ ରଖିବାକୁ ତ ଆମେ ତେଲ ବ୍ୟବହାର କରୁ, କିନ୍ତୁ ରୁପି ସମସ୍ୟାରୁ ମୁକ୍ତି ପାଇଁ ଯେତେ ଉପାୟରେ ଆପଣଇଲେ ବି କିଛି କାମ ଦେଇନଥାଏ। ତେବେ ଆଜି ଆମେ ଆପଣଙ୍କୁ ଆଜି ରୁପିରୁ ମୁକ୍ତି ପାଇଁ ଏକ ସହଜ କହିବୁ। ଯାହା ଦ୍ୱାରା ଆପଣ ସବୁଦିନ ପାଇଁ ରୁପି ଠାରୁ ଛୁଟକାରା ପାଇପାରିବେ। ରୁପିକୁ ଦୂରେଇବାକୁ ନଡିଆ ତେଲ ଓ ଲେମ୍ବୁ ହେଉଛି ସବୁଠୁ ବଢିଆ ଜିନିଷ ଏହାକୁ ଲଗେଇଲେ ତାକୁ ପୂରା ସଫା



ହୋଇଯିବ। ରୂପି ସମସ୍ୟାରୁ ମୁକ୍ତି ପାଇଁ ଅଧ କପେ ନଡିଆ ତେଲ ନିଅନ୍ତୁ। ଆପଣ ଚାହିଁଲେ ଏହାକୁ ସାମାନ୍ୟ ଉଷୁମ କରିପାରିବେ। ଏହି ତେଲରେ ୨ବଡ ଚାମଚ ଲେମ୍ବୁ ରସ ମିଶାଇ ଗୋଳେଇ ଦିଅନ୍ତୁ ଏହାକୁ ଭଲ ଭାବେ ଘଷନ୍ତୁ। ଧ୍ୟାନ ରଖିବେ ଯେମିତି ତେଲ ଚୁଟି ମୂଳରେ ଲାଗୁଛି। ସବୁ ଚୁଟିରେ ତେଲ ଲଗାଇ ସାରିବା ପରେ ୧ ଘଣ୍ଟା ସେମିତି ଛାଡି ଦିଅନ୍ତୁ। ତା ପରେ ଚୁଟିକୁ ସାମ୍ପୋ କରି ଦିଅନ୍ତୁ ସପ୍ତାହକୁ ୨ଥର ଏମିତି କରନ୍ତୁ, ଦେଖିବେ ସବୁ ରୁପି ସଫା ହୋଇଯିବେ। ନଡିଆ ତେଲରେ ଆଣ୍ଟିସ୍କଡେ ଗୁଣ ରହିଛି, ଯାହା ରୁପି ସମସ୍ୟା ଦୂର କରେ । ସେହି ଭଳି ଲେମ୍ବୁ ଚୁଟି ମୂଳକୁ ଅତିରକ୍ତି ତେଲ ଓ ମଇଳାକୁ ସଫା କରେ। ଏହି ଦୁଇଟି ଜିନିଷକୁ ଏକାଠି ମିଶାଇ ଲଗାଇଲେ ଚୁଟି ମୂଳ ସଫା ହେବା ସହ ଚୁଟି ଭଲ ବଢିବ ମଧ ଭଲ ଭାବରେ ବଢିଥାଏ।

# ଅଧିକ ପିଆଜ ଖାଇଲେ କ'ଣ ସାଇଡ ଇଫେକ୍ଟ ଜାଣନ୍ତୁ

**ଭୁବନେଶ୍ୱର(ସଂପର୍କବାର୍ତ୍ତା):-** ଘରେ ଘରେ ରହିଛି ପିଆଜର ଚାହିଦା ବିନା ପିଆଜରେ ରୋଷେଇ ପାଇଁ ହାତ ଯାଏନି। ବିଭିନ୍ନ ବ୍ୟଞ୍ଜନର ସ୍ୱାଦ ବଢାଇ ଦେଇଥାଏ ପିଆଜ। ପୁଣି ଅଧିକାଂଶ ଲୋକ ଏହାକୁ କଂଚା ଖାଇବା ପାଇଁ ବେଶ୍ ଭଲ ପାନ୍ତି। ଦେଶରେ ପ୍ରତିଦିନ କୋଟିକୋଟି ଲୋକେ ପିଆଜର ବହୁଳ ବ୍ୟବହାର କରନ୍ତି। ତେବେ ପିଆଜିର ଯେତିକି ଭଲ ଗୁଣ ରହିଛି ସେତିକି ଖରାପ ଗୁଣ ମଧ ଅଛି। ଅଧିକ ପିଆଜ ଖାଇବା ଆମ ସ୍ୱାସ୍ଥ୍ୟ ପାଇଁ ବିପଦ ଡାକି ଆଣିପାରେ । ତେବେ ଅଧିକ ପିଆଜ ଖାଇଲେ କଣ ସବୁ ସାଇଡ ଇଫେକ୍ଟ ବାହାରେ ଆସନ୍ତୁ ଜାଣିବା ପିଆଜରେ ଅଧିକ ମାତ୍ରାରେ ଫାଇଭର ରହିଛି। ଆବଶ୍ୟକତାଠାରୁ ଅଧିକ ଫାଇଭର ଆମ ଶରୀରର ପାଇଁ କ୍ଷତିକାରକ ହୋଇପାରେ। ଏହା ଆମ ପାଚନ ଶକ୍ତିକୁ ପ୍ରଭାବିତ କରିପାରେ । ଫଳରେ ଖାଦ୍ୟ ହଜମ ହୋଇପାରେ ନାହିଁ ଏବଂ ପେଟ ଜନିତ ସମସ୍ୟା ଉପୁଜେ। ଅଧିକ ଫାଇବର ଖାଇବା ଦ୍ୱାରା ପେଟରେ



ଯନ୍ତ୍ରଣା ମଧ ହୋଇପାରେ। ଅଧିକାଂଶ ଲୋକ କଂଚା ପିଆଜ ଖାଇବା ପାଇଁ ପସନ୍ଦ କରନ୍ତି। ଏହାକୁ ସାଲାଡ ରୂପେ ବ୍ୟବହାର କରନ୍ତି। କିନ୍ତୁ ଏଭଳି ଖାଇବା ଦ୍ୱାରା ପିଆଜକୁ ହଜମ କରିବା କଷ୍ଟକର ହୁଏ। ଫଳରେ ଆସିଡିଟି ଏବଂ ଛାତି ଜଳାପୋଡା ଭଳି ସମସ୍ୟା ସୃଷ୍ଟି ହୋଇପାରେ ତେଣୁ ଆସିଡିଟି ଗ୍ୟାସ ସମସ୍ୟା ଥିବା ଲୋକେ କଂଚା ପିଆଜ କମ୍ ମାତାରେ ଖାଇବା ଉଚିତ ପିଆଜ ଭିତରେ ପ୍ରାକୃତିକ ଫ୍ରୁକ୍ଟୋସ ଅଧିକ ମାତ୍ରୋରେ ଥାଏ। ଫଳରେ ଗ୍ୟାସ୍ ଜନିତ ସମସ୍ୟା ଉପୁଜି ପାରେ।

ତେଣୁ ଯଦି ଆପଣ ଅଧିକ ପିଆଜ ଖାଉଛନ୍ତି ତେବେ ଆଜିଠାରୁ ହିଁ ପିଆଜ ଖାଇବା ମାତ୍ରା କମାଇ ଦିଅନ୍ତୁ। ଅଧିକ ପିଆଜ ଖାଇବା ଗର୍ଭବତୀ ମହିଳାଙ୍କ ପାଇଁ କ୍ଷତିକାରକ ହୋଇପାରେ। ଛାତି ଜଳାପୋଡା ଭଳି ସମସ୍ୟା ସୃଷ୍ଟି ହୋଇପାରେ ଏଥିସହ ଅମ୍ଳ ପିତ, ବାନ୍ତି ଭଳି ଆଦି ସମସ୍ୟା ମଧ ଦେଖା ଦେଇପାରେ। ତେଣୁ ଗର୍ଭବତୀ ମହିଳାମାନେ କମ୍ ମାତ୍ରାରେ ପିଆଜ ଖାଇବା ଉଚିତ ।

# କୁକୁର ପ୍ରେମୀ ସାବଧାନ

**ଭୁବନେଶ୍ୱର(ସଂପର୍କବାର୍ତ୍ତା):-** ରାଜଧାନୀରେ କୁକୁରଙ୍କ ଉପରେ ମାରାତ୍ମକ ପାର୍ଭି ଭାଇରସ ବିପଦ। କରୋନା ଭଳି ମାଡି ଯାଉଛି। ବିଶେଷ କରି ଛୁଆ ଗୁଡିକ ଏଥିରେ ସଂକ୍ରମିତ ହୋଇ ମରି ଯାଉଛନ୍ତି। ଆକ୍ରାନ୍ତ ହେଉଥିବା କୁକୁର ନିସ୍ତେଜ ହୋଇ କିଛି ସମୟ ଭିତରେ ଆଖି ବୁଜିଦିଏ। ଏହି ଭାଇରସର ସଂକ୍ରମଣ କ୍ଷମତା ଏତେ ବେଶୀ ଯେ ଘରୋଇ କୁକୁର ମଧ ମରି ଯାଉଛନ୍ତି । କୁକୁର ଏହି



ରୋଗରେ ଆକ୍ରାନ୍ତ ହେଲେ ପ୍ରବଳ ବାନ୍ତି କରେ । ଖାଦ୍ୟ ପାଣି କିଛି ଛୁଏଁ ପତଳା ଝାଡାରେ ରକ୍ତ ପଡେ। ଶରୀରରେ ପ୍ରତିଷେଧକ କିଛି ଘଣ୍ଟା ଭିତରେ ନଷ୍ଟ ହୋଇଯାଏ। ଅନ୍ତନାଡ କଣା ହୋଇଯାଏ। କୁକୁର ନିସ୍ତେଜ ହୋଇକିଛି ସମୟ ଭିତରେ ଆଖି ବୁଜିଦିଏ। ଏହି ଭାଇରସର ସଂକ୍ରମଣ କ୍ଷମତା ଏତେ ବେଶି ଯେ ଆକ୍ରାନ୍ତ କୁକୁର ମଳ, ମୂତ୍ର, ଲାଳ ମାଡିଲେ ମଣିଷର ପୋଷାକ, ଚର୍ମରେ ଏହା ଲାଖିଯାଏ। ମଣିଷ ଯେଉଁ କୁକୁର ସଂସ୍ପର୍ଶରେ ଆସେ ସେ କିଛି ସମୟ ମଧରେ ଆକ୍ରାନ୍ତ ହୋଇଯାଏ। ପୋଷା କୁକୁର ବାହାରେ ବୁଲିଲେ ଆକ୍ରାନ୍ତ ହେବାର ଭୟ ରହିଛି। ତେଣୁ କୁକୁର ପ୍ରେମୀମାନେ ସାବଧାନ ହୁଅନ୍ତି।

# ପେଟ ପାଇଁ ଭୃଶୁଙ୍ଗ ପତ୍ର ରାମବାଣ

**ଭୁବନେଶ୍ୱର(ସଂପର୍କବାର୍ତ୍ତା):-** ସମସ୍ତ ଭାରତୀୟମାନଙ୍କ ରୋଷେଇ ଘରେ ଭୃଷୁଙ୍ଗ ପତ୍ରର ବ୍ୟବହାର ହୋଇଥାଏ। ଏହା ଖାଇବାକୁ ସ୍ୱାଦ ଏବଂ ବାସ୍ନାକୁ ବଢାଇଥାଏ। ଭୃଶୁଙ୍ଗ ପତ୍ରରେ ରହିଥାଏ ପୋଷକ ତତ୍ୱ ସ୍ୱାସ୍ଥ୍ୟପାଇଁ ଲାଭଦାୟକ ହୋଇଥାଏ ଆୟୁର୍ବେଦରେ ଭୃଷୁଙ୍ଗ ପତ୍ରକୁ ପେଟରୋଗ ପାଇଁ ରାମବାଣ କୁହାଯାଇଥାଏ। ତେବେ ବସନ୍ତୁ ଜାଣିବା ଏହାର କେତେକ ଔଷଧୀୟ ଗୁଣ



୧.ପାଚନ କ୍ରିୟାକୁ ନିୟନ୍ତ୍ରଣରେ ରଖିଥାଏ.

ଭୃଷୁଙ୍ଗ ପତ୍ରରେ ବାୟୁନାଶୀ ଗୁଣ ରହିଥାଏ ଯାହା କୋଷ୍ଠକାଠିନ୍ୟ ଭଳି ସମସ୍ୟାରୁ ଦୂରରେ ରଖିଥାଏ। ଭୃଷୁଙ୍ଗ ପତ୍ର ଆଣ୍ଟି ବ୍ୟାକ୍ଟେରିଆ ଭଳି କାମ କରିଥାଏ ଯେଉଁଥିରେ ସମସ୍ତ ପ୍ରକାର ପେଟ ରୋଗ ଭଲ ହୋଇଯାଇଥାଏ।

୨. ତ୍ୱଚା ସଂକ୍ରମଣକୁ ରୋକିଥାଏ;

ଭୃଷୁଙ୍ଗ ପତ୍ରରେ ଆଣ୍ଟି ଅକ୍ସିଡା, ଆଣ୍ଟି ବ୍ୟାକ୍ଟେରିଆ ଏବଂ ଆଣ୍ଟିଆ ଫଙ୍ଗସର ଗୁଣ ରହିଥାଏ ଯାହା ତ୍ୱଚାକୁ ବିଭିନ୍ନ ପ୍ରକାର ସଂକ୍ରମଣରୁ ରକ୍ଷା କରିଥାଏ।

୩. ଦୃଷ୍ଟି ଶକ୍ତି ବଢାଇଥାଏ;

ଏଥିରେ ଭିଟାମିନ୍ –ଏ ରହିଛି ଯାହା ଆମ ଆଖି ପାଇଁ ଅତ୍ୟନ୍ତ ଜରୁରୀ ହୋଇଥାଏ। ଭିଟାମିନ୍ – ଏ ଅଭାବରେ ଅନ୍ଧାରକଣା ରୋଗ ହୋଇଥାଏ ଯାହା ଦ୍ୱାରା ଆଖିର ଦୃଷ୍ଟିଶକ୍ତି କମିଯାଇଥାଏ। ଖାଲି ପେଟରେ ଭୃଶୁଙ୍ଗ ପତ୍ର ଖାଇବା ଦ୍ୱାରା ଆଖିର ଦୃଷ୍ଟି ଶକ୍ତି ବଢିଥାଏ

୪.ଡାଇରିଆରୁ ମୁକ୍ତି ଦେଇଥାଏ ;

ଭୃଷୁଙ୍ଗ ପତ୍ର ପେଟରେ ପିତ୍ତ ଦୋଷକୁ ଦୂର କରିଥାଏ। ଭୃଷୁଙ୍ଗ ପତ୍ରକୁ ବାଟି ଏହାର ରସକୁ କ୍ଷୀରରେ ମିଶାଇ ଦିନକୁ ଦୁଇ ତିନିଥର ପିଇବା ଦ୍ୱାରା ମଧ ତରଳ ଝାଡାରୁ ଉପଶମ ମିଳିଥାଏ।

୫ .ଚୁଟି ସମସ୍ୟାରୁ ମୁକ୍ତି ଦେଇଥାଏ;

ଭୃଷୁଙ୍ଗ ପତ୍ରରେ ଥିବା ପୋଷକ ତତ୍ୱ ଦ୍ୱାରା ଶୀଘ୍ର ବାଳ ପାଚିନଥାଏ। ଚୁଟି ଝଡିବା ସମସ୍ୟା କମିଯାଇଥାଏ। ଏହା ରୁପି ସମସ୍ୟା ରୁ ମଧ ମୁକ୍ତି ଦେଇଥାଏ

ଓଜନ କମାଇଥାଏ ;

ଖାଲି ପେଟରେ ଭୃଶୁଙ୍ଗ ପତ୍ର ଖାଇବା ଦ୍ୱାରା ଓଜନ ଦ୍ୱାରା ଓଜନ କମିଥାଏ। ଏଥିପାଇଁ ପାଣିରେ ୧୦/୨୦;ଟି ଭୃଷୁଙ୍ଗ ପତ୍ର ଫୁଟାଇ ଦିଅନ୍ତୁ। ଏହା ପରେ ଏଥିରେ ଲେମ୍ବୁ ଏବଂ ମିଶାଇ ପିଇ ଦିଅନ୍ତୁ। ପ୍ରତିଦିନ ଖାଲି ପେଟରେ ଏହାକୁ ପିଅନ୍ତୁ।

# ଘରେ ସହଜରେ କରନ୍ତୁ ଥାଇରଏଡ୍ ଚିକିତ୍ସା

**ନୂଆଦିଲ୍ଲୀ(ସଂପର୍କବାର୍ତ୍ତା):-** ଥାଇରଏଡ ବା ଗଳଗ୍ରନ୍ଥି ଏକ ହର୍ମୋନାଲ ରୋଗ। ଗଳାର ଉଭୟ ପାର୍ଶ୍ୱରେ ପ୍ରଜାପତି ଆକୃତିର ଥାଇରଏଡ ଗ୍ରନ୍ଥି ଅଛି। ଏଥିରୁ ଟି -୩-୪ଟି ହର୍ମୋନ ନିର୍ଗତ ହୁଏ। ଯାହା ଶରୀରର ଅନେକ କାର୍ଯ୍ୟକୁ ନିୟନ୍ତ୍ରଣ କରିଥାଏ। କିନ୍ତୁ, ଯେତେବେଳେ ଏହି ହରର୍ମୋନ ବ୍ୟାଘାତହୁଏ, ସେତେବେଳେ ଥାଇରଏଡ ସମସ୍ୟା ଆରମ୍ଭ ହୁଏ। ଆଜିକାଲି ଥାଇରଏଡ ସମସ୍ୟା ଅଧିକାଂଶ ଲୋକଙ୍କଠାରେ ଦେଖିବାକୁ ମିଳୁଛି। ବିଶେଷ କରି ପୁରୁଷ ଅପେକ୍ଷା ମହିଳାଙ୍କଠାରେ ୫ଗୁଣ ଅଧିକ ଏହି ରୋଗ ଦେଖିବାକୁ ମିଳିଥାଏ। ଥାଇରଏଡ ସମସ୍ୟାରୁ ମୁକ୍ତି ପାଇବା ପାଇଁ ଉଭୟ ପୁରୁଷ ଓ ମହିଳା ଔଷଧ ସେବନ କରୁଛନ୍ତି। କିନ୍ତୁ କିଛି ଘରୋଇ ଉପଚାର ମାଧ୍ୟମରେ ଥାଇରଏଡକୁ ନିୟନ୍ତ୍ରଣ କରାଯାଇପାରେ। ଜାଣନ୍ତୁ ସେଗୁଡିକ କଣ ?

ଘରୋଇ ଉପଚାର ;

ଅଦା - ଆୟୁର୍ବେଦବିତଙ୍କ ମତରେ ଅଦାରେ ପୋଟାସିୟମ ଓ ମ୍ୟାଗ୍ନେସିୟମ ପରି ଖଣିଜ ପଦାର୍ଥ ଭରି ରହିଛି, ଯାହା ପ୍ରବାହକୁ ମୁକାବିଲା କରିବାରେ ସାହାର୍ଯ୍ୟ କରିଥାଏ। ଥାଇରଏଡକୁ ନିୟନ୍ତ୍ରଣ କରିବା ଲାଗି ଅଦା ଚା ପି ପାରିବେ। ଏଥି ସହିତ ଅଦା




ରସକୁ ଏକ ଚାମଚରେ ଏଥିରେ ଅଳ୍ପ ମିଶାଇ ସେବନ କରିପାରିବେ।

ବାଦାମ- ବାଦାମରେ ପ୍ରୋଟିନ୍ ଫାଇବର, ମିନେରାଇ, ସେମେନିୟମ୍ ରହିଛି। ଯାହାକି ଥାଇରଏଡ୍ ଲାଗି ଖୁବ ଫଳପ୍ରଦ। ଏଥି ସହିତ ମ୍ୟାଗ୍ନେସିୟମ ମଧ ପ୍ରଚୁର ମାତ୍ରାରେ ରହିଛି ଯାହା ଥାଇରଏଡ୍ ଗ୍ରନ୍ଥିକୁ ଠିକ୍ ଭାବରେ କାମ କରିବାରେ ସହାୟ କରିଥାଏ।

କ୍ଷରୀ –କ୍ଷରୀ,ପନିର ଓ ଦହିରେ ଆୟୋଡିନ୍ ମାତ୍ରା ଅଧିକ ରହିଛି, ଏହା ଥାଇରଏଡକୁ ନିୟନ୍ତ୍ରଣ କରିବାରେ ସହାୟତା ପ୍ରଦାନ କରିଥାଏ। ଏହି କାରଣରୁ ଡାଏଟରେ ଆବଶ୍ୟକ ମୁତାବକ କ୍ଷୀର ଓ କ୍ଷୀରରେ ପ୍ରସ୍ତୁତ ପଦାର୍ଥ ସାମିଲ କରିପାରିବେ।

ସେଓ ସରିକା-ସେଓ ସିରକା ହରମୋନ୍ ସନ୍ତୁଳନ ରକ୍ଷା କରିବାରେ ସହାୟତା କରିଥାଏ। ଏହା ଶରୀରର ବାତାବରଣକୁ କ୍ଷାରୀୟ କରିବାରେ ସାହାଯ୍ୟ କରିବା ସହ ମେଟାବଲିଜମକୁ ବଢାଇଥାଏ ପ୍ରତିଦିନ ସେଓ ସିରକାକୁ ମହୁ ପାଣିରେ ମିଶାଇ ସକାଳୁ ଖାଲି ପେଟରେ ଦୁଇ ଚାମଚ ପିଇଲେ ଥାଇରଏଡ୍ କଣ୍ଟ୍ରୋଲ ହୋଇଥାଏ।

ନଡିଆ ତେଲ- ନଡିଆ ତେଲରେ ଫ୍ୟାଟ୍ ଏସିଡ ରହିଛି। ଯାହା ଥାଇରଏଡ ଗ୍ରନ୍ଥିର କାର୍ଯ୍ୟରେ ସାହାଯ୍ୟ କରିଥାଏ। ଏହା ବ୍ୟତୀତ ନଡିଆ ତେଲରେ ମେଟାବଲିଜମ୍ ବୃଦ୍ଧି ପାଇଥାଏ ଏବଂ ଓଜନ ହ୍ରାସ କରିବାରେ ସାହାଯ୍ୟ କରେ।

# ପଇଡ଼ ପାଣି କିଡ୍‌ନୀକୁ ସୁସ୍ଥ ରଖିବା ସହ...

**ଭୁବନେଶ୍ୱର(ସଂପର୍କବାର୍ତ୍ତା):-** ପଇଡ ପାଣି ସ୍ୱାସ୍ଥ୍ୟ ପାଇଁ ଖୁବ ହିତକର ଅଟେ ଓ ଏହା ସହିତ ଶରୀରକୁ ଶକ୍ତି ମଧ ଯୋଗାଇ ଥାଏ। ଆମ ଶରୀରରୁ ବିଷାକ୍ତ ପଦାର୍ଥକୁ ଦୂର କରିଥାଏ। ପ୍ରତିଦିନ ପଇଡ ପିଇବା ଦ୍ୱାରା ଶରୀରରୁ ଡି ହାଇଡ୍ରେସନ ଦୂର ହୋଇଥାଏ। ଶରୀରର ଇମ୍ୟୁନିଟି ମଜବୁତ ହୋଇଥାଏ। ପଇଡ ରେ ଖଣିଜ ପଦାର୍ଥ ଅଧିକ ରହିଥାଏ। ପଇଡରେ ଫ୍ୟାଟ କୋଷ୍ଟ୍ରେଲ ଓ ଶର୍କରାର ମାତ୍ରା ଖୁବ କମ୍ ରହିଥାଏ। ବିଶେଷଜ୍ଞମାନଙ୍କ ମତରେ ସକାଳୁ ପଇଡ ପାଣି ପିଇବା ଦ୍ୱାରା ଶରୀରକୁ ଅଧିକ ଲାଭ ମିଳିଥାଏ ଓ ଶରୀର ଅଧିକ ଅଧିକ ଫୁର୍ତି ଲାଗିଥାଏ।

କିଡ୍ନୀ କୁ ସୁସ୍ଥ ରଖିବା ପାଇଁ ପଇଡ ପାଣି ଖବୁ ହିତକର। ଏହା ୟୁରିନାରୀ ଟ୍ରାକ୍‌କୁ ସଫା ରଖିବାରେ ସାହାଯ୍ୟ କରିଥାଏ। ତା ସହିତ କିଡ୍‌ନୀକୁ ଷ୍ଟୋନ ଠାରୁ ଦୁରେଇ



ରଖିଥାଏ।

ପଇଡ ନିୟମିତ ସେବନ କରିବା ଦ୍ୱାରା ଇମ୍ୟୁନିଟି ବୃଦ୍ଧି ହୋଇଥାଏ। ଏହାଦ୍ୱାରା ଅନେକ ରୋଗରୁ ଆରମ୍ ମିଳିଥାଏ ଆମ ଅନ୍ତ କୋଷ ମଧ ସୁସ୍ଥ ରୁହେ। ଗ୍ୟାସ ଏସିଡିଟି ସମସ୍ୟା ଦୁରେଇ ଯାଇଥାଏ।

ପଇଡ ପାଣି ଥାଇରଏଡ ରୋଗୀମାନଙ୍କ ପାଇଁ ଖୁବ ହିତକର ଅଟେ। ସକାଳୁ ପଇଡ ପାଣି ପୀଇବା ଦ୍ୱାରା ଥାଇରଏଡ ହର୍ମୋନ ସନ୍ତୁଳିତ ରହିଥାଏ।

ଯଦି ଆପଣ ଓଜନ ହ୍ରାସ କରିବାର ଚାହିଁଛନ୍ତି ତେବେ ଆପଣଙ୍କ ପାଇଁ ପଇଡ ପାଣି ଖୁବ ପ୍ରଭାବଶାଳୀ । ଏଥିରେ କ୍ୟାଲୋରୀର ମାତ୍ରା ଖୁବ କମ ରହିଥାଏ ଓ ଫ୍ୟାଟ ଖୁବ କମ ରହିଥାଏ। ପଇଡ ପାଣି ପିଇବାର ଦୀର୍ଘ ସମୟ ଧରି ଭୋକ ଲାଗି ନଥାଏ ତେଣୁ ଏହା ଓଜନ ହ୍ରାସ କରିବା ପାଇଁ ହିତକର।

ତ୍ୱଚାକୁ ସୁସ୍ଥ ଓ ସୁନ୍ଦର ରଖିବା ପାଇଁ ପଇଡ ପାଣି ଖୁବ ଉପକାରୀ ପଇଡ ପାଣି ଆମ ଶରୀରରୁ ବିଷାକ୍ତ ପଦାର୍ଥକୁ ବାହାର କରି ଦେଇଥାଏ ଓ ତ୍ୱଚାରେ ଚମକ ଆଣିଥାଏ। ତ୍ୱଚାର ସମସ୍ତ ଦାଗକୁ ମଧ ପଇଡ ପାଣି ଦୂର କରେ।

# ବୁଦ୍ଧିମତ୍ତା ବଢାଏ ଅଣ୍ଡା

**ଭୁବନେଶ୍ୱର(ସଂପର୍କବାର୍ତ୍ତା):-** ଅଣ୍ଡାରେ ଅନେକ ପ୍ରକାର ସ୍ୱାସ୍ଥ୍ୟ ଉପକାରୀ ଗୁଣ ଭରି ରହିଛି। ଏହି ତାଲିକାରେ ନିକଟରେ ଆଉ ଏକ କଥା ସାମିଲ କରାଯାଇଛି। ତାହା ହେଲା ବୁଦ୍ଧିମତ୍ତା ଅର୍ଥାତ୍, ବୁଦ୍ଧିମତ୍ତା ବଢାଇବାରେ ଅଣ୍ଡାର ଭୂମିକା ରହିଛି। ବୁଦ୍ଧିମତ୍ତା ବୁଦ୍ଧିମତ୍ତା ଓ ଅଣ୍ଡା ଶୀର୍ଷକ ବିଷୟକୁ ନେଇ ଟୋକିଓ ବିଶ୍ୱବିଦ୍ୟାଳୟର



ପୁଷ୍ଟିବିଜ୍ଞାନୀମାନେ ଏକ ସର୍ଭେ କରିଥିଲେ। ଯେଉଁମାନଙ୍କର ବୁଦ୍ଧିମତ୍ତାରେ ତାରତମ୍ୟ ଲକ୍ଷ୍ୟ କରାଯାଇଥିଲା, ସେମାନଙ୍କୁ ନିୟମିତ ଅଣ୍ଡା ଖାଇବାକୁ ସେମାନେ ପରାମର୍ଶ ଦେଇଥିଲେ। କେବଳ ସେତିକି ନୁହେଁ ନିର୍ଦ୍ଦିଷ୍ଟ ସମୟ ଅନ୍ତରାଳରେ ଏହାର ପ୍ରଭାବ ବୁଦ୍ଧିମତ୍ତା ଉପରେ କିପରି ପଡୁଛି ତାହାକୁ ତନ୍ନ ତନ୍ନ କରି ତର୍ଜମା କରାଯାଇଥିଲା। ଆଶ୍ଚର୍ଯ୍ୟଜନକ ଭାବରେ ଅଣ୍ଡା ଖାଇବା ଦ୍ୱାରା ସେମାନଙ୍କ ମଧ୍ୟରୁ ଅଧିକାଂଶ ବ୍ୟକ୍ତିଙ୍କର ବୁଦ୍ଧିମତ୍ତା ବଢୁଥିବାରୁ ସେମାନେ ଜାଣିବାକୁ ପାଇଥିଲେ।

# କିଟ୍ ଛାତ୍ରଛାତ୍ରୀଙ୍କ ରେକର୍ଡ ନିଯୁକ୍ତି ସର୍ବାଧିକ ପ୍ୟାକେଜ ୫୨ଲକ୍ଷ ଟଙ୍କା

**ନୂଆଦିଲ୍ଲୀ(ସଂପର୍କବାର୍ତ୍ତା):-** କରୋନା ମହାମାରୀ ଭଳି କଠିନ ସମୟରେ ଚଳିତ ବର୍ଷ ଛାତ୍ରଛାତ୍ରୀ ରେକର୍ଡ ସଂଖ୍ୟାରେ ନିଯୁକ୍ତି ପାଇପାରିଛନ୍ତି। କିଟ୍ ର ୨୦୨୨ରେ ପାସ କରିଥିବା ଛାତ୍ରଛାତ୍ରୀଙ୍କ ପାଇଁ ଜୁଲାଇ ପାଇଁ ଜୁଲାଇ ମାସରୁ ନିଯୁକ୍ତି ପ୍ରକ୍ରିୟା ଆରମ୍ଭ ହୋଇଥିଲା ୨୦୨୧ଡିସେମ୍ବର ସୁଦ୍ଧା ୫୦ଟି ନୂଆ କମ୍ପାନୀ ସହ ୨୭୦ଟି କମ୍ପାନୀ କିଟ୍‌କୁ କ୍ୟାମ୍ପସ୍ ପ୍ଲେସ୍‌ମେଣ୍ଟ ପାଇଁ ଆସିଥିଲେ। ୪୨୦୦ରୁ ଉର୍ଦ୍ଧ ଛାତ୍ରଛାତ୍ରୀ ନିଯୁକ୍ତି ସୁଯୋଗୁ ପାଇ ସାରିଥିବାବେଳେ ସେମାନଙ୍କ ମଧ୍ୟରୁ ୧୨୦୦ଛାତ୍ରାଛାତ୍ରୀ ଏକାଧିକ ଏବଂ ୩ହଜାରରୁ ଉର୍ଦ୍ଧ ଛାତ୍ରଛାତ୍ରୀ ଗୋଟିଏ ଲେଖାଏଁ ନିଯୁକ୍ତି ସୁଯୋଗ ପାଇବାରେ ସଫଳ ହୋଇଛନ୍ତି। ୧୫୦୦ରୁ ଉର୍ଦ୍ଧ ଛାତ୍ରାଛତ୍ରୀଙ୍କୁ ବାର୍ଷିକ ହାରାହାରି ୮.୧୦ଲକ୍ଷ ଟଙ୍କା ପ୍ୟକେଜ୍‌ରେ ନିଯୁକ୍ତି ସୁଯୋଗ କମ୍ପାନୀ ନିଯୁକ୍ତ ସୁଯୋଗ ଦେଇଛନ୍ତି। ସେହିପରି ୩୫ରୁ ଅଧିକ ସଂସ୍ଥା କିଟ୍ ଛାତ୍ରଛାତ୍ରୀଙ୍କୁ ବାର୍ଷିକ ହାରହାରି ୧୦ଲକ୍ଷ ଟଙ୍କା ବା ଅଧିକ ପ୍ୟାକେଜ୍ ରେ ନିଯୁକ୍ତି ସୁଯୋଗ ଦେଇଥିବାବେଳେ ୧୩୦ରୁ କମ୍ପାନୀ ବାର୍ଷିକ ହାରହାରି ୫ଲକ୍ଷ ଟଙ୍କା ପ୍ୟାକେଜରେ ନିଯୁକ୍ତ ସୁଯୋଗ ଦେଇଛନ୍ତି। ବାର୍ଷିକ ସର୍ବାଧିକ ୫୨ଲକ୍ଷ ଟଙ୍କା ଛାତ୍ରଛାତ୍ରୀ ନିଯୁକ୍ତି ସୁଯୋଗ ପାଇଛନ୍ତି। ଚଳିତ ବର୍ଷ ହାରାହାରି ବାର୍ଷିକ ପ୍ୟାକେଜ୍ ୬.୦୫ଲକ୍ଷ ଟଙ୍କା ରହିଥିବାବେଳେ ଏହା ଗତବର୍ଷ ତୁଳନାରେ ୩୦ପ୍ରତିଶତ ଅଧିକ ବୋଲି କିଟ୍ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ସସ୍ମିତା ସାମନ୍ତ ସୂଚନା ଦେଇଛନ୍ତି। ବହୁରଷ୍ଟ୍ରୀୟ କମ୍ପାନୀ ହାଇରେଡିଅସ୍ କିଟ୍ ବିଶ୍ୱବିଦ୍ୟାଳୟ ପରିସରରେ ଏକ ଉଚ୍ଚମାନର ତାଲିମ୍ କେନ୍ଦ୍ର ପ୍ରତିଷ୍ଠା କରି ପ୍ରତିବର୍ଷ ୨ହଜାରରୁ




ଅଧିକ ପିଲାକୁ ମାସିକ ୧୫ହଜାର ଟଙ୍କା ମେଧାବୃତ୍ତିରେ ବର୍ଷକିଆ ତାଲିମ୍ ପ୍ରଦାନ କରିଆସୁଛି। ଏହାଛଡା ହାଇରେଡିଅସ୍ କମ୍ପାନୀ ମଧ୍ୟ ପ୍ରତିବର୍ଷ କିଟ୍ ରୁ ୮ଲକ୍ଷ ଟଙ୍କା ପ୍ୟାକେଜରେ ୮୦୦ରୁ ୧ହଜାର ପିଲାଙ୍କୁ ନିଯୁକ୍ତି ସୁଯୋଗ ଦେଇଥାଏ ବୋଲି ଉପକୁଳପତି ପ୍ରଫେସର ଶରଣଜିତ ସିଂହ ପ୍ରକାଶ କରିଛନ୍ତି। କରୋନା ମହାମାରୀ ସତ୍ୱେ ୨୦୨୦ରେ କିଟ୍ ବିଶ୍ୱବିଦ୍ୟାଳୟର ବିଟେକ୍ ଏମ୍‌ବିଏ ବାୟୋଟେକରେ ଶତ ପ୍ରତିଶତ ପ୍ଲେସ୍‌ମେଣ୍ଟ ହୋଇଥିବା ବେଳେ ଆଇନ ପାଠ୍ୟକ୍ରମରେ ୫୦ପ୍ରତିଶତରୁ ଅଧିକ ପ୍ଲେସ୍ ମେଣ୍ଟ ହୋଇଥିଲା ୨୦୨୧ରେ ମଧ୍ୟ କିଟ୍ ବିଶ୍ୱବିଦ୍ୟାଳୟରେ ରେକର୍ଡ ପ୍ଲେସ୍‌ମେଣ୍ଟ ହୋଇଥିଲେ। ୨୦୨୨ଉତ୍ତୀର୍ଣ୍ଣଙ୍କ ପାଇଁ ଗତବର୍ଷ ମେ ମାସକୁ କ୍ୟାମ୍ପସ୍ ପ୍ଲେସ୍‌ମେଣ୍ଟ ପ୍ରକ୍ରିୟା ଆରମ୍ଭ ହୋଇଥିଲା ଏଥିରେ ସନ୍ତୋଷ ବ୍ୟକ୍ତ କରିବା ସହ କିଟ୍ ଓ କିସ୍ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ ସମସ୍ତ ସଫଳ ଛାତ୍ରଛାତୀଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।

# ୪ ବରିଷ୍ଠ ଆଇଏଏସ୍‌ଙ୍କୁ ମୁଖ୍ୟ ଶାସନ ସଚିବ ପାହ୍ୟାକୁ ପଦୋନ୍ନତି


ଆଇଏଏସ୍ ଅନୁଗର୍ଗ


ଆଇଏଏସ୍ ମଧୁସୁଦାନ ପାଢୀ


ଆଇଏଏସ୍ ସତ୍ୟବ୍ରତ ସାହୁ

**ଭୁବନେଶ୍ୱର(ରାମଚନ୍ଦ୍ର ମହାନ୍ତି, ରାଜ୍ୟ ପ୍ରତିନିଧି):-** ରାଜ୍ୟର ୪ ଜଣ ବରିଷ୍ଠ ଆଇଏଏସ୍‌ଙ୍କୁ ଅତିରିକ୍ତ ମୁଖ୍ୟ ଶାସନ ସଚିବ(ଏସ୍‌ସିଏସ୍) ପାହ୍ୟାକୁ ପଦୋନ୍ନତି ଦେଇଛନ୍ତି ରାଜ୍ୟ ସରକାର। ସେମାନେ ହେଲେ ୧୯୯୧ ବ୍ୟାଚ୍‌ର **ଆଇଏଏସ୍ ଅନୁଗର୍ଗ, ଆଇଏଏସ୍ ମଧୁସୁଦାନ ପାଢୀ, ଆଇଏଏସ୍ ସତ୍ୟବ୍ରତ ସାହୁ ଓ ଆଇଏଏସ୍ ବିଜୟ ଆରୋରା।** ବର୍ତ୍ତମାନ ଏହି ବରିଷ୍ଠ ଅଧିକାରୀମାନେ ଯେଉଁପଦ ସମ୍ଭାଳିଛନ୍ତି, ସେହି ଦାୟିତ୍ୱ ତୁଲାଇବେ। ୧୯୯୧ ବ୍ୟାଚ୍‌ର ଏହି ୪ଜଣ ଆଇଏଏସ୍‌ଙ୍କୁ ଅତିରିକ୍ତ ମୁଖ୍ୟଶାସନ ସଚିବ ପାହ୍ୟାକୁ ପଦୋନ୍ନତି ନେଇ ସାଧାରଣ ପ୍ରଶାସନ ବିଭାଗ ପକ୍ଷରୁ ଶନିବାର ବିଜ୍ଞପ୍ତୀ ପ୍ରକାଶ ପାଇଛି।

## ପଞ୍ଚାୟତିରାଜ ଇତିହାସରେ କଳଙ୍କିତ ଅଧ୍ୟାୟ ସୃଷ୍ଟିହେଲା

**ଭୁବନେଶ୍ୱର(ସଂପର୍କବାର୍ତ୍ତା):-**ପଞ୍ଚାୟତ ନିର୍ବାଚନ କମିଶନର ଘୋଷଣା ଏବଂ ତତ୍‌ସଂଲଗ୍ନ ମାର୍ଗଦର୍ଶିକା ଓଡିଆ ପଂଚାୟତିରାଜ ଇତିହାସରେ ଏକ କଳଙ୍କିତ ଅଧ୍ୟାୟ ସୃଷ୍ଟି କଲା।

ଖଳନାୟକ ଭାବରେ ବିଜେଡି ସରକାର ଓ ତାଙ୍କର ପାଳଚିଥିବା ରାଜ୍ୟ ନିର୍ବାଚନ କମିଶନ ଏହି କଳଙ୍କିତ ଅଧ୍ୟାୟର ସୂତ୍ରଧର ବୋଲି କଂଗ୍ରେସ ଶାଣିତ କଟାକ୍ଷ କରିଛି। ଦେଶରେ କରୋନା ସଂକ୍ରମଣ ୧ଲକ୍ଷ ୬୮ହଜାର। ରାଜ୍ୟରେ ତାହା ୭୦୭୧। ବିଶେଷଜ୍ଞମାନେ ଏହି ସଂକ୍ରମଣ ଆସନ୍ତା ଫେବୃଆରୀରେ ଶୀର୍ଷରେ ଛୁଇଁବ ବୋଲି ସତର୍କ କରାଇଛନ୍ତି। ବିଜେଡିକୁ ଛାଡି ରାଜ୍ୟର ସମସ୍ତ ବିରୋଧୀମାନେ ବର୍ତ୍ତମାନ ସମୟରେ ଏହି ସଂକ୍ରମଣକୁ ଦୃଷ୍ଟିରେ ରଖି ପଂଚାୟତ ନିର୍ବାଚନକୁ ଘୁଂଚାଇବାକୁ ଦାବି ରଖିଥିଲେ। ମାତ୍ର ନିର୍ବାଚନ କମିଶନ୍ ସେମାନଙ୍କ ଦାବିକୁ କର୍ଣ୍ଣପାତ କଲେନାହିଁ ଏବଂ ନିର୍ବାଚନ ସଂକ୍ରାନ୍ତୀୟ ବିଜ୍ଞପ୍ତି ଜାରିକଲେ। ଏହା ନିର୍ବାଚନ କମିଶନଙ୍କ ନିଜସ୍ୱ ନିଷ୍ପତ୍ତି ନୁହେଁ। ରାଜ୍ୟ ସରକାରଙ୍କ ସରକାରଙ୍କ ପ୍ରରୋଚନାରେ ଏହା କରଛନ୍ତି ଯାହାକି ନିର୍ବାଚନ କମିଶନଙ୍କ ନିରପେକ୍ଷତା ଉପରେ ପ୍ରଶ୍ନବାଚୀ ସୃଷ୍ଟିକରିଛି।

## ପାରାଦ୍ୱୀପ ଡମ୍ଫର ମାଲିକ ସଂଘର ନିର୍ବାଚନ ଶେଷ

# ମହିମାନନ୍ଦ ମିଶ୍ର ମୁଖ୍ୟଅତିଥି

**ପାରାଦୀପ(ଶଶାଙ୍କ ଆଚାର୍ଯ୍ୟ):-** ପାରାଦୀପ ଡମ୍ଫର ମାଲିକ ସଂଘର ନବ ନିର୍ବାଚିତ କର୍ମକର୍ତ୍ତାମାନଙ୍କର ଶପଥ ଗ୍ରହଣ ସମାରୋହ ରବିବାର ଦିନ ସଂଘ କାର୍ଯ୍ୟାଳୟ ପରିସରରେ ଆୟୋଜିତ ହୋଇଯାଇଛି। ଓଡିଶା ହାଇକୋର୍ଟର ବରିଷ୍ଠ ଆଇନଜୀବୀ ମନୋଜ କୁମାର ମହାନ୍ତି ନୂତନ କର୍ମକର୍ତ୍ତାମାନଙ୍କୁ ପଦ ଓ ଗୋପନୀୟତାର ଶପଥ ପାଠ କରାଇଥିଲେ। ଉତ୍ସବରେ



ସଭାପତିତ୍ୱ କରିଥିଲେ କୁଜଙ୍ଗ ଓକିଲ୍ ସଂଘର ସମ୍ପାଦକ ସଂଜୟ କୁମାର ବେହେରା। ଏହି ଶପଥ ଗ୍ରହଣ ସମାରୋହରେ ଓଡିଶା ଷ୍ଟିଭେଡୋର୍ସର ପରିଚାଳନା ନିର୍ଦ୍ଦେଶକ ତଥା ପାରାଦୀପ ଷ୍ଟିଭେଡୋର୍ସ ଆସୋସିଏସନ୍‌ର ସଭାପତି ମହିମାନନ୍ଦ ମିଶ୍ର ମୁଖ୍ୟଅତିଥି ଭାବେ ଯୋଗ ଦେଇ ଆନ୍ତବନ୍ଦର ପଣ୍ୟ ପରିବହନରେ ନିୟୋଜିତ ଡମ୍ଫର ଗୁଡିକ ପଣ୍ୟ ପରିବହନ କାର୍ଯ୍ୟକୁ ତ୍ୱରାନ୍ୱିତ କରିବାକୁ ନିବେଦନ କରିଥିଲେ। ପଣ୍ୟ ପରିବହନ କାର୍ଯ୍ୟ ତ୍ୱରାନ୍ୱିତ ହେଲେ ବର୍ଥଗୁଡିକ ଯାନ୍ତ୍ରୀକ କରଣ ହେବ ନାହିଁ ବୋଲି ସୂଚନା ଦେଇଥିଲେ। ଏହି ସମାରୋହରେ ଅନ୍ୟ ଅତିଥି ଭାବେ ଏସିକର୍ମସିଆଲ୍‌ର ପାରାଦୀପ ମୁଖ୍ୟ ଅକ୍ଷୟ କୁମାର ସୂତାର, ଏମ୍‌ଆରଟିସିର ନିର୍ଦ୍ଦେଶକ ପ୍ରଭାତ କୁମାର ନନ୍ଦି,ରିପ୍ଲେସିପିଙ୍ଗର ମୁଖ୍ୟ ପ୍ରଦୀପ କୁମାର ବୋଷ ପ୍ରମୁଖ ଯୋଗ ଦେଇଥିଲେ। ଧନ୍ୟବାଦ ଅର୍ପଣ କରିଥିଲେ ସବିତା ମହାପାତ୍ର। ନବନିର୍ବାଚିତ ସଭାପତି ବିଜୟ କୁମାର ନାୟକ ଶପଥ ଗ୍ରହଣ ପରେ ନିଷ୍ଠାର ସହ ସଂଘର କାର୍ଯ୍ୟ ପରିଚାଳନା କରିବାରେ ସମସ୍ତଙ୍କ ସହଯୋଗ ଲୋଡିଥିଲେ। ଆଗାମୀ ଦିନରେ ପାରାଦୀପ ବନ୍ଦରରେ ପଣ୍ୟକାରବାରରେ ଏକ ଭାଗ ସଂଘର ରହିବ ବୋଲି କହିଥିଲେ।

# କଟକରେ ପଚା କଖାରୁରେ ନାଲି ରଙ୍ଗ ମିଶାଇ ପ୍ରସ୍ତୁତ କରୁଛନ୍ତି ଟମାଟୋ ସସ୍

**ବାଦାମବାଡି(ସଂପର୍କବାର୍ତ୍ତା):-** ଖାଦ୍ୟକୁ ସ୍ୱାଦିଷ୍ଟ କରିବା ପାଇଁ ହୋଟେଲ, ଫାଷ୍ଟ ଫୁଡ ଦୋକାନ ଏବଂ ଘରେ ବ୍ୟବହୃତ ହେଉଛି ଟମାଟୋ ଓ ଚିଲି ସ୍‌ସ୍। ହେଲେ ଏହା ପଚା କଖାରୁ ହାନିକାରକ ରଙ୍ଗ ଏବଂ ବିଭିନ୍ନ କେମିକାଲର ମିଶ୍ରଣରେ ପ୍ରସ୍ତୁତ କରାଯାଉଛି। ଏଭଳି ଏକ ସସ୍ କାରଖାନା କଟକରୁ ଠାବ ହୋଇଛି। ଗୁରୁବାର ପୋଲିସ ଓ ସିଏମ୍‌ସି ପକ୍ଷରୁ ମାଲଗୋଦାମର ଏକ ଦୋକାନ ଏବଂ ୪୨ମଉଜାରରେ ଏକ ସସ୍ ପ୍ରସ୍ତୁତ କାରଖାନା ଉପରେ ଚଢାଉ କରାଯାଇଥିଲା ଦୋକାନରୁ ୧୩ପେଟି ନକଲି ଟମାଟୋ ଏବଂ ଚିଲିସ୍‌ସ ଜବତ କରାଯାଇଛି। ସସ୍ ବୋତଲରେ ପ୍ରସ୍ତୁତି ତାରିଖ କିମ୍ବା ଏଫ୍‌ଏସ୍‌ଏସ୍‌ଆଇର କୌଣସି ଟ୍ୟାଗ ନ ଥିବା ଦେଖିବାକୁ ମିଳିଛି। ଏହି ଘଟଣାରେ ପୋଲିସ ଦୋକାନୀଙ୍କୁ ଅଟକ ରଖି ପଚାଉଚରା କରୁଛି। ଦେକାନୀ ଜଣକ ଏହି ସସ୍ ୪୨ମଉଜାର ଏକ କରାଖାନରେ ପ୍ରସ୍ତୁତ ହେଉଥିବା ପୋଲିସକୁ କହିଥିଲେ। ପରେ ପୋଲିସ ୪୨ମଉଜାର ସସ୍ କରାଖାନାରେ ଚଢାଉ କରିଥିଲା କାରଖାନାରୁ





୧୦ପେଟ ନକଲି ସସ,୧୫ଶହ ଲଟିର ସସ୍, ବିପୁଳ ପରିମାଣରେ ପଚା କଖାରୁ ,ରଙ୍ଗ, ଏସିଡ, କେମିକାଲ ଆଦି ଜବତ କରାଯାଇଛି। ଏଥସହ କାରଖାନା ମାଲିକଙ୍କୁ ଅଟକ ରଖି ଘଟଣାର ଅଧିକ ତଦନ୍ତ ଚାଲିଥିବା ମାଲଗୋଦାମ ଥାନା ଅଧିକାରୀ ତୃପ୍ତିରଞ୍ଜନ ନାୟକ ସୂଚନା ଦେଇଛନ୍ତି। କରାଖାନାରେ କାଖାରୁକୁ ବ୍ୟବହାର କରି ରଙ୍ଗ ଏବଂ କେମିକାଲ ମିଶାଇ ସସ୍ ପ୍ରସ୍ତୁତ କରାଯାଉଥିଲା ପରେ ଉକ୍ତ ସସକୁ ବଜାରରେ ବିକ୍ରି ବଜାରରେ ବିକ୍ରି କରାଯାଉଥିଲେ। ଲିଟର ପିଛା ଏହାକୁ ୨୭ଟଙ୍କାରେ କରାଯାଉଥିବା ଜଣାପଡିଛି। ତେବେ ଏହି କାରଖାନା ଦିର୍ଘ ଦିନରୁ ଚାଲିଥିଲା ସୂଚନା ମିଳିଛି। ଚଢାଉ ପରେ କାରଖାନାକୁ ବନ୍ଦ କରାଯାଇଛି। ସେହିପରି ସିଏମ୍‌ସି ଖାଦ୍ୟ ସୁରକ୍ଷା ଅଧିକାରୀ ପ୍ରତିକ୍ଷା ଦାସ ମହାପାତ୍ର ଦାସ ମହାପାତ୍ର କହିଛନ୍ତି, ଏହି ସସ୍ ଖାଦ୍ୟ ଉପଯୋଗୀ ନୁହେଁ କାରଣ ଏଥିରେ ଅତ୍ୟାଧିକ ରଙ୍ଗ ଏବଂ କେମିକାଲ ମିଶ୍ରଣ କରାଯାଇଛି। ସସ୍‌ର ନମୁନା ସଂଗ୍ରହ କରି ପରୀକ୍ଷା ପାଇଁ ପଠାଯାଇଛି ବୋଲି ସେ କହିଛନ୍ତି।

# ଅଫ୍‌ଲାଇନ୍‌ରେ କ୍ଲାସ୍ ହେଉଛି ଜଗତସିଂହପୁର ଶିଶୁ ମନ୍ଦିରରେ

**ଜଗତସିଂହପୁର(ସଂପର୍କବାର୍ତ୍ତା):-** କରୋନା ଓ ନୂଆ ଭାରିଆଣ୍ଟ ଓମିକ୍ରନ୍‌ର ୩ୟ ଲହରର ଦ୍ରୁତ ସଂକ୍ରମଣ ବେଳେ ଛାତ୍ରଛାତ୍ରୀଙ୍କ ଜୀବନ ସହ ଖେଳ ଖେଳୁଛନ୍ତି ଜଗତସିଂହପୁର ସହରର କେତେକ ଶିଶୁ ମନ୍ଦିରର ଗୁରୁଜୀ/ଗୁରୁମା(ଶିକ୍ଷକ) ବୋଲି ଅଭିଯୋଗ ହେଉଛି। ଯେଉଁ ଶିକ୍ଷକମାନେ ଛାତ୍ରଛାତ୍ରୀମାନଙ୍କ ସହିତ ଲୁଚିଛପି ଏପରି ଅଫ୍‌ଲାଇନ୍ କ୍ଲାସ୍ କରି ଅର୍ଥ ଉପାର୍ଜନ ଲାଳସାରେ କରୁଛନ୍ତି ସେମାନଙ୍କ ସଂପର୍କରେ ପ୍ରାୟ ଜିଲ୍ଲା ପ୍ରଶାସନ ତଥା ପୌରପରିଷଦ ଦୃଷ୍ଟି ଆଢୁଆଳରେ ଥିବା କୁହାଯାଉଛି। ପିଲାମାନଙ୍କୁ ସାଧା ପୋଷାକରେ ଆସିବାକୁ କୁହାଯାଉଥିବା ଏବଂ ଅଭିଭାବକମାନେ ଏପରି ସଂକ୍ରମଣ ବେଳେ ସମଗ୍ର ବିଶ୍ୱରେ ଜନଜୀବନ ବିପର୍ଯ୍ୟସ୍ତ ଅବସ୍ଥାରେ ଥିବା ବେଳେ

- **କାହାରିକୁ ନ କହିବାକୁ ପିଲାଙ୍କୁ ତାଗିଦ୍ କରାଯାଇଛି !**
- **ସିଭିଲ୍ ଡ୍ରେସ୍‌ରେ ଆସିବାକୁ କୁହାଯାଉଛି।**

କିପରି ଅଫ୍‌ଲାଇନ୍ କ୍ଲାସ୍ କରିବାକୁ ବିଦ୍ୟାଳୟକୁ ଛାଡୁଛନ୍ତି ଦୁଃଖର ବିଷୟ ବୋଲି କେତେକ ବୁଦ୍ଧିଜୀବୀ ଓ ଶିକ୍ଷାବିତ୍ ଅଭିଯୋଗ କରୁଛନ୍ତି। ସରକାରଙ୍କ ନୂଆ ଗାଇଡ୍‌ଲାଇନ୍ ହିସାବ ମୁତାବକ କୌଣସି ସ୍କୁଲ୍‌ରେ ଅଫ୍‌ଲାଇନ୍‌ରେ ପାଠ ପଢା ବାରଣ କରଯାଇଥିବା ନେଇ ପ୍ରାୟ ସମସ୍ତେ ସଚେନତ ଥିବା ସତ୍ୱେ ଅଭିଭାବକ ଓ ଶିକ୍ଷକମାନେ ଏପରି ଦୁର୍ବୁଦ୍ଧି କରି ପାଠ ପଢାଇବାକୁ ଛାଡିବା ପିଲାଙ୍କ ଜୀବନ ପ୍ରତି ଖେଳ ଖେଳାଯାଉଥିବା କୁହାଯାଉଛି। ନିକଟରେ କଟକ ସମେତ ରାଜ୍ୟ ବିଭିନ୍ନ ସ୍ଥାନରେ ଏପରିକି ଟ୍ୟୁଟୋରିଆଲ୍‌ମାନଙ୍କରେ ଅଫ୍‌ଲାଇନ୍ କ୍ଲାସ୍ ସମୟରେ ଚଢାଉ କରାଯାଇ ବିଭିନ୍ନ ଅନୁଷ୍ଠାନକୁ ସିଲ୍ କରାଯାଇଛି। ତା ସତ୍ତ୍ୱେ ଜଗତସିଂହପୁର ସହରରେ ଶିଶୁ ମନ୍ଦିର ଅଫ୍‌ଲାଇନ୍ କ୍ଲାସ୍ କରିବା ଦୁସାହାସିକତାର ପରିଚୟ ଦେଉଛି ବୋଲି ଅଭିଯୋଗ ହେଉଛି। ତୁରନ୍ତ ଜିଲ୍ଲା ପ୍ରଶାସନ ତଥା ପୌରପରିଷଦ ଦୃଷ୍ଟି ଦେବାକୁ ସାଧାରଣରେ ଦାବି କରାଯାଉଛି।

## ଡାଟାଏଣ୍ଟ୍ରି ଅପରେଟରଙ୍କୁ ଅସଦାଚରଣରେ ଗିରଫ ହେଲେ ଭାରପ୍ରାପ୍ତ ଅଧ୍ୟକ୍ଷ


**ହାଟଡିହି(ସଂପର୍କବାର୍ତ୍ତା):-** ମହିଳା ଡାଟା ଏଣ୍ଟ୍ରି ଅପରେଟରଙ୍କୁ ଅସଦାଚରଭ କରିବା ମହଙ୍ଗା ପଡିଲା ଶେଷରେ ଗିରଫ ହୋଇଛନ୍ତି ବଉଳା ଉଚ୍ଚ ମାଧ୍ୟମିକ ସୋସୋର ଭାରପ୍ରାପ୍ତ ଅଧ୍ୟକ୍ଷ ଶିବ ଚରଣ ଖାମୁରାଇ। ସୋସୋ ପୁଲିସ ଆଜି ତାଙ୍କୁ ସୋସୋରୁ ଗିରଫ କରି କୋର୍ଟ ଚାଲାଣ କରିଛି। ଭାରପ୍ରାପ୍ତ ଅଧ୍ୟକ୍ଷଙ୍କ ବିରୁଦ୍ଧରେ ସେହି ବିଦ୍ୟାଳୟର ଡାଟା ଏଣ୍ଟ୍ରି ଅପରେଟର କରିଥିବା ଅଭିଯୋଗ ଆଧାରରେ ପୁଲିସ ଥାନା କେସନଂ ୦୬/୨୦୨୨ରେ ଦଫା ୨୯୪/୩୫୪(ଏ), ୫୦୬ରେ ମାମଲା ରୁଜୁ କରିଥିବାବେଳେ ଆଜି ତାଙ୍କୁ ଗିରଫ କରିଥିଲେ। ଏଠାରେ ସୂଚନାଯୋଗ୍ୟ ଯେ ଗତ ଶୁକ୍ରବାର ଦିନ ଶ୍ୱେତପଦ୍ମା କଲେଜରେ ଅଫିସ କାମ କରୁଥିବାବେଳେ ପରୀକ୍ଷା ସରିଯିବାପରେ ସମସ୍ତ କର୍ମଚାରୀମାନେ ପଳାଇବାପରେ ଅଧ୍ୟକ୍ଷ ତାଙ୍କୁ ରଖିକିଛି କାମ କରାଇବାକୁ କହିଥିଲେ। ଏହି ସମୟରେ ଅଧ୍ୟକ୍ଷ ଶିବ ଚରଣ ଖାମୁରାଇ ଶ୍ୱେତପଦ୍ମାଙ୍କ ରୁମକୁ ପସିଆସି ତାଙ୍କ ପାଖରେ ବସି ବିଭିନ୍ନ କଥା କହିଥିଲେ। ଶ୍ୱେତପଦ୍ମା ନୀରବ ରହିବାରୁ ମନ୍ଦ ଉଦ୍ଦେଶ୍ୟରେ ତାଙ୍କ ପାଖକୁ ଯାଇ ତାଙ୍କ ବାକିଥିବା ଦରମା କରାଇଦେବି ବୋଲି କହି ତାଙ୍କୁ କୁଣ୍ଢାଇ ଧରିବା ସହ ଶରୀରରେ ବିଭିନ୍ନ ସମ୍ବେଦନ ଶୀଳ ସ୍ଥାନକୁ ଛୁଇଁବାରୁ ଶ୍ୱେତପଦ୍ମା ଏହାକୁ ବିରୋଧ କରି ବାହାରକୁ ଦୌଡି ପଳାଇ ଆସିଥିଲେ। ଏହାକୁ ନେଇ ଶ୍ୱେତପଦ୍ମା ପାଟିକରିବାରୁ ଅଧ୍ୟକ୍ଷ ତାଙ୍କୁ ମାରି ବାହାର କରିଦେବା ସହିତ ଏ ସମ୍ପର୍କରେ ଯାହାକୁ କହିବୁ ପରିଣତି ଭୟଙ୍କର ହେବ ବୋଲି ଧମକ ଚମକ ଦେଇଥିବା ନେଇ ଶେତପଦ୍ମା ସୋସୋ ଥାନାରେ ଅଭିଯୋଗ କରିଥିଲେ। ତାଙ୍କ ଅଭିଯୋଗ ଆଧାରରେ ପୁଲିସ ଶିବ ଚରଣ ଖାମୁରାଇଙ୍କ ନାମରେ ମାମଲା ରୁଜୁକରି ଥିଲା, ମାତ୍ର ଘଟଣାର ତିନିଦିନ ପରେବି ପୁଲିସ କୌଣସି ପଦକ୍ଷେପ ନନେଇ ଚୁପ୍ ହୋଇଯିବାକୁ ଗତକାଲି ନୂଆଗାଁ ଗ୍ରାମର ୨୦ରୁ ଉର୍ଦ୍ଧ୍ୱ ମହିଳା ସୋସୋ ଥାନା ଘେରାଉ କରିବା ସହିତ ତୁରନ୍ତ ଅଭିଯୁକ୍ତଙ୍କୁ ଗିରଫ କରିବାପାଇଁ ଦାବି କରିଥିଲେ। ଭାରପ୍ରାପ୍ତ ଅଧ୍ୟକ୍ଷ ଆଜି କଲେଜ ଆସିବାବେଳେ ପୁଲିସ ତାଙ୍କୁ ବାଟରୁ ଗିରଫ କରି କୋର୍ଟ ଚାଲାଣ କରିଛି।

## ପ୍ରସ୍ତାବିତ ଜେ.ଏସ୍.ଡବ୍ଲ୍ୟୁ ପ୍ରକଳ୍ପ ନିମନ୍ତେ ପ୍ରାଚୀର ନିର୍ମାଣ କାର୍ଯ୍ୟ ଆରମ୍ଭ

**ପାରାଦୀପ(ଶଶାଙ୍କ ଆଚାର୍ଯ୍ୟ):-** ପ୍ରସ୍ତାବିତ ଜେ.ଏସ୍.ଡବ୍ଲ୍ୟୁ ପ୍ରକଳ୍ପ ନିମନ୍ତେ ପାଚେରୀ ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇଛି। ଗତ ଡିସେମ୍ବର ମାସରୁ ଆରମ୍ଭ ହୋଇଥିବା ପାନବରଜ ଭଙ୍ଗା ଓ ମାପଚୁପ କାମ ଜାରୀ ରହିଛି। ପାଟଣା ଓ ଗୋବିନ୍ଦପୁର ଅଂଚଳରେ ଫଳନ୍ତି ଗଛ ଚିହ୍ନଟ ପ୍ରକ୍ରିୟା ଆରମ୍ଭ ହୋଇଛି। ବୁଧବାର ଦିନ ମାହାଳ ଶେଷ ସୀମା ସମୁଦ୍ର ପଟୁ ପାଚେରୀ ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇଛି। ଇଡକୋ ପକ୍ଷରୁ ଟେଣ୍ଡର ଆହ୍ୱାନ କରାଯାଇ ଏହି ପାଚେରୀ କାମ ନୋଳିଆ ସାହି ପର୍ଯ୍ୟନ୍ତ କରାଯିବା ନେଇ ସୂଚନା ମିଳିଛି। ପ୍ରଥମେ ଦଶ କି.ମି. ପର୍ଯ୍ୟନ୍ତ ପ୍ରିକାଷ୍ଟ ପାଚେରୀ ନିର୍ମାଣ ଓ ଅସ୍ଥାୟୀ ରାସ୍ତା କାମ କରାଯାଇଛି। ଇଡକୋ ପକ୍ଷରୁ ଏହି କାମ ପାଇଁ ପ୍ରାୟ ୭କୋଟି ୪୦ଲକ୍ଷ ଟଙ୍କାର ବ୍ୟୟ ଅଟକଳ କରାଯାଇଛି। ଏହି କାର୍ଯ୍ୟ ଶେଷ ହେବା ପରେ ଜେ.ଏସ୍.ଡବ୍ଲ୍ୟୁ କୁ ହସ୍ତାନ୍ତରିତ କରାଯିବ। ସ୍ଥାନୀୟ ଅଂଚଳର ଗାଡି ଓ ମାନବ ସମ୍ବଳକୁ ବ୍ୟବହାର କରାଯାଉଛି , ସ୍ଥାନୀୟ ଅଂଚଳର ଲୋକମାନେ ଏହା ଦ୍ୱାରା ଦୈନିକ କାମ କରିବାର ସୁଯୋଗ ପାଉଥିବା ନେଇ ଜଣା ପଡିଛି।

# ୫୦ଏକର ଜମି ବିକ୍ରି, ୮କୋଟି ଖର୍ଚ୍ଚ, ୮ମାସର ଚିକିତ୍ସା ! ତଥାପି ଜୀବନ ହାରିଲେ ସଂକ୍ରମିତ

**ନୂଆଦିଲ୍ଲୀ(ସଂପର୍କବାର୍ତ୍ତା):-** କୃଷକଙ୍କ ଜୀବନ ନେଇଗଲା ମହାମାରୀ କରୋନା।ଆଠ ମାସର ଚିକିତ୍ସା ୮କୋଟି ଖର୍ଚ୍ଚ ବିଦେଶରୁ ଆସିଥିବା ଡାକ୍ତର ମଧ୍ୟ ବଂଚାଇ ପାରିଲେନି। ଟଙ୍କାପଇସା ସବୁ ପାଣି ପରି ଖର୍ଚ୍ଚ ହେଲା, ହେଲେ ଜୀବନ ବଂଚିଲାନି। ମଧ୍ୟପ୍ରଦେଶର ରୋଓ୍ୱାଠାରେ ଆଠ ମାସ ପୂର୍ବେ କରୋନା ସଂକ୍ରମିତ ହୋଇଥିବା ଜଣେ ଚାଷୀଙ୍କ ଚିକିତ୍ସାରେ ପ୍ରାୟ ଆଠ କୋଟି କରାଯାଇଥିବା, କିନ୍ତୁ ତାଙ୍କ ରକ୍ଷା ହୋଇପାରିଲା ନାହିଁ। ଆଠ ମାସ ପୂର୍ବରୁ ରୋଓ୍ୱାର ଜଣେ କୃଷକ ଧର୍ମଜୟ ସିଂ କରୋନାରେ ସଂକ୍ରମିତ ହେବାପରେ ଏପ୍ରିଲି ମାସରେ ସଞ୍ଜୟ ଗାନ୍ଧୀ ହସ୍ପିଟାଲେ ଭର୍ତ୍ତି କରାଯାଇଥିଲା ଫୁସଫୁସରେ ଅଧିକ ସଂକ୍ରମଣ ହେତୁ ତାଙ୍କୁ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଥିଲା ତାଙ୍କର ବ୍ୟୟବହୁଳ ଚିକିତ୍ସା ପାଇଁ ପରିବାରର ୫୦ଏକର ଜମି ବିକ୍ରି କରିଦେଇଛନ୍ତି। କିନ୍ତୁ ଧର୍ମଜୟଙ୍କ ଜୀବନ ରକ୍ଷା ହୋଇପାରିଲା ନାହିଁ। ଲଣ୍ଡନରୁ



ଆସିଥିବା ଡାକ୍ତର ବି ଫେଲ୍

ଦେଶର ବହୁ ନାମୀଦାମୀ ଡାକ୍ତରଙ୍କ ବ୍ୟତୀତ ଲଣ୍ଡନର ଡାକ୍ତରମାନେ ମଧ୍ୟ ଧର୍ମଜୟଙ୍କ ଚିକିତ୍ସାରେ ପାଇଁ ନିୟୋଜିତ ହୋଇଥିଲେ। କିନ୍ତୁ ତାଙ୍କୁ ଭଲ କରିପାରିଲେ ନାହିଁ। ମଙ୍ଗଳବାର ରାତିରେ ଧର୍ମଜୟଙ୍କର ମୃତ୍ୟୁ ହୋଇଥିଲେ। ଧର୍ମଜୟ ରାଜ୍ୟର ଜଣେ ପ୍ରଗତିଶୀଳ କୃଷକ ଭାବରେ ଜଣାଶୁଣା। ମଧ୍ୟପ୍ରଦେଶର ବିନ୍ଧ ଅଂଚଳରେ ଗୋଲାପ ଏବଂ ଷ୍ଟ୍ରବେରି ଚାଷ କରି ସେ ନିଜର ବିଶେଷ ପରିଚୟ କରିଥିଲେ। ୨୬ଜାନୁଆରୀ ୨୦୨୧ମସିହାରେ ଗତତନ୍ତ୍ର ଦିବସରେ ମୁଖ୍ୟମନ୍ତ୍ରୀ ଶିବରାଜ ସିଂ ଚୌହାନ ଧର୍ମଜୟଙ୍କୁ ଶ୍ରେଷ୍ଠ ଚାଷୀ ଭାବେ ସମ୍ମାନିତ କରିଥିଲେ। ପ୍ରତିଦିନ ଖର୍ଚ୍ଚ ହେଉଥିବା ତିନି ଲକ୍ଷ ଟଙ୍କା ଡାକ୍ତରଖାନାରେ ଭର୍ତ୍ତି ହେବା ପରେ ଧର୍ମଜୟଙ୍କ ଅବସ୍ଥା କ୍ରମାଗତ ଭାବେ ବିଗିଡି ଯାଉଥିଲେ। ଧର୍ମଜର୍ୟଙ୍କ ବଡ ଭାଇ ପ୍ରଦିପ ସିଂଙ୍କ ଅନୁସାରେ ତାଙ୍କ ଚିକିତ୍ସ ପ୍ରାୟ ୮କୋଟି ଟଙ୍କା ଖର୍ଚ୍ଚ ହୋଇଛି ଏବଂ ଏଥିପାଇଁ ସେ ତାଙ୍କର ୫୦ଏକର ଜମି ମଧ୍ୟ ବିକ୍ରି କରିଛନ୍ତି। ତାଙ୍କ ଚିକିତ୍ସା ପାଇଁ ଦିନକ ତିନି ଲକ୍ଷ ଟଙ୍କା ଖର୍ଚ୍ଚ ହେଉଥିଲା ତଥାପି ଭାଇ ବଂଚିଲାନି କହି ସେ ଦୁଃଖ ପ୍ରକାଶ କରିଛନ୍ତି। ଧର୍ମଜୟଙ୍କ ଚିକିତ୍ସା ପାଇଁ ସରକାର ଚାରି ଲକ୍ଷ ଟଙ୍କା ପ୍ରଦାନ କରିଥିଲେ।



RNI Regd No : ODIODI/2016/74122

ସତ୍ୟ ଓ ତଥ୍ୟ ଭିତ୍ତିକ ସମ୍ବାଦ

# ସଂପର୍କବାର୍ତ୍ତା

SAMPARK BARTA

ODIA WEEKLY

www.samparkabarta.in

ପୃଷ୍ଠା ୮



| ADVERTISEMENT TARIFF | Colour | B & W |
|---|---|---|
| Full Page | 40,000/- | 20,000/- |
| Half Page | 20,000/- | 10,000/- |
| Qrt. Page | 10,000/- | |
| Front Page | 100% Extra | |
| Back Page | 50% Extra | |
| Ear Panel | 3,000/- | |




# ଭୁବନେଶ୍ୱର ପୋଲିସ୍ ଚାର୍ଜସିଟ୍ କରୁନି

**ଭୁବନେଶ୍ୱର(ପରମେଶ୍ୱର ଦାଶ):-** ଏକାଧିକ ଅପରାଧିକ ମାମଲାରେ ପୋଲିସ୍ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରୁଛି। କିନ୍ତୁ ଅଭିଯୁକ୍ତଙ୍କୁ କୋର୍ଟରେ ଦୋଷୀ ସାବ୍ୟସ୍ତ କରିବା ପାଇଁ ପୋଲିସ୍ ନିର୍ଦ୍ଦିଷ୍ଟ

## ଅଭିଯୁକ୍ତଙ୍କୁ ମିଳୁଛି ଜାମିନ୍

ସମୟ ମଧ୍ୟରେ ତଦନ୍ତ ଶେଷ କରି ଚାର୍ଜସିଟ୍ ଦେଇ ପାରୁନି। ଯେଉଁଥି ପାଇଁ ଅଭିଯୁକ୍ତମାନେ କୋର୍ଟରୁ ବେଲ୍ ପାଇ ଖସି ଯାଉଛନ୍ତି। ଗତ କିଛି ବର୍ଷ ହେବ ଭୁବନେଶ୍ୱର କୋର୍ଟରେ ଏଭଳି ଘଟଣା ଦେଖିବାକୁ ମିଳୁଛି। କୋର୍ଟ ପକ୍ଷରୁ ମଧ୍ୟ ପୋଲିସ୍‌କୁ ବାରମ୍ବାର ତାଗିଦ୍ କରାଯିବା ସହ ନୋଟିସ୍ କଲେ ମଧ୍ୟ ପୋଲିସ୍ ସୁଧୁରୁନି। ଯେଉଁଥିପାଇଁ ଅଭିଯୁକ୍ତ ବେଲ୍ ପାଇ ବାହାରେ ବୁଲୁଛି। ଯାହାର ଉଦାହରଣ ଗତ ୨ ଦିନ ତଳେ ଦେଖିବାକୁ ମିଳିଥିଲା। ରାଜ୍ୟ ପୋଲିସ୍ ଗୃହ ନିର୍ମାଣ ଓ କଲ୍ୟାଣ ନିଗମର ଉପପ୍ରବନ୍ଧକ(ଓପିଏଚ୍‌ଡବ୍ଲ୍ୟୁସି) ପ୍ରତାପ କୁମାର ସାମଲଙ୍କ କ୍ଷେତ୍ରରେ।

ଆୟ ବହିର୍ଭୁତ ସମ୍ପତ୍ତି ଠୁଳ ଅଭିଯୋଗରେ ଭିଜିଲାନ୍ସ ପ୍ରତାପଙ୍କୁ ଗିରଫ କରିଥିଲା। ତାଙ୍କ ଠାରୁ ୧୫ କୋଟିରୁ ଊର୍ଦ୍ଧ୍ୱ ଆୟବର୍ହିର୍ଭୂତ ସଂପତ୍ତି ଠାବ କରାଗଲା। ଏହାସହ ତାଙ୍କ ଘରୁ ନଗଦ ୧୫ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା ଜବତ କରାଗଲା। ଓଡ଼ିଶା ଭିଜିଲାନ୍ସ ଇତିହାସରେ ଏତେ ପରିମାଣର ସମ୍ପତ୍ତି ଠାବ ହେବା ବଡ କଥା। କିନ୍ତୁ ୬୦ ଦିନ ଭିତରେ ଭିଜିଲାନ୍ସ ଏହି ମାମଲାର ତଦନ୍ତ କରି ଚାର୍ଜସିଟ୍ ଦେଇପାରିଲା ନାହିଁ। ପ୍ରତାଙ୍କୁ ଲିଙ୍କ୍ ବହୁତ ଭିତରକୁ ଥିବାରୁ ତଦନ୍ତ କରିବାରେ ସମୟ ଲାଗୁଛି ବୋଲି କହି ଦିନ ଗଡାଇଥିଲା। କୋର୍ଟ ବାରମ୍ବାର ଭିଜିଲାନ୍ସକୁ ନୋଟିସ୍ କରିଥିଲେ ମଧ୍ୟ ଭିଜିଲାନ୍ସ ଶୁଣି ନଥିଲା। ଶେଷରେ ବିଚାରପତି ପ୍ରତାପଙ୍କୁ ଜାମିନ୍ ଦେଇଥିଲେ। କଳାଧନର କୁବେର




ପ୍ରତାପଙ୍କୁ ଜାମିନ୍ ମିଳିବାକୁ ନେଇ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି। ଏତେ ବଡ ମାମଲାରେ ଭିଜିଲାନ୍ସ ଯଦି ଚାର୍ଜସିଟ୍ ଦାଖଲ କରିପାରୁନି ତେବେ ବଡ ବଡ ମାମଲାରେ କ'ଣ କରୁଥିବ ସେ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। କେବଳ ଏହି ଗୋଟିଏ ଘଟଣା ନୁହେଁ କମିଶନରେଟ୍ ପୋଲିସ୍‌ରେ ମଧ୍ୟ ଏଭଳି ମାଳ ମାଳ ମାମଲା ଦେଖିବାକୁ ମିଳୁଛି। ୨୦୨୦ ମସିହା ଅକ୍ଟୋବର ୨୬ ତାରିଖରେ ତମାଣ୍ଡୋ ଥାନା ପୋଲିସ୍ ୬ଜଣ ନକଲି ସାମ୍ବାଦିକଙ୍କୁ ଗିରଫ କରିଥିଲା। ସେମାନେ ଲକ୍ଷ୍ମୀଫୁଡ୍ ପ୍ରଡକ୍ଟ ସଂସ୍ଥାକୁ ଦାଦାବଟି ମାଗିବା ସହ ଧମକଚମକ ଦେଇ ଟଙ୍କା ହଡପ କରିଥିଲେ। ଏପରିକି ଜବରଦସ୍ତି କ୍ୟାସ୍ କାଉଣ୍ଟରରୁ ଟଙ୍କା ଲୁଟି ନେଇଥିଲେ। ଏନେଇ ଥାନାରେ ଅଭିଯୋଗ ପରେ ପୋଲିସ୍ ଏକ ମାମଲା ରୁଜୁ କରି ୬ ଅଭିଯୁକ୍ତଙ୍କୁ ଗିରଫ କରିଥିଲା। କିନ୍ତୁ ପୋଲିସ୍ ଠିକ୍ ସମୟରେ ଚାର୍ଜସିଟ୍ ଦାଖଲ କରିପାରିନଥିଲା। କୋର୍ଟ ପୋଲିସ୍‌କୁ ବାରମ୍ବାର ନୋଟିସ୍ କରିଥିଲେ ମଧ୍ୟ ପୋଲିସ୍ ଶୁଣିନଥିଲା। ଶେଷରେ ବିଚାରପତି ୬ ଅଭିଯୁକ୍ତଙ୍କୁ ଜାମିନ୍ ମଞ୍ଜୁର କରିଥିଲେ। ଏହିଭଳି ସମାନ ଘଟଣା ୨୦୨୦ ମସିହାରେ ଚନ୍ଦକା ଥାନାରେ ଦେଖିବାକୁ ମିଳିଥିଲା। ଚନ୍ଦକାରେ ଥିବା ନକଲି ପାଣି କମ୍ପାନୀରେ ପୋଲିସ୍ ଚଢଉ କରି ଏକାଧିକ ନକଲି ସାମଗ୍ରୀ ଜବତ କରିବା ସହ ୩ଜଣଙ୍କୁ ଗିରଫ କରିଥିଲା। ହେଲେ ୬୦ ଦିନ ଭିତରେ ଅଭିଯୁକ୍ତଙ୍କ ବିରୋଧରେ କୋର୍ଟରେ ଚାର୍ଜସିଟ୍ ଦାଖଲ କରିପାରିଲା ନାହିଁ। ଯେଉଁଥି ପାଇଁ ଅଭିଯୁକ୍ତ କୋର୍ଟରୁ ଜାମିନ୍ ପାଇଗଲେ। ଏହିଭଳି ୨୦୧୯ ନଭେମ୍ବର ୧ରେ ଏୟାରଫିଲ୍ଡ ଥାନା ପୋଲିସ୍ ଅମରେଶ ନାୟକ ହତ୍ୟା ମାମଲାରେ ମଧ୍ୟ ଦେଖିବାକୁ ମିଳିଥିଲା। ପୋଲିସ୍ ୬ଜଣ ଅଭିଯୁକ୍ତଙ୍କୁ ଗିରଫ କଲା। କିନ୍ତୁ ସେମାନଙ୍କ ବିରୋଧରେ ପୋଲିସ୍ ଚାର୍ଜସିଟ୍ ଦାଖଲ କରିପାରିଲା ନାହିଁ। ଯେଉଥି ପାଇଁ ଅଭିଯୁକ୍ତ ହାଇକୋର୍ଟ ଯିବା ପରେ ୩ଜଣ ଜାମିନ୍ ପାଇଗଲେ।

# କଟକରେ ଭୂତ ନେଉଛି ଭତ୍ତା

**ବାଦାମବାଡି(ସଂପର୍କବାର୍ତ୍ତା):-** ମୃତ୍ୟୁକୁ ୪ ବର୍ଷ ପୂରିବ। ହେଲେ ଆଜି ପର୍ଯ୍ୟନ୍ତ ମୃତକଙ୍କ ନାଁରେ ଉଠୁଛି ଭତ୍ତା। କେବଳ ଜଣେ ନୁହେଁ, ଏଭଳି ୪୭ଜଣ ଭୂତ ଟିପ ଚିହ୍ନ ଦେଇ ଉଠାଉଛନ୍ତି ଭତ୍ତା। ମୃତକଙ୍କ ନାଁରେ ଭତ୍ତା ଟଙ୍କା ଉଠାଯାଉଥିବା ସଂପର୍କରେ ସୂଚନା ଅଧିକାର ଆଇନ ବଳରେ ସାମ୍ନାକୁ ଆସିଛି ଏଭଳି ସାଂଘାତିକ ତଥ୍ୟ। ଟିପ ଚିହ୍ନ ଦେଇ ଏଭଳି ଭିନ୍ନ ଢଙ୍ଗରେ ବାର୍ଦ୍ଧକ୍ୟ ଭତ୍ତା ହିତାଧିକାରୀଙ୍କ ନାଁରେ ଉଠାଉଛନ୍ତି।

## ଡକାୟତ ଅଫିସରଙ୍କ କାମ !


ବାଙ୍କୀ ବ୍ଲକ୍ କଦଳୀ ଭାଡି ପଞ୍ଚାୟତରେ ଦେଖିବାକୁ ମିଳିଛି ଭତ୍ତା ଯୋଜନାର ଏଭଳି ସାଂଘାତିକ କେଳେଙ୍କାରୀ। ମୃତକଙ୍କ ପରିବାର ଅଭିଯୋଗ ଆଣିବା ସହ ଘଟଣାର ଉଚ୍ଚସ୍ତରୀୟ ତଦନ୍ତ ଦାବି କରିଛନ୍ତି। ତେବେ କିଏ ନେଉଛି ଭୂତଙ୍କ ଟଙ୍କା, ତାହା ଏବେ ଚର୍ଚ୍ଚାର ବିଷୟ ହୋଇଛି।


ବାଙ୍କୀ ବ୍ଲକ୍ କଦଳୀବାଡି ପଞ୍ଚାୟତ ଅନ୍ତର୍ଗତ ମାଳବିହାରପୁର ଗ୍ରାମର ଏକାଦଶୀ ସାହୁଙ୍କର ଗତ ୨୦୧୮ ମସିହା ମାର୍ଚ୍ଚ ୧୫ ତାରିଖରେ ପରଲୋକ ଘଟିଥିଲା। ହେଲେ ତାଙ୍କ ବାର୍ଦ୍ଧକ୍ୟ ଭତ୍ତା ୨୦୨୧ ମସିହା ସେପ୍ଟେମ୍ବର ମାସରେ ମଧ୍ୟ ପଞ୍ଚାୟତ କାର୍ଯ୍ୟାଳୟରେ ଉଠାଯାଇଛି ବୋଲି ଜଣାପଡିଛି। ଏହି ଟଙ୍କା ଆକାଉଣ୍ଟକୁ ଯାଇ ନାହିଁ, ନଗତ ଅର୍ଥ ରାଶି ଏକାଦଶୀ ନେଇଛନ୍ତି ବୋଲି କୁହାଯାଇଛି। ତାଙ୍କ ପୁଅ ରଞ୍ଜନଙ୍କ ଅଭିଯୋଗ ଅନୁସାରେ ପିତା ଏକାଦଶୀଙ୍କ ମୃତ୍ୟୁକୁ ୩ବର୍ଷ ପୂରିଲାଣି। ସେ ବଞ୍ଚିଥିବା ସମୟରେ ଠିକ୍ ଭାବେ ଭତ୍ତା ମିଳୁନଥିଲା। ତାଙ୍କ ମୃତ୍ୟୁ ପରେ ଏହି ଟଙ୍କାକୁ କିଏ ଗ୍ରହଣ କରିଛି, ତାହା ସେ ଜାଣନ୍ତି ନାହିଁ ବୋଲି କହିଛନ୍ତି। ହେଲେ ପଞ୍ଚାୟତରେ ନିୟମିତ ଭାବେ ଏଭଳି ବେନିୟମ କାର୍ଯ୍ୟ ଚାଲିଛି ବୋଲି ରଞ୍ଜନ ଅଭିଯୋଗ କରିଛନ୍ତି। ଏହି ପଞ୍ଚାୟତର ମଙ୍ଗୁଳି ବେହେରା, ଚାନ୍ଦିନୀ ବେଓ୍ୱା, କରୁଣା ପ୍ରଧାନ, ଭାସ ଜେନା, ବଂଶୀଧର ବେହେରା, ସଜନୀ ଦେଇ, ମଙ୍ଗୁଳି ମହାରଣା, ଲିଙ୍ଗରାଜ ସେଠୀ, ଅଧିକାରୀ ବେହେରା, ସୁକଦେବ ଖଟୁଆ, ଘନଶ୍ୟାମ ସାଇଁ, ପଞ୍ଚାନନ ଜେନା, ମାମି ଖଟୁଆ, ମାୟାଧର ବାରିକ, ଅମୂଲ୍ୟ ମହାରଣା, ଚନ୍ଦ୍ରମଣୀ ବେହେରା, ଭିକାରୀ ନାୟକ, ରେବତୀ ଦେଇ, ପ୍ରଭାକର ବେହେରା, ବାରବର ମହାରଣା, ଉଷାମଣୀ ଦେଇ, ରାଧା ମହାରଣା, କୃତୀବାସ ସେଠୀ, ଆକୁଳ ଜେନା, କୂଳମଣୀ ଖଟୁଆ, ଗୁଣନିଧି ବେହେରାଙ୍କ ସମେତ ଉଠାଣ ହୋଇଛି। ଯେଉଁମାନେ ବହୁପୂର୍ବରୁ ମୃତ୍ୟୁବରଣ କରିସାରିଛନ୍ତି। ଗ୍ରାମର ସାମାଜିକ କର୍ମୀ ଅରୂପ କୁମାର ବେହେରା କହିଛନ୍ତି ଯେ, ବ୍ଲକ୍ କାର୍ଯ୍ୟାଳୟରେ ଏହା ବଣ୍ଟନ କରାଯାଏ। ଏଭଳି ବେନିୟମ କାର୍ଯ୍ୟ କିଛି ବର୍ଷ ହେବ ଚାଲିଆସୁଛି ବୋଲି ଶୁଣିବାକୁ ମିଳୁଥିଲା। ହେଲେ ଏବେ ଏହା ସ୍ପଷ୍ଟ ହୋଇଛି।


# ଛତରଖିଆଙ୍କ ଯୋଗୁଁ ଭାଙ୍ଗିଲା ଜଗତସିଂହପୁର ସାମ୍ବାଦିକ ମହାସଂଘ

**ଜଗତସିଂହପୁର(ରାମଚନ୍ଦ୍ର ମହାନ୍ତି, ରାଜ୍ୟ ପ୍ରତିନିଧି):-** ଜଗତସିଂହପୁର ସାମ୍ବାଦିକ ମହାସଂଘ ଭାଙ୍ଗିଯାଇଛି। ମହାସଂଘର କିଛି ଛତରଖିଆଙ୍କ ଯୋଗୁଁ ସଂଘ ଭାଙ୍ଗି ଯାଇଥିବା ଅଭିଯୋଗ ହେଉଛି। ସଂଘର କାର୍ଯ୍ୟକାଳ ଗତ ଡିସେମ୍ବର ମାସକୁ ୩ ବର୍ଷ ପୂରଣ ହେବାକୁ ଯାଉଥିବା ଏବଂ ପୁନଶ୍ଚ ନବିକରଣ ହେବାକୁ ଥିବା ବେଳେ କିଛି ଅସାମାଜିକ ତଥା ଛତରଖିଆ ସଭ୍ୟଙ୍କ ଯୋଗୁଁ ଏପରି ଅବସ୍ଥା ସୃଷ୍ଟି ହୋଇଥିବା ଉକ୍ତ ସଂଘର କେତେକ ବରିଷ୍ଠ ସଦସ୍ୟ ଏପରି ଅଭିଯୋଗ କରୁଥିବା ଶୁଣିବାକୁ ମିଳୁଛି। ସଂଘରେ ବର୍ତ୍ତମାନ ସୁଦ୍ଧା ୮୬ ହଜାର ମହଜୁତ ଥିବା ବେଳେ ପ୍ରାୟ ୪୦ ହଜାରରୁ ଊର୍ଦ୍ଧ୍ୱ ବିଜ୍ଞାପନ ବାବଦରେ ବକେୟା


Dear friends,
As it was declared, the final electoral roll is ready to be announced. But in mean time some unwanted activities of some members of ZSM, Jagatsinghpur is noticed which is not only unwarranted but deplorable also. From the said activities, it's well understood that some members of this association


have scant regards to the office of the election officer and in the process expressed their apprehension to the neutrality and integrity of the election officer.The election officer has also received some representation from different members, which intensify the apprehension expressed before.


So considering above facts and circumstances and having lost the faith and trust of the members of ZSM, Jagatsinghpur, I must quit as election officer to maintain the sanctity and dignity of the office of the election officer.Hence hereby I quit as election officer of ZSM, Jagatsinghpur with immediate effect.
I urge upon the general


body of the association to take next course of action immediately and also urge upon the members to receive their respective articles, which was deposited before me as per the list with prior appointment.
Thank you all.. have a nice day.. thanks. 21:02
Now I think there is no purpose of staying in this group.. thanks.. 21:06

ପଡିଥିବା ଶୁଣାଯାଉଛି। ଅନ୍ୟପକ୍ଷରେ ଉକ୍ତ ସଂଘର କିଛି ଆଗଧାଡିର ନେତା ବ୍ୟକ୍ତିଗତ ଭାବେ ସଂଘ ନାଁରେ ଅର୍ଥ ଆଦାୟ କରି ଚଳୁ କରିଦେଇଥିବା ଏବଂ ସଂଘର ନିର୍ବାଚନ ଅଧିକାରୀ ତଥା ଆଇନ୍ ପରାମର୍ଶଦାତା ତଥା ମୁରବୀ ଭାବେ ଦାୟିତ୍ୱ ତୁଲାଉଥିବା ବରିଷ୍ଠ ତଥା ଭଦ୍ର ଆଇନଜୀବୀ ଜଣକ କିଛି ସଭ୍ୟଙ୍କ ଅଶାଳୀନ ମନ୍ତବ୍ୟ ଓ ଅଭଦ୍ରାମୀଙ୍କ ଯୋଗୁଁ ନିଜର ଇସ୍ତଫା ପତ୍ର ଦେଇଥିବା ସୋସିଆଲ୍ ମିଡିଆ ଗ୍ରୁପ୍‌ରେ ଘୂରି ବୁଲୁଥିବା କୁହାଯାଉଛି। ମହାସଂଘ ଯେଉଁ ଉଦ୍ଦେଶ୍ୟ ନେଇ ଗଠନ ହୋଇଥିଲା ତା'ର କାଣିଚାଏ ମଧ୍ୟ ୩ ବର୍ଷ ମଧ୍ୟରେ ସଫଳ ହୋଇପାରିନଥିବାରୁ ଯିଏ ଶୁଣୁଛି ସିଏ କହୁଛି କିଛି ଛତରଖିଆ ସାମ୍ବାଦିକଙ୍କ ଯୋଗୁଁ ଜଗତସିଂହପୁରରେ କିଛି ହେବା ସମ୍ଭବ ନୁହେଁ ବୋଲି ଅଭିଯୋଗ କରୁଛନ୍ତି। ଗଛ ମୂଳେ, ଚାଳିଆରେ, ଦୋକାନ ପିଣ୍ଡାରେ ବା ଫୁଟ୍‌ପାତ୍‌ରେ ଯେଉଁ ସାମ୍ବାଦିକଙ୍କର ବସିବାର ଅଭ୍ୟାସ ଅଛି ସେମାନେ କିପରି ଜାଣିବେ ସଂଘର ମୂଲ୍ୟ ? ସେ ଯାହା ହେଉ ସଂଘର ମୂରବୀ ପଣିଆ ଦେଖାଉଥିବା ଆଗଧାଡିର ନେତାଙ୍କୁ ସହରର ଜନୈକ ମହିଳା ସାମ୍ବାଦିକା ମଣ୍ଡପରେ ଅନୁଷ୍ଠିତ ବୈଠକରେ ଯେପରି ଭାଷା ବ୍ୟବହାର କଲେ, ଝିଅଟିଏ ହେଲେ କ'ଣ ହେଲା ସାହାସର ସହିତ ସଂପୃକ୍ତ ଆଗଧାଡିର ନେତାଙ୍କୁ ମୁହଁତୋଡ ଜବାବ ଦେବାର ଯେଉଁ ସାହାସିକତା ଦେଖାଇଲେ ସଂପୃକ୍ତା ସାମ୍ବାଦିକାଙ୍କୁ ପ୍ରଶଂସା କରାଯାଉଥିବା ଲକ୍ଷ୍ୟ କରାଯାଉଛି। ପୁନଶ୍ଚ କେବେ, କାହା ନେତୃତ୍ୱରେ ଏହି ମହାସଂଘ ଅଣ୍ଟା ସଳଖି ଛିଡା ହେଉଛି ଦେଖିବାର ଅଛି ବୋଲି ଆଲୋଚନା କରୁଛନ୍ତି।

# ‘ଓମିକ୍ରନ୍’ର ଲକ୍ଷଣ

**ନୂଆଦିଲ୍ଲୀ(ସଂପର୍କବାର୍ତ୍ତା):-** କରୋନାର ନୂଆ ଭାରିଆଣ୍ଟ ଓମିକ୍ରନ୍‌କୁ ନେଇ ଚିନ୍ତାଜନକ ତଥ୍ୟ। ସାରା ଦୁନିଆରେ ଏହା କାୟା ମେଲାଇ ଚାଲିଛି। ଓମିକ୍ରନଠାରୁ ସତର୍କ ରହିବାକୁ ଏହାର ଲକ୍ଷଣ ସମ୍ପର୍କରେ ସ୍ୱାସ୍ଥ୍ୟ ବିଶେଷଜ୍ଞମାନେ ଲୋକଙ୍କୁ ସଚେତନ କରୁଛନ୍ତି। ଡେଲ୍‌ଟା ସହ ଓମିକ୍ରନର ଲକ୍ଷଣ ପ୍ରାୟତଃ ସମାନ ହୋଇଥିଲେ ବି କିଛି ନୂଆ ଲକ୍ଷଣ ଦେଖିବାକୁ ମିଳୁଛି। ଯେମିତି ଥଣ୍ଡା, ଜ୍ୱର, କାଶ ଓ ଗଳା ଦରଜ ସହ ପେଟ ଉପରେ ପ୍ରଭାବ ପକାଉଛି ଓମିକ୍ରନ୍।




ଯଦି ବିନା ଜ୍ୱରରେ ବାନ୍ତି ଓ ପେଟ ଦରଜ ହେଉଛି କିମ୍ବା ହାଲିଆ ଲାଗୁଛି ତେବେ ଏହା ଓମିକ୍ରନ ଲକ୍ଷଣ ହୋଇପାରେ। ଏହାସହ ଝାଡା ହେବା ଓ ଭୋକ ନଲାଗିବା ମଧ୍ୟ ଓମିକ୍ରନ ଲକ୍ଷଣ ହୋଇପାରେ। ନୂଆ ଭାରିଆଣ୍ଟରେ ଅଧିକ ଲୋକଙ୍କ ପେଟ ଖରାପ ହେଉଛି। ଏମିତିକି ଦୁଇଟି ଡୋଜ ଟିକା ନେଇ ସାରିଥିବା ଲୋକଙ୍କଠାରେ ମଧ୍ୟ ଏହି ଲକ୍ଷଣ ଦେଖିବାକୁ ମିଳୁଛି।

ଗୁରଗ୍ରାମ ଫୋର୍ଟିସ୍ ମେମୋରିଆଲ୍ ରିସର୍ଚ୍ଚ ଇଣ୍ଟିଚ୍ୟୁଟ୍ ଡାଇରେକ୍ଟର ଡ. ମନୋଜ ଗୋୟଲ କହିଛନ୍ତି, କିଛି ଲୋକଙ୍କୁ ଆରମ୍ଭରୁ ବିନା ଜ୍ୱର ଓ ଥଣ୍ଡାରେ ପେଟ ସମସ୍ୟା ଦେଖା ଦେଇପାରେ। ପିଠି ଓ ପେଟ ଦରଜ ହେବା, ବାନ୍ତି ହେବା, ଭୋକ ନ ଲାଗିବା ଓ ଝାଡା ହେବା ଏହାର ଲକ୍ଷଣ। ଓମିକ୍ରନ ଯୋଗୁଁ ତଳି ପେଟର ମ୍ୟୁକୋସା ସଂକ୍ରମିତ ହୋଇଥାଏ। ଦୁଇଟି ଡୋଜ୍ ନେଇଥିଲେ ବି ଏହି ଲକ୍ଷଣ ଦେଖାଦେଉଛି। ତେବେ ଏହା ଗମ୍ଭୀର ଓ ଚିନ୍ତାର ବିଷୟ ନୁହେଁ।

ସ୍ୱାସ୍ଥ୍ୟ ବିଶେଷଜ୍ଞଙ୍କ କହିବା ଅନୁସାରେ, ପେଟ ଦରଜ ହେବା, ହାଲିଆ ଲାଗିବା ଓ ଭୋକ ନ ଲାଗୁଥିଲେ ଏହାକୁ ସାମାନ୍ୟରେ ନିଅନ୍ତୁ ନାହିଁ। ଯଦି ଏମିତି ଲକ୍ଷଣ ଦେଖାଦେଉଛି ତେବେ ନିଜକୁ ତୁରନ୍ତ ଆଇସୋଲେଟ୍ କରିନିଅନ୍ତୁ। ଡାକ୍ତରଙ୍କ ବିନା ପରାମର୍ଶରେ କୌଣସି ଔଷଧ ଖାଆନ୍ତୁ ନାହିଁ। ଅଳ୍ପ ଖାଆନ୍ତୁ ଓ ଅଧିକ ଶୁଅନ୍ତୁ। ଏହି ସମୟରେ ମସଲା ଯୁକ୍ତ ଖାଦ୍ୟ ଖାଆନ୍ତୁ ନାହିଁ କି ମଦ ପିଅନ୍ତୁ ନାହିଁ।

ସ୍ୱାସ୍ଥ୍ୟ ବିଶେଷଜ୍ଞଙ୍କ ମତରେ ଯଦି ଆପଣଙ୍କ ମଧ୍ୟରେ ଏମିତି ଲକ୍ଷଣ ଦେଖା ଦେଉଛି ତେବେ ସଫା ସୁତରା ରୁହନ୍ତୁ। ଗରମ ଖାଦ୍ୟ ଖାଆନ୍ତୁ। ଅନ୍ୟମାନଙ୍କ ସହ ଖାଇବା ଭାଗ କରନ୍ତୁ ନାହିଁ। ଫଳ ଖାଉଥିଲେ ଭଲ ଭାବେ ଧୋଇ ଖାଆନ୍ତୁ। ବାହାରୁ ମଗାଇ ଖାଆନ୍ତୁ ନାହିଁ। ଟିକା ନେଇଥିଲେ ବି କୋଭିଡ୍ ନିୟମ ମାନି ଚଳନ୍ତୁ। ଆଇସୋଲେସନ୍ ସମୟ ପୂରା କରିବା ପରେ ଘରୁ ବାହାରନ୍ତୁ।

# ସାମ୍ବାଦିକ ଟଙ୍କା ଫେରାଇଲେ

## ସଂପର୍କବାର୍ତ୍ତା ପ୍ରଭାବ

**ଜଗତସିଂହପୁର(ସଂପର୍କବାର୍ତ୍ତା):-** ଗତ ଜାନୁଆରୀ ୧୦ ରୁ ୧୬ ସଂସ୍କରଣରେ “ସଂପର୍କବାର୍ତ୍ତା” ର ପ୍ରଥମ ପୃଷ୍ଠାର ତଳକୁ ପ୍ରକାଶିତ ‘ଜଗତସିଂହପୁର ସାମ୍ବାଦିକଙ୍କ ନାଁରେ ପୋଲିସ୍‌ରେ ଅଭିଯୋଗ’ ଖବର ପ୍ରକାଶ ପାଇଥିଲା। ଏହି ଖବରରେ ଜଗତସିଂହପୁର ଥାନା ଅର୍ନ୍ତଗତ ଯୋତ କୋକିପଡିଆ ୮ ଅପର୍ତ୍ତି ପୃଷ୍ଟିଙ୍କ ପୁଅ ପ୍ରତାଙ୍କ ଠାରୁ ଟାଉଟରି କରି ଦୁଇ/ତିନି ଜଣ ସାମ୍ବାଦିକ ୪ହଜାର ୫ଶହ ଟଙ୍କା ନେଇ ଆସିଥିବା ନେଇ ଥାନାରେ ଓ ଏସ୍‌ପି ଜଗତସିଂହପୁରଙ୍କ ନିକଟରେ କରିଥିବାର ଏକ ଅଭିଯୋଗ ପତ୍ର ସଲଂଗ୍ନ ଖବର ପ୍ରକାଶ ପାଇଥିଲା। ୧୦ ତାରିଖ ଦିନ ପ୍ରତ୍ୟୁଷରୁ ଏହି “ସଂପର୍କବାର୍ତ୍ତା” ର ପ୍ରକାଶିତ ଖବର ବିଜୁଳି ବେଗରେ ଖେଳିଯାଇଥିଲା। ଯାହାଫଳରେ ସଂପୃକ୍ତ ସାମ୍ବାଦିକମାନେ ନିଜକୁ ଲଜ୍ଜିତ ମନେ କରି ତୁରନ୍ତ ଯାଇ ସଂପୃକ୍ତ ହିତାଧିକାରୀ ତଥା ପ୍ରତାପଙ୍କୁ ୪ ହଜାର ୫ଶହ ଟଙ୍କା ଫେରାଇବା ସହ ନିଜର ଭୁଲ୍ ହୋଇଥିବା ନେଇ ସ୍ୱୀକାର କରି ଗୋଡହାତ ଧରି କ୍ଷମାପ୍ରାର୍ଥନା କରିଥିବା ଖବର ଜଣାପଡିଛି। ଟଙ୍କା ଫେରିପାଇଥିବା ହିତାଧିକାରୀ ତଥା ପ୍ରତାପ “ସଂପର୍କବାର୍ତ୍ତା” ର ପରିବାର ତଥା ପ୍ରତିନିଧିଙ୍କୁ ଧନ୍ୟବାଦ ଜଣାଇଥିବା ଶୁଣିବାକୁ ମିଳୁଛି ଏବଂ “ସଂପର୍କବାର୍ତ୍ତା” ର ଉତ୍ତରୋତ୍ତର ଉନ୍ନତି ହେଉ ବୋଲି ଭଗବାନଙ୍କ ନିକଟରେ କାମନା କରିଛନ୍ତି। ସୂଚନା ଥାଉ କି ଯେଉଁ ଦୁଇ/ତିନି ଜଣ ସାମ୍ବାଦିକ ଏହି ଟାଉଟରି କରି ଟଙ୍କା ଆଣିଥିଲେ ସେମାନଙ୍କର ତଥ୍ୟ ସମ୍ବଳିତ ଖବର ପଞ୍ଜିକୃତ ହୋଇଛି।

## ସାମ୍ବାଦିକଙ୍କ ନାଁରେ ପୁଣି ଟଙ୍କା ଆଦାୟ

ଅନ୍ୟପକ୍ଷରେ, ସଂପୃକ୍ତ ସାମ୍ବାଦିକ ପୁନଶ୍ଚ ତରଡାପଡା ପଞ୍ଚାୟତରେ କିଛି ସାମ୍ବାଦିକମାନଙ୍କ ନାଁରେ ୨ ହଜାର ଟଙ୍କା ଦାବି କରି ଆଣିଥିବା ଶୁଣିବାକୁ ମିଳୁଛି। ଏହାର ପ୍ରକୃତ ତଥ୍ୟ ସଂଗ୍ରହ କରାଯାଇ ଆଗାମୀ ସଂସ୍କରଣରେ ପ୍ରକାଶ କରିବା ଲାଗି ଉଦ୍ୟମ ଅବ୍ୟାହତ ରହିଛି।

# ଯାତ୍ରା ଓ ସିନେମାକୁ କାହିଁକି ଅନୁମତି ?

**ଜଗତସିଂହପୁର(ସଂପର୍କବାର୍ତ୍ତା):-** କରୋନା ମହାମାରୀ ଓମିକ୍ରନର ସଂକ୍ରମଣ ଓଡିଶା ସମେତ ସମଗ୍ର ଦେଶରେ କାୟା ବିସ୍ତାର ଦ୍ରୁତଗତିରେ କରି ଚାଲିଥିବାରୁ ଶ୍ରୀ ମନ୍ଦରିକୁ ଭକ୍ତଙ୍କ ପ୍ରବେଶ ବନ୍ଦ, ସମସ୍ତ ମନ୍ଦିରକୁ ଭକ୍ତଙ୍କ ପ୍ରବେଶ ମନା, ବିଭାଘର ପାଇଁ ୧୦୦ ଓ ସୁଧି ଘର ପାଇଁ ୩୦ ଲୋକଙ୍କୁ ଅନୁମତି ଦେଇଥିବା ବେଳେ ସିନେମା ହଲ ଓ ଯାତ୍ରା ଅପେରା କରାଯିବା ପାଇଁ ଅନୁମତି କାହିଁକି ଦେଇଛନ୍ତି ବୋଲି ଏ ଅଂଚଳର ବୁଦ୍ଧିଜୀବି ମାନେ ପ୍ରଶ୍ନ କରିଛନ୍ତି। ଯାତ୍ରା ଓ ସିନେମା ହଲରେ ଲୋକମାନଙ୍କୁ କଣ ଓମିକ୍ରନ ଭାଇରସ ସଂକ୍ରମଣ କରିବ ନାହିଁକି ବୋଲି ପ୍ରଶ୍ନ କରିଛନ୍ତ ? ସରକାର ତୁରନ୍ତ ସିନେମା ହଲ ମାଲିକ ମାନଙ୍କର ଋଣ ପାଇଁ ସୁଧଛାଡ କରନ୍ତୁ, ସିନେମା ହଲ କର୍ମଚାରୀ ଏବଂ ଯାତ୍ରା କଳାକାର ମାନଙ୍କୁ ମାସକୁ ୧୦୦୦୦ ଟଙ୍କା ଲେଖାଏଁ ଆର୍ଥିକ ସହାୟତା କରୋନା ମୁକ୍ତ ହେବା ପର୍ଯ୍ୟନ୍ତ ଯୋଗାଇଦେବାକୁ ଜିଲ୍ଲା କୃଷକ ସଂଗଠନର ଉପସଭାପତି ଶିକ୍ଷାବିତ୍ ଦିଲ୍ଲୀପ କୁମାର ରଥ, ଜିଲ୍ଲା କୃଷକ ସଂଗଠନର ସମ୍ପାଦକ ଇଂ ବାବାଜୀ ଜେନା, ସମାଜସେବୀ ପାର୍ଥସଖା ପାଲଟା ସିଂହ, ସମାଜସେବୀ ବିଜନ ମହାପାତ୍ର, ଯୁବ ସମାଜସେବୀ ମାନସ ନାୟକ, ସମାଜସେବୀ ପ୍ରଭୁଦତ୍ତ ମହାନ୍ତି, ସମାଜସେବୀ ପ୍ରକାଶ ଜେନା, ସମାଜସେବୀ ପ୍ରଭାକର ମହାପାତ୍ର ପ୍ରମୁଖ ସରକାରଙ୍କ ନିକଟରେ ଦାବି କରିଛନ୍ତି।

# କିଶନନଗର ଥାନା ଅଞ୍ଚଳରେ ସାହୁକାର ‘କବି’ ଟଙ୍କା ସୁଧ ଦେଇ ହଇରାଣ ହରକତ କରୁଛି !

**କିଶନନଗର(ସଂପର୍କବାର୍ତ୍ତା):-** କିଶନନଗର ଥାନା ଅନ୍ତର୍ଗତ ସାହୁକାର ‘କବି’ ନାମଧାରୀ ଜନୈକ ବ୍ୟକ୍ତି ବେଆଇନ୍ ଭାବେ ସୁଧ କାରବାର କରି ସ୍ଥାନୀୟ ଅଞ୍ଚଳରେ ସାଧାରଣ ଓ ଗରିବ ଶ୍ରେଣୀର ଲୋକଙ୍କୁ ହଇରାଣ ହରକତ କରିବା ସହିତ ମହିଳାମାନଙ୍କ ଇଜ୍ଜତ ଉପରେ ଦୃଷ୍ଟି ପକାଇ ଆସୁଥିବା ନେଇ ଶୁଣିବାକୁ ମିଳୁଛି। ବେଆଇନ୍ ସୁଧ କାରବାର କରୁଥିବା କବିକୁ ପୋଲିସ୍ ଅନୁସନ୍ଧାନ କରି ତୁରନ୍ତ ତାଙ୍କ ବିରୁଦ୍ଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବାକୁ ସାଧାରଣରେ ପୋଲିସ୍‌କୁ ଅନୁରୋଧ କରାଯାଉଛି। କେଉଁ ଆଇନ୍ ବଳରେ ସାଧାରଣ ଲୋକଙ୍କୁ ସାହାଯ୍ୟ କରିବା ବାହାନାରେ ବେଆଇନ୍ ସୁଧ କାରବାର ତଥା ୧୦୦ ଟଙ୍କାରେ ମାସିକ ୧୦ ଟଙ୍କା ସୁଧ ଆଦାୟ କରୁଥିବା ଅଭିଯୋଗ ହେଉଛି। ଧାର୍ଯ୍ୟ ସମୟରେ ସୁଧ ଦବାରେ



ହିତାଧିକାରୀ ବ୍ୟତିକ୍ରମ କଲେ ମଧ୍ୟରାତ୍ରିରେ ସାହୁକାର ତା'ର ପତ୍ନିକୁ ସାଥିରେ ଧରି କବାଟ ବାଡେଇ ହଇରାଣ ହରକତ କରୁଥିବା ଅଭିଯୋଗ ହେଉଛି। ଏପରିକି ପତ୍ନି ବାହାର ଛିଡା ହୋଇଥିବା ବେଳେ ଘର ଭିତରେ ସ୍ୱାମୀ ତଥା ସାହୁକାର ଅବାଧ ପ୍ରବେଶ କରି ପରିବାରର ମହିଳାଙ୍କ ପ୍ରତି ଲୋଲୁପ ଦୃଷ୍ଟିପକାଇ ଟଣାଓଟରା କରୁଥିବା କୁହାଯାଉଛି। ତୁରନ୍ତ ସାହୁକାରକୁ ପୋଲିସ୍ ତଦନ୍ତ ପରିସରକୁ ନେବାକୁ ସାଧାରଣରେ ଅନୁରୋଧ କରାଯାଉଛି।

# ତିତିରାରେ ବିଜେଡିର ସାଙ୍ଗଠନିକ ବୈଠକ

**ଜଗତସିଂହପୁର(ସଂପର୍କବାର୍ତ୍ତା):-** ଜଗତସିଂହପୁର ଜିଲ୍ଲା ବାଲିକୁଦା ବ୍ଲକର ତିତିରା ପଞ୍ଚାୟତର ବିଜେଡି କର୍ମୀ ମାନଙ୍କୁ ନେଇ ଏକ ପଞ୍ଚାୟତ ସ୍ଥରୀୟ କର୍ମୀ ବୈଠକ ବେଗୁନିଆ ସ୍ଥିତ ଶ୍ରୀ ଶ୍ରୀ ସିଦ୍ଧ ବାନାମ୍ବରଙ୍କ ପୀଠରେ ବୈରାଗୀ ପ୍ରଧାନଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ଏହି ବୈଠକରେ ବ୍ଲକ ସଭାପତି ରତ୍ନାକର ନାୟକ ଙ୍କ ତତ୍ତ୍ୱାବଧାନରେ ଏକ ୯ ଜଣିଆ ପ୍ରତିନିଧି ମଣ୍ଡଳୀ ପର୍ଯ୍ୟବେକ୍ଷକ ଆଇନଜୀବୀ ପ୍ରକାଶ ଚନ୍ଦ୍ର ପ୍ରଧାନ , ସରୋଜ ମହାପାତ୍ର , ଭୀମସେନ ମୁଦୁଲି , ଗୌରାଙ୍ଗ ଚରଣ ଦାସ , ଜଟାଧାରୀ ଦାସ ଏହି ବୈଠକରେ ପହଞ୍ଚି ଆସନ୍ତା ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନକୁ କିଭଳି ଭାବରେ ପରିଚାଳନା କରାଯିବ ଏବଂ ପଞ୍ଚାୟତ ନିର୍ବାଚନ ପାଇଁ ପାର୍ଥୀ ମାନଙ୍କୁ ଚୟନ ପ୍ରକ୍ରିୟା ସମ୍ପର୍କରେ ବକ୍ତବ୍ୟ ପ୍ରଦାନ କରିଥିଲେ । ଏହି ବୈଠକରେ ତିତିରା ପଞ୍ଚାୟତର ବିଜୁ ଜନତା ଦଳ ତରଫରୁ ସରପଞ୍ଚ ପଦବୀ ପାଇଁ ଦୁଇ ଜଣ ଆଶାୟୀ ପାର୍ଥୀ ପ୍ରଣତୀ ମଞ୍ଜରୀ ସାଇଁ ଓ ଗୋଲାପ ରାଉତ ରହିଥିଲା ବେଳେ ସମିତି ସଭ୍ୟ ପାଇଁ ଆଶାୟୀ ପାର୍ଥୀ ଜୟୀରାମ ଦାସ , ଜଟାଧାରୀ ବେହେରା ଓ ଭ୍ରମରବର ସାହୁ ପାର୍ଥୀ ପାଇଁ ଆବେଦନ କରିଥିଲେ । ଏହି ବୈଠକରେ ଏକାଧିକ ଆଶାୟୀ ପାର୍ଥୀ ରହିଥିବାରୁ ପାର୍ଥୀ ଚୟନ କରାଯାଇନପାରିବାରୁ ଦଳର ମୁଖ୍ୟ ବାଲିକୁଦା-ଏରସମା ବିଧାୟକ ତଥା ରାଜ୍ୟ ଜଳସମ୍ପଦ ସୂଚନା ଓ ଲୋକସମ୍ପର୍କ ମନ୍ତ୍ରୀ ରଘୁନନ୍ଦନ ଦାସଙ୍କ ସହିତ ଘଟଣା ସମ୍ପର୍କରେ ଆଲୋଚନା କରାଯାଇ ଚୂଡାନ୍ତ ପାର୍ଥୀ ମାନଙ୍କର ନାମ ଘୋଷଣା କରାଯିବ ବୋଲି ପ୍ରତିନିଧି ମଣ୍ଡଳୀ ଜନସାଧାରଣଙ୍କ ନିକଟରେ ପ୍ରତିଶ୍ରୁତି ଦେଇଥିଲେ । ଏହି ବୈଠକରେ ତିତିରା ପଞ୍ଚାୟତର ବିଜୁ ଜନତା ଦଳର ଦଳୀୟ କର୍ମୀ ସୁଶାନ୍ତ କୁମାର ନାୟକ , ଗଙ୍ଗାଧର ବେହେରା , ସୁଧାଂଶୁ ଶେଖର ବେହେରା , ରବୀନ୍ଦ୍ର ରାଉତ , ନିରଞ୍ଜନ ବେହେରା , ରାମଚନ୍ଦ୍ର ବିଶ୍ୱାଳ , ରଞ୍ଜନ ଦାସ ପ୍ରମୁଖଙ୍କ ସହିତ ବହୁ ଦଳୀୟ କର୍ମୀ ଏହି ବୈଠକରେ ଯୋଗଦେଇଥିଲେ।


ଯୋଗାଯୋଗ ପ୍ରତିନିଧି- ରାଜ୍ୟ ପ୍ରତିନିଧି-୯୪୩୭୦୨୩୩୮୦(ରାମଚନ୍ଦ୍ର ମହାନ୍ତି), ଭୁବନେଶ୍ୱର-୯୫୮୩୭୮୩୩୫୧(ପରମେଶ୍ୱର ଦାଶ), କଟକ-୯୪୩୭୬୨୮୪୩୯(ତପନ ମହାନ୍ତି), ଜଗତସିଂହପୁର-୯୭୭୭୪୩୧୯୫୯(ଅକ୍ଷୟ କୁମାର ବେହେରା), ଜଗତସିଂହପୁର ବ୍ଲକ/ମ୍ୟୁନିସିପାଲିଟି-୯୩୩୭୦୯୨୮୧୭(ପବିତ୍ର କୁମାର ଦାଶ)



ବି.ଦ୍ର- ସମ୍ବାଦ ପରିବେଷଣ କରୁଥିବା ସାମ୍ବାଦିକ ପ୍ରକାଶିତ ସମ୍ବାଦ ପାଇଁ ଉତ୍ତରଦାୟୀ ରହିବେ । ପ୍ରକାଶକ ଓ ସମ୍ପାଦକ ନୁହଁନ୍ତି ।

All disputes relating to any news item published shall be subject to the Jurisdiction of Jagatsinghpur court/s.

ପ୍ରକାଶିତ ସମ୍ବାଦ ବାବଦରେ ଯେକୌଣସି ବିବାଦ ସମ୍ବନ୍ଧୀୟ ମାମଲା କେବଳ ଜଗତସିଂହପୁରସ୍ଥିତ ଅଦାଲତରେ କରାଯାଇ ପାରିବ ।



Printed , Published & owned by Rama Chandra Mohanty Printed at Mayur Offset Printers, Plot No. D-1/1, Sector-A, Zone-D, Mancheswar Industrial Estate, Bhubaneswar-751010, Dist-Khurda (Odisha) and Published at Panisalia, Jagatsinghpur, Odisha, City Office : AT- SANJUKTA BHAWAN, PLOT NO. 48/992 , MAHATAB ROAD, OLD TOWN, BHUBANESWAR-751002, ODISHA



● Editor : Rama Chandra Mohanty Mob- 9437023380, 7978875473 Email : samparkabarta1@gmail.com

ସଂପାଦକ : ରାମଚନ୍ଦ୍ର ମହାନ୍ତି

News Editor: Akshaya Kumar Behera